بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସଂଖ୍ୟା 14-15

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

07-14 ଏପ୍ରିଲ୍ 2022 07-14 ଶାହାଦତ୍ 1401 ହି.ଶ 05-12 ରମ୍‌ଜାନ୍ 1443 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

شَہۡرُ رَمَضَانَ الَّذِیۡۤ اُنۡزِلَ فِیۡہِ الۡقُرۡاٰنُ

ہُدًی لِّلنَّاسِ وَبَیِّنٰتٍ مِّنَ الۡہُدٰی وَالۡفُرۡقَانِ ۚ

فَمَنۡ شَہِدَ مِنۡکُمُ الشَّہۡرَ فَلۡیَصُمۡہُ (البقرۃ:186)

ଅନୁବାଦ- ରମଜାନ ମାସ ହେଉଛି ସେହି ମାସ ଯହିଁରେ (ପବିତ୍ର) କୋରାନ୍ ଅବତୀର୍ଣ୍ଣ ହୋଇଅଛି; ଯାହା ସମସ୍ତ ଲୋକମାନଙ୍କ ପାଇଁ ସତ୍‌ପଥ (ରୂପେ ପ୍ରେରିତ) ହୋଇଅଛି, ଏବଂ ଯହିଁରେ ପ୍ରକାଶ୍ୟ ପ୍ରମାଣମାନ ରହିଅଛି; (ଏପରି ପ୍ରମାଣମାନ) ଯାହା ସତ୍‌ପଥ ପ୍ରଦର୍ଶିତ କରେ ଏବଂ ତତ୍‌ସଙ୍ଗେ (ପବିତ୍ର କୋରାନରେ) ଅଲ୍ଲାଃଙ୍କର ନିଦର୍ଶନମାନ ମଧ୍ୟ ରହିଅଛି; ସୁତରାଂ ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ଏହି ମାସରେ (ପୀଡ଼ିତ ବା ଯାତ୍ରୀ ନଥାଇ ଗୃହରେ) ଉପସ୍ଥିତ ଥିବ, ତା'ପାଇଁ ସେହି ମାସରେ ରୋଜା ରଖିବା ଉଚିତ । *(ସୁରଃ ଅଲ ବକରା: ୧୮୬)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦ୍ଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ଶହରୁ ରମଜାନଲ୍ ଲଜ୍ଜି ଉନ୍‌ଜିଲା ଫିହିଲ୍ କୁର୍‌ଆନୁ** ଆୟତରୁ ରମଜାନ୍ ମାସର ଗୁରୁତ୍ୱ ଏବଂ ମହତ୍ୱ ଜଣାପଡୁଛି । ସୁଫିମାନେ ଉଲ୍ଲେଖ କରିଛନ୍ତି ଯେ ଏହି ମାସଟି ହୃଦୟର ଜ୍ୟୋତି ପାଇଁ ଏକ ଚମତ୍କାରୀ ମାସ,ଏହି ମାସରେ ବହୁ ମାତ୍ରାରେ ମୁକାଶିଫାତ୍ (ଅର୍ଥାତ ଆଧ୍ୟାତ୍ମିକ ରହସ୍ୟ ଉନ୍ମୋଚନ)ହୋଇଥାଏ । ସଲାତ୍ (ଅର୍ଥାତ ନମାଜ୍ ) ମନକୁ ପବିତ୍ର କରିଥାଏ ତଥା ସୌମ୍ (ଅର୍ଥାତ ରୋଜା)ହୃଦୟକୁ ଅଲୋକିତ କରିଥାଏ ।

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ମଗରିବ୍ ନମାଜର କିଛି କ୍ଷଣ ପୂର୍ବରୁ ରମଜାନ୍ ମାସର ଚନ୍ଦ୍ର ଦର୍ଶନ ହେଲା । ହଜରତ୍ ମସିହ୍ ମଉଦ୍ ଆ ସ ମଗରିବ୍ ନମାଜ ପାଠ କରିସାରିବା ପରେ ମସଜିଦ୍ ର ଛାତ ଉପରକୁ ଚନ୍ଦ୍ର ଦର୍ଶନ କରିବା ନିମନ୍ତେ ଗଲେ, ଚନ୍ଦ୍ର ଦର୍ଶନ କଲେ ପୁଣି ମସଜିଦ୍ ଭିତରକୁ ଚାଲିଆସିଲେ ।

ପୁଣି କହିଲେ ଯେ - ବିଗତ ରମଜାନ୍ ଏମିତି ଲାଗୁଛି ଯେମିତି ଗଲା କାଲିର କଥା । **ଶହରୁ ରମଜାନଲ୍ ଲଜ୍ଜି ଉନ୍‌ଜିଲା ଫିହିଲ୍ କୁର୍‌ଆନୁ** ହେଉଛି ଏପରି ଗୋଟିଏ ବାକ୍ୟ, ଯେଉଁଥିରୁ ରମଜାନ୍ ମାସର ଗୁରୁତ୍ୱ ଏବଂ ମହତ୍ୱ ଜଣାପଡୁଛି । ସୁଫିମାନେ ଉଲ୍ଲେଖ କରିଛନ୍ତି ଯେ ଏହି ମାସଟି ହୃଦୟର ଜ୍ୟୋତି ପାଇଁ ଏକ ଚମତ୍କାରୀ ମାସ,ଏହି ମାସରେ ବହୁ ମାତ୍ରାରେ ମୁକାଶିଫାତ୍ (ଅର୍ଥାତ ଆଧ୍ୟାତ୍ମିକ ରହସ୍ୟ ଉନ୍ମୋଚନ)ହୋଇଥାଏ । ସଲାତ୍ (ଅର୍ଥାତ ନମାଜ୍ ) ମନକୁ ପବିତ୍ର କରିଥାଏ ତଥା ସୌମ୍ (ଅର୍ଥାତ ରୋଜା)ହୃଦୟକୁ ଅଲୋକିତ କରିଥାଏ । ତଜକିୟା ନଫ୍ସ (ଅର୍ଥାତ ମନ ପବିତ୍ର ହେବା)ର ଅର୍ଥ ହେଉଛି ନଫସେ ଅମ୍ମାରାଃ (ଅର୍ଥାତ ପାପଶକ୍ତ ମନ)ର ମନ୍ଦ ପ୍ରଲୋଭନରୁ ଦୂରେଇରହିବା । ତଜଲ୍ଲିଏ କଲ୍‌ବ(ଅର୍ଥାତ ହୃଦୟର ଆଲୋକ) ର ଅର୍ଥ ହେଉଛି ଏହା କି କଶଫ୍ ର କବାଟ ତାପାଇଁ ଖୋଲିଯାଉ ଯାହା ସାହାଯ୍ୟରେ ସେ ଈଶ୍ୱରଙ୍କୁ ଦେଖିନେଉ । ଅତଏବ୍ **ଉନ୍‌ଜିଲା ଫିହିଲ୍ କୁର୍‌ଆନ୍** ରେ ଏହି ବିଷୟ ପ୍ରତି ଇସାରା ରହିଛି । ରୋଜାର ପୁରସ୍କାର ହେଉଛି ମହାନ୍ ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ରୋଗ ବ୍ୟାଧି ତଥା (ଅନ୍ୟାନ୍ୟ ବିଶେଷ ଜରୁରୀ)ଉଦ୍ଦେଶ୍ୟ ଗୁଡିକ ମଣିଷକୁ ଏଥିରୁ ବଂଚିତ କରିଦେଉଛି । ମୋର ମନେ ଅଛି ଯେ ଯୌବନ ଅବସ୍ଥାରେ ମୁଁ ଗୋଟିଏ ସ୍ୱପ୍ନରେ ଦେଖିଲି କି ରୋଜା ରଖିବା ହେଉଛି ସୁନ୍ନତେ ଅହଲେ ବୟତ୍ । ମୋ ସପକ୍ଷରେ ଅଲ୍ଲାଃଙ୍କ ପୈଗମ୍ବର କହିଛନ୍ତି - **ସଲମାନୁ ମିନ୍ନା ଅହଲଲ୍ ବୟେତ୍** ସଲମାନ୍ ଅର୍ଥାତ ସୁଲହାନ୍ ଯାହାର ଅର୍ଥ ହେଉଛି, ଏପରି ଜଣେ ବ୍ୟକ୍ତି ଯାହାଙ୍କ ହାତରେ ଦୁଇଟି ସୁଲାହ୍ ହେବ । ଗୋଟିଏ ଆଭ୍ୟନ୍ତରୀଣ ଓ ଆଉ ଗୋଟିଏ ହେଉଛି ବାହ୍ୟ । ସେ ଏହି କାମ ନମ୍ରତା ର ସହିତ କରିବ ନା କି ତରବାରୀ ର ଜୋର୍ ଦେଖାଇ । ମୁଁ ହୁସୈନ୍‌ଙ୍କ ପଥରେ ନାହିଁ ଯେ ଯୁଦ୍ଧ କରିବି ବରଂ ହସନ୍‌ଙ୍କ ପଥରେ ରହିଛି ,ଯିଏ ଯୁଦ୍ଧ କରିନଥିଲେ । ମୁଁ ଭାବିଲି ଯେ ଏହା ରୋଜା ପ୍ରତି ଇଙ୍ଗିତ କରାଯାଇଛି । ତେଣୁ ମୁଁ ଛଅ ମାସ ପର୍ଯ୍ୟନ୍ତ ରୋଜା ରଖିଲି । ଏହି ଅବଧି ମଧ୍ୟରେ ମୁଁ ଦେଖିବାକୁ ପାଇଲି ଯେ ଅନ୍‌ଓ୍ୱାର୍ (ଅର୍ଥାତ ଜ୍ୟୋତି ଗୁଡିକର) ସ୍ତମ୍ଭମାନ ଆକାଶ ଆଡକୁ ଯାଉଛନ୍ତି । ଏ ବିଷୟ ସନ୍ଦେହ ରେ ରହିଗଲା ଯେ ସେହି ସ୍ତମ୍ଭ ଗୁଡିକ ପୃଥିବୀରୁ ବାହାରି ଆକାଶ ଆଡକୁ ଯାଉଥିଲା ବା ମୋ ହୃଦୟ ଭିତରୁ ବାହାରୁଥିଲା । କିନ୍ତୁ ଏହା ସବୁ କିଛି ଯୌବନାବସ୍ଥାରେ ହୋଇପାରିଥାନ୍ତା , ଏବଂ ଯଦି ସେ ସମୟରେ ମୁଁ ଚାହିଁଥାନ୍ତି ତାହେଲେ ଚାରି ବର୍ଷ ପର୍ଯ୍ୟନ୍ତ ରୋଜା ରଖିପାରିଥାନ୍ତି ।

*(ମଲଫୁଜାତ୍ ଗ୍ରନ୍ଥ ଖଣ୍ଡ- ୩ ପୃ-୪୨୪ ମୁଦ୍ରିତ କାଦିଆନ୍ ୨୦୧୮)*

⌘⌘⌘⌘⌘⌘⌘⌘⌘⌘⌘

## ନବୀ ସ:ଆ:ସଙ୍କ ବାଣୀ

### ରମ୍‌ଜାନ୍‌ର ଶ୍ରେଷ୍ଠତ୍ୱ

**(୧୮୯୮)** ହଜରତ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଛନ୍ତି:- ଯେବେ ରମ୍‌ଜାନ୍ ମାସ ଆସେ ସେତେବେଳେ ଜନ୍ନତ ଅର୍ଥାତ ବୈକୁଣ୍ଠର ଦ୍ୱାରକୁ ଖୋଲି ଦିଆଯାଏ ।

(୧୮୯୯) ହଜରତ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଛନ୍ତି:- ଯେବେ ରମ୍‌ଜାନ୍ ମାସ ଆସିଥାଏ, ସେତେବେଳେ ଆକଶର ଫାଟକ ଖୋଲି ଦିଆଯାଏ ଓ ନର୍କର ଫାଟକକୁ ବନ୍ଦ କରି ଦିଆଯାଇଥାଏ ଏବଂ ଶୈତାନ୍‌ମାନଙ୍କୁ ବାନ୍ଧି ଦିଆଯାଏ ।

(୧୯୦୧) ହଜରତ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଛନ୍ତି:- ଯେ କେହି ବି ଲୈଲତୁଲ୍ କଦର୍ ଉପରେ ବିଶ୍ୱାସ/ଆସ୍ଥା ରଖି ପୂଣ୍ୟ ଅର୍ଜନ କରିବା ନିୟତ ରଖି ଉପାସନା କରିବା ନିମନ୍ତେ ଛିଡ଼ା ହୁଏ, ତାହାର ପୂର୍ବ ତଥା ପରବର୍ତ୍ତୀ ପାପ ସବୁ କ୍ଷମା କରିଦିଆଯିବ ଏବଂ ଯେ କେହି ରମ୍‌ଜାନ୍‌ର ରୋଜା ବିଶ୍ୱାସର ସହିତ ପୂଣ୍ୟ ଅର୍ଜନ କରିବା ନିୟତରେ ରଖିବ ତା'ର ପୂର୍ବ ଓ ପରବର୍ତୀ ପାପମାନ ସବୁକୁ କ୍ଷମା କରି ଦିଆଯିବ ।

*(ସହି ବୁଖାରୀ, ଖଣ୍ଡ-୩, କିତାବୁସ୍ ସୌମ୍, ମୁଦ୍ରିତ କାଦିଆନ୍ ୨୦୦୮)*

⌘⌘⌘⌘⌘⌘⌘⌘⌘⌘⌘

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......

ଥିଲେ । ତାଙ୍କ ପଛରେ ତାଙ୍କର ପାଂଚ ଜଣ ପୁଅ ଏବଂ ତିନି ଜଣ ଝିଅ ଅଛନ୍ତି । ଇଫତେଖାର୍ ଅହମଦ୍ ଗୋନ୍ଦଲ ସାହେବ ମୁରବୀ ସିଲସିଲା ସିରିୟାଲିଓନ୍ ହେଉଛନ୍ତି ତାଙ୍କର ପୁତ୍ର । ସେ ଫଓାଦ୍ ଅହମଦ୍ ଗୋନ୍ଦଲ ସାହେବ ମୁରବୀ ସିଲସିଲା ଙ୍କ ଜେଜେ ମା ଥିଲେ । ଏତଦ୍ ବ୍ୟତୀତ ତାଙ୍କ ଖାନଦାନ୍ ରେ ନାତି ନାତୁଣୀମାନଙ୍କ ମଧ୍ୟରେ ଆହୁରି ଅନେକ ମୁରବୀ ସିଲସିଲା ତଥା ୱାକିଫିନେ ଜୀନ୍ଦେଗୀ ଅଛନ୍ତି । ଅଲ୍ଲାଃ ତାଲା ମରହୁମ ଙ୍କ ଉପରେ ଦୟା କରନ୍ତୁ ଏବଂ ତାଙ୍କ ସହିତ କ୍ଷମା ଆଚରଣ କରି ତାଙ୍କର ଦୋଷଦୃବଳତା ଉପରେ ପରଦା ପକାଇ ଦିଅନ୍ତୁ । ସେହିଭଳି ତାଙ୍କର ସମସ୍ତ ଦୁଆ (ପ୍ରାଥନା ) ତାଙ୍କ ଉତର ପୀଢି ପାଇଁ କୁବୁଲ୍ ଅର୍ଥାତ୍ ଗ୍ରହଣୀୟ କରନ୍ତୁ ।

ଦ୍ୱିତୀୟ ଜଣକ ହେଉଛନ୍ତି ମରହୁମ୍ (ମୃତକ) ମୀର୍ ଅବଦୁଲ୍ ଓହୀଦ୍ ସାହେବ୍ । ତାଙ୍କର ଦେହାନ୍ତ ୧୨/୧୩ ଯାନୁୟାରୀ ମଧ୍ୟରାତ୍ର ରେ ହୋଇଯାଇଅଛି । ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହି ରାଜେଉନ୍ । ତାଙ୍କର ବୟସ ୫୮ ବର୍ଷ ହୋଇଥିଲା । ତାଙ୍କ ପରିବାରରେ ଅହେମଦିୟତ୍ ତାଙ୍କ ଅଣଜେଜେ ମୀର୍ ଅହମଦ୍ ଦୀନ୍ ସାହିବ୍ଙ୍କ ଜରିଆରେ ଆସିଥିଲା । ସେ ହଜରତ୍ ଖଲିଫତୁଲ୍ ମସିହ୍ ଅୱ୍ୱଲ୍ (ପ୍ରଥମ)ର.ଅ ଙ୍କ ଖିଲାଫତ୍ ସମୟରେ ୧୯୧୧ ମସିହାରେ ଅହେମଦିୟତ୍ ଗ୍ରହଣ କରିଥିଲେ । ସେ ନିଜ ପରିବାରରେ ଏକାକୀ ଅହେମଦୀ ଥିଲେ । ସେହିପରି ତାଙ୍କ ଅଜାଘର ତରଫରୁ ଅହେମଦିୟତ୍ ତାଙ୍କ ଅଜା ହଜରତ୍ ଶେଖୁଲ୍ଲାଃ ବଖଶ୍ ସାହେବ୍ ର.ଅ ବନ୍ନୁ ନୀବାସୀ ଙ୍କ ଜରିଆରେ ଆସିଥିଲା । ମୀର୍ ଅବଦୁଲ୍ ଓହୀଦ୍ ସାହେବ୍ ଙ୍କ ଦାଦା (ଜେଜେ)ଙ୍କ ନାମ ଅବଦୁଲ୍ କରିମ୍ ଥିଲା । ତାଙ୍କୁ ତବଲିଗ୍ କରିବାର ବହୁତ ସଉକ ଥିଲା । ସେଥିଯୋଗୁଁ ପେଶାଓରରେ ତାଙ୍କ ଦାଦା (ଜେଜେ)ଙ୍କ ନାମ ଅବଦୁଲ୍ କରିମ୍ ଭାବରେ ପ୍ରଶିଦ୍ଧ ହୋଇଯାଇଥିଲା । ସେ ନିଜସ୍ୱ ଅଧ୍ୟୟନ ବହୁ ମାତ୍ରାରେ କରୁଥିଲେ । ନିଜର ଗୋଟିଏ ଲାଇବ୍ରେରୀ ତିଆରିକରିଥିଲେ । ୧୯୭୪ ମସିହାରେ ଯେବେ ଆସେମ୍ବଲିରେ ଖଲିଫତୁଲ୍ ମସିହ୍ ତୃତୀୟଙ୍କ ନେତୃତ୍ୱରେ ଗୋଟିଏ ପ୍ରତିନିଧି ମଣ୍ଡଳ ପେଶ୍ ହେଉଥିଲା ,ସେତେବେଳେ କିଛି ଦୁର୍ଲଭ ପୁସ୍ତକର ଆବଶ୍ୟକ ପଡିଲା, ଯାହା ତାଙ୍କ ଲାଇବ୍ରେରୀରୁ ହିଁ ମିଳିଲା । ତାଙ୍କ ଭିଣୋଇ ଏ ରିଓାୟତ୍ କରିଛନ୍ତି । ୯ ସେପ୍ଟେମ୍ବର୍ ୨୦୨୦ ମସିହାରେ ତୌହିନେ ରିସାଲତ୍ (ଅର୍ଥାତ୍ ଆଁ ହଜରତ୍ ସ ଆ ସ ଙ୍କୁ ଅପମାନ କରିବାର ମିଥ୍ୟାରୋପ) ଲଗାଯିବା ଯୋଗୁଁ ସି-୨୯୫ ଦଫା ଅନ୍ତର୍ଗତ ମୀର୍ ଅବଦୁଲ୍ ଓହୀଦଙ୍କ ପରିବାର ଖିଲାଫରେ ମୋକଦମା ଲଗାଇଦିଆଗଲା । ମୁଲ୍ଲାମାନେ ତଥା ସାଧାରଣ ଲୋକମାନେ ବି ତାଙ୍କ ଘରକୁ ଘେରିରହିଥିଲେ । କିନ୍ତୁ ପୋଲିସ୍ ତାଙ୍କ ପରିବାରକୁ କୌଣସି ପ୍ରକାରେ ବାହାରକୁ ବାହାର କରି ନେଇଆସିଲା ଓ ରାଓଲପେଣ୍ଡି ରେ ପହଚାଂଇଦେଲା । କିଛିଦିନ ପରେ ରାଓଲପେଣ୍ଡିଠାରେ ଥିବା ତାଙ୍କ ଘରେ ରାତି ସମୟରେ ଛାପା ମାରିକି ପୋଲିସ ତାଙ୍କ ପୁଅ ମୀର ୍ ଅବଦୁଲ୍ ମଜିଦ୍ ସାହେବ୍ଙ୍କୁ ଗିରଫ କରିନେଲା ।

ଅଲ୍ଲାଃ ତାଲା ମୀର ୍ ଅବଦୁଲ୍ ଓହିଦ୍ ସାହେବ୍ଙ୍କୁ ଦୁଇଜଣ ପୁତ୍ର ସନ୍ତାନ ଓ ଗୋଟିଏ କନ୍ୟା ସନ୍ତାନ ପ୍ରଦାନ କରିଥିଲେ । ତାଙ୍କର ପୁତ୍ର ମୀର ୍ ଅବଦୁଲ୍ ମଜିଦ୍ ସାହେବ୍ଙ୍କୁ ପୋଲିସ୍ ଗିରଫ କରିନେଇଥିଲା । ସେ ଏପର୍ଯ୍ୟନ୍ତ ଅସୀରେ ରାହେ ମୌଲା ଅର୍ଥାତ ଅଲ୍ଲାଃଙ୍କ ମାର୍ଗରେ, ଅଲ୍ଲାଃଙ୍କ ଖାତିର୍ ଜେଲ୍ ଦଣ୍ଡ ଭୋଗୁଛନ୍ତି । ଜେଲରେ ଥିବା ଯୋଗୁଁ ସେ ତାଙ୍କ ବାପାଙ୍କ ଅନ୍ତ୍ୟେଷ୍ଟି କ୍ରୀୟାରେ ସାମିଲ୍ ହୋଇପାରିଲେ ନାହିଁ । ଅଲ୍ଲାଃ ତାଲା ମରହୁମ୍ଙ୍କ ଉପରେ ଦୟା କରନ୍ତୁ ଓ ମୃତକଙ୍କୁ କ୍ଷମା ପ୍ରଦାନ କରନ୍ତୁ ଓ ତାଙ୍କ ପରିବାରର ଲୋକମାନଙ୍କୁ ଧୌର୍ଯ୍ୟ ପ୍ରଦାନ କରନ୍ତୁ ଓ ତାଙ୍କର ଯେଉଁ ପୁଅ ଜେଲରେ ଅଛନ୍ତ, ଯାହାଙ୍କ ବୟସ କେବଳ ୨୦ ହେବ, ଅଲ୍ଲାଃ ତାଲା ତାଙ୍କର ସେହି ପୁଅକୁ ଯଥାଶୀଘ୍ର ଜେଲରୁ ମୁକୁଳାଇ ଦିଅନ୍ତୁ ।

ତୃତୀୟ ମୃତକ ହେଉଛନ୍ତି ଶ୍ରୀମାନ୍ ସୟଦ୍ ଓକାର୍ ଅହମଦ୍ ସାହେବ୍ ଆମେରିକା ନିବାସୀଙ୍କର । ୧୭ ଯାନୁୟାରୀ ଦିନ ୫୮ ବର୍ଷ ବୟସରେ ହୃଦଘାତ ଯୋଗୁଁ ତାଙ୍କର ଦେହାନ୍ତ ହୋଇଯାଇଅଛି ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହି ରାଜେଉନ୍ । ତାଙ୍କର ପତ୍ନୀ ହଜରତ୍ ମିର୍ଜା ବଶୀର୍ ଅହେମଦ୍ ସାହେବ ର ଅ ଙ୍କ ଅଣନାତୁଣୀ ଅର୍ଥାତ ତାଙ୍କ ନାତିଙ୍କ ଝିଅ ଏବଂ ହଜରତ୍ ମିର୍ଜା ଶରିଫ୍ ଅହେମଦ୍ ର ଅ ଙ୍କ ପୌତ୍ରୀଙ୍କ ଝିଅ ଅଟନ୍ତି । ଏ ଦୃଷ୍ଟିକୋଣରୁ ତାଙ୍କର ସମ୍ବନ୍ଧ ହଜରତ ମସିହ୍ ମଉଦ୍ ଆ ସ ଙ୍କ ପରିବାର ସହିତ ମିଶିଯାଉଛି । ତାଙ୍କର ବିବାହ ଶାହ୍ ସାହେବ୍ଙ୍କ ଘରେ ହେଲା । ଏହି ପରିବାରରେ ଓକାର୍ ଅହମଦ୍ ଶାହ୍ ସାହେବଙ୍କ ଦାଦା (ଜେଜେ) ସୟଦ୍ ଡାକ୍ତର ଜହୁର୍ ଶାହ୍ ସାହେବ୍ ଙ୍କୁ ରିଟାଏର୍ଡ୍ କରିବା ପରେ ଓକଫ୍ କରିବାର ସୌଭାଗ୍ୟ ମିଳିଥିଲା । ଫିଜି ଦେଶରେ ଖିଲାଫତେ ସାଲିସା (ତୃତୀୟ) ସମୟରେ ମୁବଲ୍ଲିଗ୍ ଭବରେ କିଛିକାଳ ରହିଥିଲେ । ପୁଣି ରବଓାରେ ମଧ୍ୟ ସେବାକାର୍ଯ୍ୟ କରିବାର ସୌଭାଗ୍ୟ ମିଳିଛି । ଜମାଅତ୍ ସହିତ ତଥା ଖିଲାଫତ୍ ସହିତ ନିଷ୍ଠା ଓ ଆନ୍ତରିକତା ରଖିଥିବା ପରିବାର ଅଟେ ।
ଅଟେ ।

ତାଙ୍କ ପତ୍ନୀ ଶାଜିୟା ଖାନ୍ ବୟାନ୍ ଦେଇଛନ୍ତି ଯେ ହଜରତ୍ ଖଲିଫତୁଲ୍ ମସିହ୍ ରହେମହୁଲ୍ଲାଃ ତାଲା ମତେ ଏହି ବିବାହ ପ୍ରସ୍ତାବ ନିମନ୍ତେ ଦୁଆ କରିବା ପାଇଁ କହିଲେ । ଦୁଆ କରିବା ପରେ ଯେବେ ମୁଁ ଏହି ପ୍ରସ୍ତାବ ରେ ରାଜି ହେଲି,ତାପରେ ହଜରତ୍ ଖଲିଫତୁଲ୍ ମସିହ୍ ରହେମହୁଲ୍ଲାଃ ତାଲା ଏହି ବିବାହ ପ୍ରସ୍ତାବକୁ ମଞ୍ଜୁର୍ କଲେ । ଅର୍ଥାତ ହଜରତ୍ ଖଲିଫତୁଲ୍ ମସିହ୍ ରହେମହୁଲ୍ଲାଃ ତାଲା ଏହି ପ୍ରସ୍ତାବ(ବନ୍ଧୁ)ପେଶ୍ କରି ଥିଲେ । ପୁଣି ସେ ଲେଖିଛନ୍ତି ଯେ ଓକାର୍ ସାହେବ୍ ୩୩ ବର୍ଷର ବୈବାହିକ ଜୀବନରେ ମୋ ଆଙ୍ଗୁଳି ଧରି ମତେ ଚଲାଇଛନ୍ତି । ପ୍ରତ୍ୟେକ କଥା ପ୍ରତ୍ୟେକ ଆବଶ୍ୟକତାର ଧ୍ୟାନ ରଖିଥିଲେ । ଜଣେ ଅନୁପମ ବାପା ଥିଲେ । ନିଜ ପାଇଁ କେବେ ବି କିଛି କରିନାହାନ୍ତି । ଅତି ସାଧାସିଧା ସରଳ ମଣିଷ ଥିଲେ । ନିଜର କିଛି ବି ଅଭିଳାଷା ନଥିଲା । ଯଦି କିଛି ଥିଲା, ସେ ତାହା ନିଜ ଘର ଲୋକମାନଙ୍କ ପାଇଁ ଉତ୍ସର୍ଗ କରିଦେଉଥିଲେ । ମୋ ପାଇଁ ସବୁଠାରୁ ସୁନ୍ଦର ଦିନ ସେହି ଦିନ ଥିଲା ଯେବେ ସେ ବହୁତ ଗର୍ବର ସହିତ ଜଣକୁ ଏହା କହୁଥିଲେ ଯେ ମୁଁ ମସଜିଦ୍ ଯାଉଛି,ନିଜର ଅହଦ୍ ଶପଥ/ପ୍ରତିଜ୍ଞା ଦୋହରାଉଛି ଏବଂ ମୋ ପାଇଁ ଏହି ଶପଥ/ପ୍ରତିଜ୍ଞାକୁ ପାଳନ କରିବାଠାରୁ ଆଉକିଛି ଅଧିକା ଆବଶ୍ୟକ ନାହିଁ । ପ୍ରତ୍ୟେକ ଜିନିଷକୁ ମୁଁ ଏହି ଶପଥ/ପ୍ରତିଜ୍ଞା ପାଇଁ ଉତ୍ସର୍ଗ କରିପାରେ । ହଜୁର୍ ଅନଓର୍ ଅ ବ ଅ କହିଲେ -ଏହା କେବଳ କଥା ନୁହେଁ ବରଂ ମୁଁ ଏହା ଦେଖିଛି । ମୁଁ ଜାଣଛି ଯେ ତାଙ୍କ ପାଇଁ ବହୁତ ବଡ ପରୀକ୍ଷା ଆସିଥିଲା,ସେତେବେଳେ ସେ ତାହାକୁ ଅର୍ଥାତ ସେହି ଅହଦ୍ (ଶପଥ/ପ୍ରତିଜ୍ଞା)କୁ ପାଳନ କରିଛନ୍ତି । ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବାପାଂଇ ସେ ଯେଉଁ ଅହଦ୍ (ଶପଥ/ପ୍ରତିଜ୍ଞା)କରିଥିଲେ,ସେ ତାହା ପାଳନ କରୁଥିଲେ । ତାହାକୁ ପୂରଣ କରୁଥିଲେ ଏବଂ ଏଥିସକାଶେ ନିଜର କୌଣସି ବନ୍ଧୁ ବାନ୍ଧବଙ୍କର ବି ସେ ପରବାଏ କରିନାହାନ୍ତି । ଖିଲାଫତ୍ର ଆଜ୍ଞା ପାଳନରୁ ସେ କେବେ ବି ବାହାରେ ପାଦ ରଖିନାହାନ୍ତି ।

ପୁଣି ତାଙ୍କ ପତ୍ନୀ କହୁଛନ୍ତି ଯେ ସେ ଯେଉଁ କଥାକୁ ବୁଝି ପାରୁନଥିଲେ , ତାହାର ବି ଆଜ୍ଞା ପାଳନ କରୁଥିଲେ ଯେ ଆମର କାମ ହେଉଛି ଆଜ୍ଞା ପାଳନ କରିବା । ସେ ଅତ୍ୟନ୍ତ କୃତଜ୍ଞ୍ୟ ବ୍ୟକ୍ତି ଥିଲେ ଓ ପୁଣି ତାଙ୍କ ପତ୍ନୀ କହୁଛନ୍ତି ଯେ ସେ ଏଥିପ୍ରତି ମତେ ସବୁ ସମୟରେ ଉପଦେଶ ବି ଦେଉଥିଲେ । ଆର୍ଥିକ ବଳିଦାନ କରିବାରେ କେବେ ବି ଅବହେଳା କରିନାହାନ୍ତି । ତାଙ୍କ ପୁତ୍ର ଅଜିଜମ୍ ସୟଦ୍ ଆଦିଲ୍ ଅହେମଦ୍ ,ଯିଏ ଏବେ ମୁରବୀ(ମୁବଲ୍ଲିଗ୍) ସିଲସିଲା ଅଛନ୍ତି । ଜାମିୟା ଅହେମଦିୟା କାନାଡା ରୁ ସେ ଶାହୀଦ୍ ଡିଗ୍ରୀ ହାସଲ କରିଛନ୍ତି । ସେ କୁହନ୍ତି -ଅଲ୍ଲାଃ ତାଲାଙ୍କ କୃପାରୁ ମୋ ବାପା ଜଣେ ସାଧା, ସରଳ ଓ ନିଷ୍ପାପର ମଣିଷଟିଏ ଥିଲେ । କେବେ ବି ନିଜ ପାଇଁ ଚିନ୍ତା କରିନାହାନ୍ତି । ସର୍ବଦା ପିଲାମାନଙ୍କର ତଥା ମୋ ମାଆଙ୍କ ଆବଶ୍ୟକତାର ଧ୍ୟାନ ରଖୁଥିଲେ । କୌଣସି ଭଲ ଜିନିଷ କେବେ ବି ନିଜ ପାଇଁ ନେଉନଥିଲେ ବରଂ ଏଇଥି ପାଇଁ ଅନେକ ଥର ତାଙ୍କୁ ମନେପକାଇ ଦିଆଯାଉଥିଲା ଯେ ନିଜ ପାଇଁ ବି କିଛି ଖର୍ଚ୍ଚ କରନ୍ତୁ । ମୁରବୀ ତଥା ଜମାତି ବ୍ୟବସ୍ଥା ପ୍ରତି ବହୁତ ସମ୍ମାନ କରୁଥିଲେ । ତାଙ୍କ ଶ୍ୱଶୂର ମହମୁଦ୍ ଅହମଦ୍ ଖାନ୍ ସାହେବ୍ ଯିଏ ହଜରତ୍ ମିର୍ଜା ବଶୀର୍ ଅହେମଦ୍ ସାହେବ୍ ର ଅ ଙ୍କ ନାତି(ଝିଅଙ୍କ ପୁଅ) ଅଟନ୍ତି ଓ ହଜରତ୍ ନଓାବ୍ ମୁବାରକ୍ ସାହେବା ର ଅଙ୍କ ନାତି(ପୁଅଙ୍କ ପୁତ୍ର)ଅଟନ୍ତି , ସେ ଲେଖିଛନ୍ତି ଯେ -ଓକାର୍ ଅର୍ଥାତ ତାଙ୍କ ଜ୍ୱାଇଁ ଜଣେ ଅତ୍ୟନ୍ତ ଉତମ ଚରିତ୍ରବାନ୍ ତଥା ଜଣେ ଅତିଥିପରାୟଣ ବ୍ୟକ୍ତି ଥିଲେ । ସେ କୁହନ୍ତି ମୁଁ କେବେ ବି ତାଙ୍କ ମଥାରେ ଚିନ୍ତାର ଚିହ୍ନ ଦେଖିନାହିଁ । ଯେତେ ଇଛା ସେତେ ଅତିଥି ବି ଆସିଯାଆନ୍ତୁ ନା କାହିଁକି ଓ ଯିଏ ବି ଆସନ୍ତୁ ନା କାହିଁକି ଏବଂ ତାଙ୍କ ସହିତ କିଛି ବି କଥା ହୋଇଯାଉ ନା କାହିଁକି ସେ କେବେ ବି ତାଙ୍କ ମଥାରେ ଚିନ୍ତାର ଚିହ୍ନ ପ୍ରକାଶ କରୁନଥିଲେ । ପୁଣି ସେ କୁହନ୍ତି ମୋର ମନେ ଅଛି ଆରମ୍ଭରେ ତାଙ୍କ ପୁଅ ଆଦିଲ୍ ଙ୍କର ଯେଉଁ ଅବହେଳା ରହୁଥିଲା ତଥା ଜୀବନରେ ଯାହା କିଛି ବି ଅସାବଧାନତା ହୋଇଯାଉଥିଲା, ସେ ତାକୁ ବାରମ୍ବାର ଟୋକିଦେଉଥିଲେ । କିନ୍ତୁ ଆଦିଲ୍ ଯେତେବେଳେ ନିଜକୁ ଓକ୍ଫ୍ (ଧର୍ମସେବା ପାଇଁ ଉତ୍ସର୍ଗ) କଲେ,ସେତେବେଳେ ଓକାର୍ ସମ୍ପୂର୍ଣ୍ଣ ରୂପେ ବଦଳି ଗଲେ । ପୁଣି ସେହି ପିଲାଟି ତାଙ୍କର ଅଧିକ ପ୍ରୀୟ ହୋଇଗଲା । ସେ ଆଦିଲକୁ ବହୁତ ସମ୍ମାନ ଓ ଆଦର କରିବାକୁ ଲାଗିଲେ ।

ଅବୁଧାବିର ପୂର୍ବତନ ଅମୀର୍ ଜମାଅତ୍ ଶ୍ରୀମାନ୍ ମୁନୀର୍ ଅହେମଦ୍ ସାହେବ୍ ଲେଖିଛନ୍ତି ଯେ ଓକାର୍ ସାହେବ୍ ଅବୁଧାବିରେ ଚାକିରି କରୁଥିଲେ । ଚାକିରି କରିବା ସମୟରେ ସେ ନିଜ ପରିବାରକୁ ପାଖରେ ରଖିଥିଲେ । ସେ ସମୟରେ ତାଙ୍କ ସହିତ ମୋର ଘରୋଇ ସମ୍ପର୍କ ମଧ୍ୟ ସ୍ଥାପନ ହୋଇଥିଲା । ସେ ଜଣେ ବୃତିଗତ ଥିଲେ । ବ୍ୟାଙ୍କରେ କାମକରୁଥିବା ଜଣେ ବ୍ୟାଙ୍କର୍ ଥିଲେ । ତାଙ୍କର ସ୍ୱଭାବ ଅତି ସରଳ ଥିଲା । ନିଜସମ୍ପ୍ରଦାୟ ପ୍ରତି ତଥା ନିଜାମ୍ ପ୍ରତି ଗଭୀର ଆନ୍ତରିକତା ଥିଲା । ସେ ଖିଲାଫତ ସହିତ ମାତ୍ରାଧିକ ପ୍ରେମଭାବ ରଖିଥିଲେ ଏବଂ ଖିଲାଫତର ଆଜ୍ଞା ପଳନ କରିବା ପ୍ରତି ବହୁତ ଉତ୍ସର୍ଗୀ ଥିଲେ । ସେ ପୁଣି କୁହନ୍ତି ଯେ ଆମେରିକା ଯିବା ପର୍ଯ୍ୟନ୍ତ ସେ ନିଜ ଆବାସସ୍ଥଳୀକୁ ଜମାତର ଆବଶ୍ୟକତା ପାଇଁ ଅତି ଖୁସିର ସହିତ ପେଶ୍ କରିଥିଲେ । ତାହା ଜୁମା ନମାଜ୍ ପାଇଁ ଓ ଜମାତର ଅନ୍ୟାନ୍ୟ ସାମୁହିକ କାର୍ଯ୍ୟ ନିମନ୍ତେ କାମରେ ଲାଗୁଥିଲା । ଜମାତର ଇଂଟରନାଲ୍ ଅଡିଟର୍ ଭାବରେ ସେ କାମ କରିବାର ସୌଭଗ୍ୟ ପାଇଛନ୍ତି । ସେହିପରି ସୟଦ୍ ହାଶିମ୍ ଅକବର୍ ସାହେବ୍ ଲେଖିଛନ୍ତି ଯେ - ମୁଁ ତାଙ୍କ ସହିତ କାମ କରିଛି , ମୁଁ ତାଙ୍କୁ ସର୍ବଦା ସହଭାଗୀ ଓ ଲୋକମାନଙ୍କ ପାଇଁ ଉତ୍ସର୍ଗୀକୃତ ରହିଥିବାର ପାଇଛି । ଅଲ୍ଲାଃ ତାଲା ତାଙ୍କ ସହିତ କ୍ଷମା ଓ ଦୟା ଆଚରଣ କରନ୍ତୁ ଏବଂ ତାଙ୍କ ସନ୍ତାନ ମାନଙ୍କୁ ମଧ୍ୟ ପୂଣ୍ୟ କରିବା ପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ ଏବଂ ତାଙ୍କ ସନ୍ତାନ ମାନଙ୍କ ସପକ୍ଷରେ ତାଙ୍କ ଦୁଆ (ପ୍ରାଥନା) ଗ୍ରହଣୀୟ ହେଉ ।

ମୁଁ ଏମାନଙ୍କର ନମାଜ୍ ଜନାଯାଃ ଜୁମା ନମାଜ ପରେ ପଢାଇବି । ଇନଶାଅଲ୍ଲାଃ ।

⌘⌘⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନୱ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

**ଯେଉଁମାନେ ହଜ୍ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-**

**ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନୱ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନୱ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।**

*(ମୁନିର୍ ଅହ୍ମଦ୍ ଜାୱ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] କହିଲେ ଆମେ କୁଫାର୍ (ଅବିଶ୍ୱାସକାରୀ)ମାନଙ୍କ ଆହ୍ୱାନ୍ (ଚ୍ୟାଲେଞ୍ଜ୍)କୁ ଗ୍ରହଣ କରିଏହି ଅବସରରେ ବାହାରି ମୁକାବିଲା କରିବା ପାଇଁ ପ୍ରତିଶୃତି ଦେଇଅଛେ । ତେଣୁ ଆମେ ଏଥିରୁ ପଛଘୁଂଚା ଦେଇପାରିବା ନାହିଁ , ଯଦି ମତେ ଏକୁଟିଆ ଯାଇ ସେମାନଙ୍କ ସହିତ ମୁକାବିଲା କରିବାକୁ ବି ପଡେ ତାହେଲେ ମୁଁ ଯିବି ଓ ଶତୃଙ୍କ ସହିତ ମୁକାବିଲା କରି ଏକାକୀ ଛାତି ଦେଖାଇ ଛିଡା ହେବି ।

ହଜରତ ମୁହମ୍ମଦ ସ.ଅଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ (ସତ୍ୟବାଦୀ) ର.ଅଙ୍କ ଉଚ୍ଚତମ ସ୍ତର ଓ ମନୋହର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ବନୁ ନଜିର୍ ଯୁଦ୍ଧ,ବଦରୁଲ୍ ମୌଇଦ୍ ଯୁଦ୍ଧ,ବନୁ ମୁସତଲିକ୍ ଯୁଦ୍ଧ,ଇଫ୍‌କ୍ ଘଟଣାବଳୀ ଏବଂ ଅହଜାବ୍ ଯୁଦ୍ଧର ବର୍ଣ୍ଣନା ।

ମୋକରମା ମୁବାରକା ବେଗମ୍ ସାହିବା ପତ୍ନୀ ମୁଖତାର୍ ଅହମଦ୍ ଗୋନ୍ଦଲ୍ ସାହେବ୍ , ମୋକରମ୍ ମୀର୍ ଅବଦୁଲ୍ ଓହୀଦ୍ ସାହେବ୍ ତଥା ମୋକରମ୍ ସୟଦ୍ ଓକାର୍ ଅହମଦ୍ ସାହେବ୍ ଅଫ୍ ଆମେରିକା ଙ୍କ ଉତମ ସୁଗୁଣାବଳୀର ଚର୍ଚ୍ଚା ଏବଂ ନମାଜ୍ ଜନାଯାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍: ୨୮ ଜାନୁୟାରୀ ୨୦୨୨ ଅନୁଯାୟୀ ୨୮ ସୁଲାହ୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱରଅ.ବ କହିଲେ; ହଜରତ ଅବୁବକର ର.ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା । ଆଜି ମଧ୍ୟ ସେହି ପରିପ୍ରେକ୍ଷୀରେ ଆଉକିଛି ଆଲୋଚନା କରିବି । ହମରାଉଲ୍ ଅସଦ୍ ଯୁଦ୍ଧ ପ୍ରସଙ୍ଗରେ ଉଲ୍ଲେଖ ରହିଛି, ଯେ ହଜରତ ମୁହମ୍ମଦ ମୁସ୍ତଫା ସ.ଅ ଶନିବାର ଦିନ ଓ୍ୱହଦ୍ ରଣକ୍ଷେତ୍ରରୁ ପ୍ରତ୍ୟାବର୍ତନ କରିଥିଲେ । ରବିବାର ଦିନ ଯେବେ ଫଜର୍ ସମୟ ହେଲା ହଜରତ୍ ବେଲାଲ୍ ର ଅ ଅଜାନ୍ ଦେଲେ ଓ ନବୀ କରିମ୍ ସ ଆ ସଙ୍କ ଅପେକ୍ଷାରେ ବସିରହିଲେ । ଏତିକି ବେଳେ ହଜରତ୍ ଅବଦୁଲ୍ଲାଃ ବିନ୍ ଅମରୋ ବିନ୍ ଅଓଫ୍ ମୁଜନୀ ର ଅ ନବୀ କରିମ୍ ସ ଆ ସଙ୍କ ଅନ୍ୱେଷଣରେ ଆସି ପହଁଚିଲେ । ଯେବେ ନବୀ କରିମ୍ ସ ଆ ସ ବାହାରକୁ ବାହାରିଲେ,ସେ ଛିଡା ହୋଇ ନବୀ କରିମ୍ ସ ଆ ସଙ୍କୁ ଏ ଖବର ଦେଲେ ଯେ, ସେ ନିଜ ଘରକୁ ଆସୁଥିଲେ,ଯେବେ ସେ ମଲଲ୍ ଠାରେ ଥିଲେ, ଦେଖିଲେ ଯେ କୁରୈଶ୍ ସେଠାରେ ଛାଉଣୀ ପକାଇଛି । ମଲଲ୍ ମକ୍କାକୁ ଯାଉଥିବା ରାସ୍ତାରେ ମଦିନାରୁ ଅଠେଇଶ ମାଇଲ୍ ଦୂରତାରେ ଥିବା ଗୋଟିଏ ସ୍ଥାନ ଥିଲା । ସେ ଅବୁ ସୁଫିୟାନ ଓ ତା ସାଥିମାନଙ୍କୁ ଏ କଥା କହୁଥିବାର ଶୁଣିଲେ ଯେ ତୁମେମାନେ ତ କିଛି କଲ ନାହିଁ । ତୁମେମାନେ ମୁସଲମାନମାନଙ୍କୁ କ୍ଷତି ଏବଂ ଦୁଃଖ ପହଁଚାଇଲ ପୁଣି ତୁମେ ସେମାନଙ୍କୁ ଶେଷ ନକରି ଛାଡିଦେଲ କାହିଁକି ! କୁଫାର୍ (ଅର୍ଥାତ ଅବିଶ୍ୱାସୀମାନେ ) କହିଲେ ଯେ ମୁସଲମାନମାନଙ୍କର ଅନେକ ବଡ ବଡ ଲୋକେ ଏବେ ବି ବଂଚିଛନ୍ତି, ଯେଉଁମାନେ ତୁମମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ଏକାଠି ହେବେ । ତେଣୁ ଚାଲ ଏଠାରୁ ଲେଉଟିଯାଇ ସେମାନଙ୍କର ମୂଳୋତ୍ପାଟନ କରିଦେବା । ସଫ୍‌ଓାନ ବିନ୍ ଉମେୟା ସେମାନଙ୍କୁ ଏକଥାରୁ ରୋକିଲା । ଅର୍ଥାତ ସେ କାଫିର୍ ମାନଙ୍କ ଗହଣରେ ବସିଥିଲା ଓ ସେମାନଙ୍କୁ କହିଲା ଯେ ହେ ମୋର କୌମ୍ ! ଏପରି କର ନାହିଁ କାରଣ ସେମାନେ ଯୁଦ୍ଧ ଲଢିସାରିଛନ୍ତି, ଓ ମତେ ଭୟ ଲାଗୁଛି ଯେ ସେମାନଙ୍କ ମଧ୍ୟରୁ ଯେଉଁମାନେ ଯୁଦ୍ଧ କ୍ଷେତ୍ରକୁ ଆସିପାରି ନଥିଲେ, ଏବେ ସେମାନେ ବି ତୁମ ସହିତ ଯୁଦ୍ଧ କରିବା ପାଁଇ ସେମାନଙ୍କ ସହିତ ମିଶିଯିବେ । ତେଣୁ ତୁମେମାନେ ଲେଉଟିଯାଅ କାରଣ ତୁମେ ତ ଯୁଦ୍ଧ ଜିଣି ସାରିଛ ଓ ମତେ ଏ ଭୟ ଘାରୁଛି ଯେ ଯଦି ତୁମେ ଯାଇ ଯୁଦ୍ଧ କରିବ ତାହେଲେ ହାରିଯିବ । ଏ କଥା ଶୁଣି ରସୁଲେ କରିମ୍ ସ ଆ ସ ହଜରତ୍ ଅବୁବକର୍ ର ଅ ଏବଂ ହଜରତ୍ ଉମର୍ ର ଅ ଙ୍କୁ ଡାକିଲେ ଓ ସେମାନଙ୍କୁ ଅବଦୁଲ୍ଲାଃ ବିନ୍ ଅମରୋ ବିନ୍ ଅଓଫ୍ ମୁଜନୀ ର ଅ ଙ୍କ କଥା ଶୁଣାଇଲେ । ଏଥିରେ ସେ ଦୁଇଜଣଯାକ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ ଆ ସ ! ଶତୃମାନଙ୍କ ଆଡକୁ ଚାଲନ୍ତୁ ଅନ୍ୟଥା ସେମାନେ ଆମ ପିଲାମାନଙ୍କ ଉପରେ କୌଣସି ଆକ୍ରମଣ ନ କରିଦିଅନ୍ତୁ । ଯେବେ ରସୁଲୁଲ୍ଲାଃ ସ ଆ ସ ଫଜର୍ ନମାଜ୍ ପଢିସାରିଲେ, ଲୋକମାନଙ୍କୁ ଡକାଇଲେ ଓ ଆଁହଜରତ୍ ସ ଆ ସ ହଜରତ୍ ବେଲାଲ୍ ର ଅ ଙ୍କୁ ଆଦେଶ ଦେଲେ ଯେ ସେ ଏ ଘୋଷଣା (ଏଲାନ) କରିଦିଅନ୍ତୁ ଯେ ରସୁଲୁଲ୍ଲାଃ ସ ଆ ସ ତୁମମାନଙ୍କୁ ହୁକୁମ୍ ଦେଉଛନ୍ତି ଯେ ଶତୃମାନଙ୍କ ସହିତ ଲଢିବା ପାଇଁ ବାହାରି ପଡ । ପୁଣି ଆମମାନଙ୍କ ସହିତ ସେହିଲୋକମାନେ ବାହାରିଲେ ଯେଉଁମାନେ ବିଗତ ଦିନ ଯୁଦ୍ଧରେ ସାମିଲ୍ ଥିଲେ । ଅର୍ଥାତ ଓହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ରସୁଲୁଲ୍ଲାଃ ସ ଆ ସ ନିଜର ଧ୍ୱଜା ମଗାଇଲେ ଓ ତାହା ସେମିତି ଗତ ଦିବସଠାରୁ ବନ୍ଧା ହୋଇରହିଥିଲା । ତାକୁ ଏପର୍ଯ୍ୟନ୍ତ ଖୋଲାଯାଇନଥିଲା । ରସୁଲୁଲ୍ଲାଃ ସ ଆ ସ ଏହି ଧ୍ୱଜାକୁ ହଜରତ୍ ଅଲୀ ର ଅଙ୍କୁ ପ୍ରଦାନ କଲେ । ଏକଥା ବି ବର୍ଣ୍ଣନା ମିଳୁଛି ଯେ ତାହା ଆପଣ ସ ଆ ସ ହଜରତ୍ ଅବୁ ବକର୍ ର ଅଙ୍କୁ ପ୍ରଦାନ କରିଥିଲେ ।(ସୁବୁଲୁଲ୍ ହୁଦା ଖ-୪,ପୃ-୩୦୮-୩୦୯ ଗଜ୍‌ଓା ହୁମରାଉଲ୍ ଅସଦ୍,ଦାରୁଲ୍ କୁତୁବୁଲ୍ ଅଲମିୟାଃ ୧୯୯୩)(ମୁଅଜମୁଲ୍ ବୁଲଦାନ୍ ,ଖ-୫,ପୃ-୨୨୫ ,ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍)

ସେ ଯାହା ହେଉ ନା କାହିଁକି ମୁସଲମାନମାନଙ୍କର ଏହି କାଫିଲା ଯେବେ ମଦିନାରୁ ଆଠ ମାଇଲ୍ ଦୂରତାରେ ଅବସ୍ଥିତ ହୁମରାଉଲ୍ ଅସଦ୍‌ଠାରେ ପହଂଚିଲା,ମୁସରିକ୍ ମାନଙ୍କୁ ଭୟ ଅନୁଭବ ହେଲା । ସୁତରାଂ ସେମାନେ ମଦିନା ଉପରେ ଆକ୍ରମଣ କରିବାର ଚିନ୍ତା ପରିତ୍ୟାଗ କରି ସେଠାରୁ ମକ୍କା ଲେଉଟିଗଲେ । (ସୟଦନା ଅବୁବକର୍ ଶଖ୍‌ସିୟତ୍ ଅଓର୍ କାରନାମେ ଅଜ୍ ଅଲୀ ମୁହମ୍ମଦ୍ ସଲାବି ମୁତର୍ଜିମ୍ ଉର୍ଦ୍ଦୁ, ପୃ-୧୧୩)

ବନୁ ନଜିର୍ ଯୁଦ୍ଧ ୪ ହିଜ୍‌ରୀରେ ହୋଇଥିଲା । ହଜରତ ମୁହମ୍ମଦ ମୁସ୍ତଫାସ.ଅ ସାହାବାମାନଙ୍କର ଗୋଟିଏ ଛୋଟିଆ ଦଳକୁ ସାଥିରେ ଧରି ବନୁ ନଜିର୍ ଠାରେ ପହଂଚିଥିଲେ । ଏ ସମ୍ବନ୍ଧରେ ଭିନ୍ନ ଭିନ୍ନ ବର୍ଣ୍ଣନା ମିଳିଥାଏ ଯେ ହଜରତ ମୁହମ୍ମଦ ମୁସ୍ତଫାସ.ଅ ସେଠାକୁ କାହିଁକି ଯାଇଥିଲେ ? ସୁତରାଂ ରିଓାୟତ୍ ମୁତାବକଜରତ ମୁହମ୍ମଦ ମୁସ୍ତଫାସ.ଅ ବନୁ ଆମିର'ର ଦୁଇ ଜଣ ନିହତଙ୍କ କ୍ଷତିପୂରଣ ଆଦାୟ କରିବା ସକାଶେ ସେଠାରେ ଯାଇ ପହଂଚିଲେ । ଜରତ ମୁହମ୍ମଦ ମୁସ୍ତଫାସ.ଅ ଙ୍କ ସହିତ ଦଶ ଜଣ ସାହାବା ଥିଲେ । ଯେଁଉମାନଙ୍କ ମଧ୍ୟରେ ହଜରତ ଅବୁବକରର.ଅ ହଜରତ ଉମରର.ଅ ଓ ହଜରତ୍ ଅଲୀ ର.ଅ ବି ଥିଲେ । ଆଁ ହଜରତସ.ଅ ସ ସେଠାରେ ପହଁଚି କ୍ଷତିପୂରଣ ବାବତରେ ଅର୍ଥରାଶି ଦେବା ବିଷୟ କଥା କହିଲେ । ଏଥିରେ ଈହୁଦିମାନେ କହିଲେ ଯେ ହେ ଅବୁଲ୍ କାସିମ୍ ! ଆପଣ ପ୍ରଥମେ ଭୋଜନ କରନ୍ତୁ । ତାପରେ କାମ ବିଷୟରେ କଥା ହେବା । ସେଠାରେ ହଜୁରସ.ଅ ଏକ କାନ୍ଥ ସହିତ ସଂଲଗ୍ନ ହୋଇ ବସିଥିଲେ ।

କିନ୍ତୁ ଆପଣଙ୍କ ବିପକ୍ଷରେ ଇହୁଦିମାନେ ମିଶି ଷଡ଼ଯନ୍ତ୍ର କଲେ ଯେ ଆଜି ଗୋଟିଏ ସୁବର୍ଣ୍ଣ ସୁଯୋଗ ମିଳିଛି, ତେଣୁ ଆଜି ଏହିଠାରେ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କର କାମ ତମାମ କରିଦେବା । ତେଣୁ ବତାଅ କିଏ ଅଛି ଯିଏ ଯାଇ ଉକ୍ତ ଅଟ୍ଟାଳିକାର ଛାତ ଉପରୁ ଏକ ପଥର ହଜୁର ସ.ଅଙ୍କ ଉପରେ ପକାଇ ଦେବ ଯଦ୍ୱାରା ଆମକୁ ତାଙ୍କଠାରୁ ମୁକ୍ତି ମିଳିଯିବ । ଏଥିରେ ଇହୁଦୀମାନଙ୍କର ଜଣେ ସରଦାର୍ ଅମ୍‌ରୋ ବିନ୍ ଜହାଶ୍ ଏହାର ସମର୍ଥନ କରି କହିଲା ଯେ ମୁଁ ଏହି କାମ କରିବା ପାଂଇ ପ୍ରସ୍ତୁତ ଅଛି । କିନ୍ତୁ ସେତେବେଳେ ଇହୁଦିମାନଙ୍କର ଆଉଜଣେ ସର୍ଦାର ସଲାମ୍ ବିନ୍ ମିଶକମ୍ ନାମକ ବ୍ୟକ୍ତି ଏପରି ଅମାନୁଷିକ କାର୍ଯ୍ୟ ନକରିବାକୁ ପରାମର୍ଶ ଦେଲେ ଏବଂ କହିଲେ; ଖୁଦାଙ୍କ ରାଣ ! ତୁମେମାନେ ଯେଉଁ ଯୋଜନା କରୁଛ ସେମାନେ ତାହାର ନିଶ୍ଚିତ ସୁରାଗ ପାଇଯିବେ ଓ ଏପରି କାମଦ୍ୱାରା ପ୍ରତିଶ୍ରୁତି ବି ଭଙ୍ଗ ହେବ, ସେମାନଙ୍କ ଓ ଆମ ମଧ୍ୟରେ ସନ୍ଧି ହୋଇସାରିଛି । ପୁଣି ଯେତେବେଳେ ପଥର ଫିଙ୍ଗିବାକୁ ଆଗ୍ରହ କରିଥିବା ସେହି ବ୍ୟକ୍ତି ଜଣକ ହଜୁର ସ.ଅଙ୍କ ଉପରେ ପଥର ପକାଇବା ପାଇଁ ଛାତ ଉପରକୁ ଗଲା ସେତେବେଳେ ଅଲ୍ଲାଃ ତାଲା ଦୈବୀ ଖବର ମାଧ୍ୟମରେ ହଜୁର ସ.ଅଙ୍କୁ ଇହୁଦିମାନଙ୍କ ଉକ୍ତ ଷଡ଼ଯନ୍ତ୍ର ସମ୍ପର୍କରେ ଅବଗତ କରିଦେଲେ ।

ଅଲ୍ଲାଃ ତାଲା ହଜୁର ସ.ଅ.ସଙ୍କୁ ସଚେତନ କରାଇଦେଲେ ଯେ ଇହୁଦୀମାନେ କଣ କରିବାକୁ ଯାଉଛନ୍ତି । ସୁତରାଂ ହଜୁରସ.ଅ.ସ ନିଜ ସାଥିମାନଙ୍କୁ ଛାଡ଼ି ସଙ୍ଗେସଙ୍ଗେ ସେଠାରୁ ଉଠି ତୀବ୍ର ବେଗରେ ଏମିତି ଚାଲି ଆସିଲେ ଯେମିତି କି କିଛି କାମ ପଡିଗଲା । ହଜୁରସ.ଅ.ସ ମଦିନା ପହଂଚିବା ପରେ ମୁହମ୍ମଦ ବିନ୍ ମୁସେଲମାଃଙ୍କ ହାତରେ ବନୁ ନଜିର୍ ନିକଟକୁ ଏହି ବାର୍ତା ଦେଇ ପ୍ରେରଣ କଲେ ଯେ ତୁମେମାନେ ମୋ ସହର ଛାଡ଼ି ଚାଲିଯାଅ । କାରଣ ତୁମେମାନେ ଯେଉଁ ଷଡ଼ଯନ୍ତ୍ର କରିଥିଲ ତାହା ସ୍ୱଷ୍ଟ ବିଶ୍ୱାସଘାତକତା ଥିଲା । ଏଥିପାଇଁ ହଜୁରସ.ଅ ଇହୁଦିମାନଙ୍କୁ ଦଶ ଦିନ ସମୟ ଦେଇଥିଲେ । କିନ୍ତୁ ଇହୁଦିମାନେ ଆପଣଙ୍କର ଏହି ଆଦେଶର ଅବମାନନା କରି ଅସ୍ୱୀକାର କରିଦେଲେ ଓ କହିଲେ; ଆମେ ଆମ ଭିଟାମାଟି ଛାଡ଼ି ଯିବୁ ନାହିଁ । ଏହି ବାର୍ତା ପରେ ମୁସଲମାନମାନେ ଯୁଦ୍ଧପ୍ରସ୍ତୁତି ରେ ଲାଗିଗଲେ ।

ଯେବେ ସମସ୍ତ ମୁସଲମାନମାନେ ଏକତ୍ରୀତ ହୋଇଗଲେ ,ସେତେବେଳେ ହଜୁରସ.ଅ.ସ ବନୁ ନଜିର୍ ସହିତ ଯୁଦ୍ଧ କରିବାପଇଁ ବାହାରିଲେ । ଯୁଦ୍ଧର ଧ୍ୱଜା ହଜରତ ଅଲୀ ର ଅ ଧରିଥିଲେ । ହଜୁରସ.ଅ.ସ ଇହୁଦିଙ୍କର ସେହି ଦୁର୍ଗକୁ ଘେରାଉ କରିନଲେ ଓ ଇହୁଦିମାନଙ୍କ ସାହାଯ୍ୟ ପାଇଁ କେହି ହେଲେ ବି ଆଗକୁ ଆସିଲେ ନାହିଁ । ହଜୁରସ.ଅ.ସ ଯେତେବେଳେ ବନୁ ନଜିର୍ ସହିତ ଯୁଦ୍ଧ କରିବାପଇଁ ବାହାରିଲେ ସେତେବେଳେ ଈଶା ସମୟରେ ହଜୁରସ.ଅ.ସ ଦଶଜଣ ସାହାବାଙ୍କ ସହିତ ନିଜ ଘରକୁ ଫେରିଆସିଲେ । ସେତେବେଳେ ହଜୁରସ.ଅ.ସ ଇସଲାମୀ ସେନାର କମାଣ ଗୋଟିଏ ରିଓାୟତ୍ ମୁତାବକ ହଜରତ୍ ଅଲୀ ର ଅ ଙ୍କ ହାତରେ ନ୍ୟସ୍ତ କରିଥିଲେ । ଯେବେକି ଆଉ ଏକ ରିଓାୟତ୍ ମୁତାବକ ଏ ସୌଭାଗ୍ୟ ହଜରତ ଅବୁବକର୍ ର ଅ ଙ୍କୁ ମିଳିଥିଲା । ଏପଟେ ଆଁ ହଜରତ ସ ଆ ସ କଠୋରତାର ସହିତ ଇହୁଦିମାନଙ୍କୁ ଘେରାଉଟ୍ କରିରଖିବା ଯୋଗୁଁ ଐଶ୍ୱର୍ଯ୍ୟମୟ ପ୍ରଭୁ ସେମାନଙ୍କ ହୃଦୟରେ ଏପରି ଭୟ ଉଦ୍ରେକ କରାଇଦେଲେ ଯେ ଶେଷରେ ସେମାନେ ଆଁହଜରତ ସ ଆ ସ ଙ୍କ ନିକଟରେ ଆସି ନିବେଦନ କଲେ ଯେ ସେମାନଙ୍କୁ ଏ ସର୍ତରେ ଦେଶ ଛାଡ଼ି ଯିବାକୁ ଅନୁମତି ଦିଆଯାଉ ଯେ ସେମାନଙ୍କର ଜୀବନ ରକ୍ଷା କରାଯିବ ଏବଂ କେବଳ ଅସ୍ତ୍ର ଶସ୍ତ୍ରକୁ ଛାଡିଦେଇ ବାକି ଏପରି ଜିନିଷ ସାଥିରେ ନେଇଯିବାପାଇଁ ଅନୁମତି ଦିଆଯିବ ଯାହା କେବଳ ଓଟ ଉପରେ ଲଦି ନିଆଯାଇପାରୁଥିବ । ଆଁ ହଜରତ ସ ଆ ସ ସେମାନଙ୍କର ଏହି ସର୍ତକୁ ମଞ୍ଜୁର କରିଲେ । ଆଉ ଏକ ରିଓାୟତ ମୁତାବକ ହଜୁରସ.ଅ ସେମାନଙ୍କର ଘେରାଉଟ୍ ପନ୍ଦର ଦିନ ପର୍ଯ୍ୟନ୍ତ କରିରଖିଥିଲେ ଯେବେକି ଆଉ କିଛି ରିଓାୟତରେ ଏହି ଦୁଇଟି ମଧ୍ୟରେ ମତଭେଦ ମିଳିଥାଏ । (ସିରତୁଲ୍ ହଲବିୟା ଖ-୨ ପୃ-୩୫୭-୩୬୧.....ଦାରୁଲ କତୁବୁଲ୍ ଅଲମିୟା ୨୦୦୨)

ହଜୁରସ.ଅ ଅନ୍‌ସାରମାନଙ୍କ ଅନୁମତିକ୍ରମେ ବନୁ ନଜିର୍ ଯୁଦ୍ଧରୁ ପ୍ରାପ୍ତ ହୋଇଥିବା ମାଲେ ଗନିମତ୍ (ବିଜୟପ୍ରାପ୍ତ ସମ୍ପତି)ରୁ ଅନ୍‌ସାରମାନଙ୍କୁ ବିରତ ରଖି ମୁହାଜିର୍ ମନଙ୍କ ମଧରେ ବାଣ୍ଟି ଦେଇଥିଲେ । ଏଥିରେ ହଜରତ ଅବୁବକରର.ଅ କହିଲେ; **ହେ ଅନସାରବୃନ୍ଦ ! ଅଲ୍ଲାଃତାଲା ତୁମମାନଙ୍କୁ ଏହି ତ୍ୟାଗର ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ** (ସୁବୁଲୁଲ୍ ହୁଦା ଓର୍ ରଶାଦ୍ ଖ-୪ ପୃ-୩୨୫ ଦାରୁଲ କତୁବୁଲ୍ ଅଲମିୟା ୧୯୯୩)

ବଦରୁଲ୍ ମୌଅଦ୍ ଯୁଦ୍ଧ ମଧ ୪ ହିଜ୍‌ରୀରେ ହୋଇଥିଲା । ଏହି ଯୁଦ୍ଧର କାରଣ ଏହା ଥିଲା କି ଅବୁ ସୁଫିୟାନ୍ ଯେବେ ଓ୍ୱହଦ୍ ରଣଭୂମିରୁ ପ୍ରତ୍ୟାବର୍ତନ କଲା ସେତେବେଳେ ଏହି ଘୋଷଣା କରିଥିଲା ଯେ ଆସନ୍ତା ବର୍ଷ ଆମ ସାକ୍ଷାତ (ମୁକାବିଲା) ବଦରୁଲ୍ ସଫ୍‌ରା ନାମକ ସ୍ଥାନରେ ହେବ । ଆମେ ସେଠାରେ ଯୁଦ୍ଧ କରିବୁ । ଏଥିରେ ହଜୁରସ.ଅ ହଜରତ ଉମର ର.ଅଙ୍କୁ କହିଲେ; ତାଙ୍କୁ କହିଦିଅ ଯେ ଅଲ୍ଲାଃ ଚାହିଁଲେ ନିଶ୍ଚିତ ହେବ । ସୁତରାଂ କୁରୈଶ୍ ଲେଉଟିଗଲେ ଓ ସେମାନେ ଯାଇ ନିଜ ଲୋକମାନଙ୍କୁ ଏହି ପତିଜ୍ଞା ବିଷୟରେ କହିଲେ । ବଦର ନାମକ ସ୍ଥାନଟି ମକ୍କା ଓ ମଦିନର ମଧ୍ୟବର୍ତୀ ସ୍ଥାନରେ ଥିବା ଗୋଟିଏ ପ୍ରଶିଦ୍ଧ କୂଅର ନାମ ଓ ତାହା ସଫରାଆ ଉପତ୍ୟକା ଓ ଜାର୍ଜୁ ନାମକ ସ୍ଥାନ ମଝିରେ ଅବସ୍ଥିତ । ବଦର୍ ମଦିନାର ଦକ୍ଷିଣ-ପଶ୍ଚିମ ଦିଗରେ ୧୫୦କି.ମି ଦୂରତାରେ ଅବସ୍ଥିତ । ଅନ୍ଧକାରମୟ ଯୁଗରେ ଉକ୍ତ ସ୍ଥାନରେ ପ୍ରତିବର୍ଷ ୦୧ ଜିଲ୍‌କାଅଦାଃରୁ ଆଠ ଦିନ ପର୍ଯ୍ୟନ୍ତ ଏକ ବଡ଼ ଧରଣର ମେଳା ଲାଗୁଥିଲା । ଅବୁ ସୁଫିୟାନ୍'ର କହିବାନୁଯାୟୀ ଧାର୍ଯ୍ୟ ସମୟ ଯେତେ ଯେତେ ପାଖେଇ ଆସୁଥିଲା ସେତେ ସେତେ ସେ ଭୟଭୀତ ହୋଇ ହଜୁରସ.ଅ ଙ୍କ ସହିତ ଯୁଦ୍ଧ କରିବାକୁ ନାପସନ୍ଦ କରୁଥିଲା । ସେ ଏହା ଚାହୁଁଥିଲା ଯେ ଏହି ଧାର୍ଯ୍ୟ ସମୟରେ କିପରି ହଜୁରସ.ଅ ଙ୍କ ସହିତ ଯୁଦ୍ଧ ନହେଉ । ଅବୁ ସୁଫିୟାନ୍ ଏହା ଜାହିର୍ କରିବାକୁ ଚାହୁଁଥିଲା ଯେ ସେ ଏକ ବିଶାଳ ସେନା ବାହିନୀ ଧରି ହଜୁରସ.ଅ ଙ୍କ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ଚଳାଇଛି ଯଦ୍ୱାରା ଏହି ଖବର ମଦିନାରେ ପହଁଚି ଯାଉ ଯେ ଆମେ ମୁସଲମାନମାନଙ୍କ ବିପକ୍ଷରେ ଗୋଟିଏ ବିଶାଳ ସେନାବାହୀନି ଏକତ୍ରିତ କରିଅଛୁ । ଯଦ୍ୱାରା ମୁସଲମାନମାନେ ଏହି ଖବର ଶୁଣି ବିଚଳିତ ହୋଇଯିବେ ଏବଂ ଆମମାନଙ୍କ ମୁକାବିଲା କରିବାକୁ ଆସିବେ ନାହିଁ । (ସୁବୁଲୁଲ୍ ହୁଦା ଓର୍ ରଶାଦ୍ ଖ-୪ ପୃ-୩୩୭ ଦାରୁଲ କତୁବୁଲ୍ ଅଲମିୟା ୧୯୯୩)(ଅଟଲସ୍ ସିରତ୍ ନବଓି ପୃ-୨୧୬ ଦାରୁସ୍ ସଲାମ୍ ୧୪୨୪ ହିଜ୍ରୀ )

ଆଉ ଏକ ବର୍ଣ୍ଣନାନୁଯାୟୀ ହଜରତ ଅବୁବକରର.ଅ ଓ ହଜରତ ଉମରର.ଅ ମଧ ହଜୁର ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ନିବେଦନ କଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍‌ସ.ଅ ! ଅଲ୍ଲାଃତାଲା ନିଶ୍ଚିତ ରୂପେ ନିଜ ଧର୍ମକୁ ବିଜୟ ମଣ୍ଡିତ କରିବେ ଏବଂ ନିଜ ପ୍ରିୟ ନବୀଙ୍କୁ ମର୍ଯ୍ୟାଦା ପ୍ରଦାନ କରିବେ । ଆମେମାନେ ପ୍ରତିଜ୍ଞା କରିଥିଲୁ, ଯେ ଆମେ କଦାପି ତାହାର ବିରୁଦ୍ଧାଚରଣ କରିବୁ ନାହିଁ । ଅମାନ୍ୟକାରୀମାନେ ଏହାକୁ ଆମର କାପୁରୁଷତା ବୋଲି ବିବେଚନା କରୁଛନ୍ତି । ତେଣୁ ଆପଣ ପ୍ରଭୁଙ୍କ ପ୍ରତିଶୃତି ମୁତାବକ ପ୍ରସ୍ଥାନ କରନ୍ତୁ । ସୁନିଶ୍ଚିତ ରୂପେ ଏଥିରେ ଆମର ମଙ୍ଗଳ ହିଁ ଅନ୍ତର୍ନିହିତ । ଏହି ଭାବାବେଗ ଶୁଣିବା ପରେ ହଜୁରସ.ଅ ଅତି ପ୍ରସନ୍ନିତ ହୋଇ ଉଠିଲେ । ହଜୁରସ.ଅ ଙ୍କୁ ଯେତେବେଳେ ଅବୁ ସୁଫିୟାନ୍ ଇତ୍ୟାଦି ଲୋକମାନଙ୍କର ସୈନ୍ୟପ୍ରସ୍ତୁତି ବିଷୟରେ ଜଣାପଡିଲା ସେତେବେଳେ ହଜୁରସ.ଅ ହଜରତ୍ ଅବଦୁଲ୍ଲାଃ ବିନ୍ ରଓାହା ର ଅ ଙ୍କୁ ନିଜ ପଛରେ ମଦିନାର ଅମୀର୍ ଭାବରେ ମୃତୟନ କଲେ ଓ ୧୫୦୦ ସାହାବାମାନଙ୍କ ସାଥିରେ ଧରି ବଦର ଅଭିମୁଖେ ବାହାରିଗଲେ (କିନ୍ତୁ ଅବୁ ସୁଫିୟାନ୍ ସେଠାରେ ପହଂଚିଲା ନାହିଁ ) । ମୁସଲମାନ୍ ମାନେ ବଦର୍ ଠାରେ ପହଁଚି ସେହିଠାରେ ଚାଲିଥିବା ମେଳାରେ କ୍ରୟ ବିକ୍ରୟ କଲେ ଓ ବ୍ୟବସାୟ କରି ବେଶ୍ ଲାଭବାନ ହୋଇଥିଲେ ଓ ଆଠ ଦିନ ପର୍ଯ୍ୟନ୍ତ ସେଠାରେ ରହି ମଦିନା ଫେରିଆସିଲେ । (ସୁବୁଲୁଲ୍ ହୁଦା ଓର୍ ରଶାଦ୍ ଖ-୪ ପୃ-୩୩୭ ଦାରୁଲ କତୁବୁଲ୍ ଅଲମିୟା ୧୯୯୩)(ତବକାତୁଲ୍ କୁବ୍ରା ଖ-୨ ପୃ-୪୬ ......ବେରୁତ୍ ୨୦୧୭ )

ସେଠାରେ ଯେଉଁ ମେଳା ଲାଗିଥିଲା ଇଲାମୀୟ ସେନା ଉକ୍ତ ସ୍ଥାନରେ ଆଠ ଦିନ ପର୍ଯ୍ୟନ୍ତ ଶତ୍ରୁର ପ୍ରତିକ୍ଷାରେ ଅବସ୍ଥାନ କରିଥିଲେ । ସେହିଠାରେ ଚାଲିଥିବା ମେଳାରେ ସାହାବାଗଣ ବ୍ୟବସାୟ କରି ବେଶ୍ ଲାଭବାନ ହୋଇଥିଲେ, ଏପରିକି ସେମାନଙ୍କ ମୂଳଧନ ଦୁଇଗୁଣିତ ହୋଇଯାଇଥିଲା । ଓହଦ୍ ଯୁଦ୍ଧ ସମୟରେ ଅବୁସୁଫିୟାନ୍ ମୁସଲମାନ୍ ମାନଙ୍କୁ ଆସନ୍ତା ବର୍ଷ ପୂନର୍ବାର ସାମନା ସାମନି ହେବାପାଇଁ ଚ୍ୟାଲେଞ୍ଜ୍ (ଆହ୍ୱାନ୍) ଦେଇଥିଲା । ଏହାର ଅଧିକ ବିବରଣୀ ବି ଏମିତି ମିଳୁଛି ଓ ଏହି ବିବରଣୀ ହଜରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର ଅ ଏପରି ଉଲ୍ଲେଖ କରିଛନ୍ତି ଯେ ଓହଦ୍ ଯୁଦ୍ଧ ପରେ "ଯୁଦ୍ଧ କ୍ଷେତ୍ରରୁ ଲେଉଟିବା ସମୟରେ ଅବୁସୁଫିୟାନ୍ ମୁସଲମାନ୍ ମାନଙ୍କୁ ଚ୍ୟାଲେଞ୍ଜ୍ (ଆହ୍ୱାନ୍) ଦେଇଥିଲା ଯେ ଆସନ୍ତା ବର୍ଷ ବଦର୍ ଠାରେ ଆମ ଓ ତୁମ ମଧ୍ୟରେ ଯୁଦ୍ଧ ହେବ ଏବଂ ହଜୁର ସ.ଅ ଏହି ଚ୍ୟାଲେଞ୍ଜ୍ (ଆହ୍ୱାନ୍)କୁ ଗ୍ରହଣ କରିଥିଲେ । ସୁତରାଂ ଦ୍ୱିତୀୟ ବର୍ଷ ଅର୍ଥାତ ୦୪ ହିଜରୀ ରେ ଯେବେ ଶଓାଲ୍ ମାସ ଶେଷହେବାକୁ ଲାଗିଲା ହଜୁର ସ.ଅ ଦେଢ ହଜାର୍ ସାହାବା ମାନଙ୍କର ଏକ ଦଳକୁ ସାଥିରେ ଧରି ମଦିନାରୁ ବାହାରିଲେ ଓ ହଜୁର ସ.ଅ ନିଜ ପଛରେ ଅବଦୁଲ୍ଲାଃ ବିନ୍ ଅବଦୁଲ୍ଲାଃ ବିନ୍ ଉବୈ ଙ୍କୁ ଅମୀର୍ ମୃତୟନ କରିଥିଲେ । ଅପରପକ୍ଷେ ଅବୁସୁଫିୟାନ୍ ବିନ୍ ହରବ୍ ମଧ୍ୟ ଦୁଇ ହଜାର୍ କୁରୈଶୀ ସେନାକୁ ସାଥିରେ ଧରି ମକ୍କାରୁ ବାହାରିଲା । କିନ୍ତୁ ଓହଦ୍ ଯୁଦ୍ଧରେ ବିଜୟ ପାଇବା ତଥା ଏତେ ବଡ ସେନାଦଳ ସାଥିରେ ଥିବା ସତ୍ୱେ ମଧ୍ୟ ଅବୁସୁଫିୟାନ୍ ର ମନ ଭୟଭୀତ ଥିଲା । ଇସଲାମ୍ ନିଶେଷ ହୋଇଯିବାର ଦ୍ୱାର ଦେଶରେ ଥିବା ସତ୍ୱେ ମଧ୍ୟ ସେ ଏହା ଚାହୁଁଥିଲା ଯେ ଯେପର୍ଯ୍ୟନ୍ତ ବହୁମାତ୍ରାରେ ସୈନିକମାନଙ୍କର ବ୍ୟବସ୍ଥା ନ ହୋଇଯାଇଛି ସେପର୍ଯ୍ୟନ୍ତ ସେ ମୁସଲମାନମାନଙ୍କ ସହିତ ସମ୍ମୁଖିନ ହେବନାହିଁ । ସୁତରାଂ ଏବେ ସେ ମକ୍କାରେ ହିଁ ଥିଲା ଯେ ଗୋଟିଏ ନିରପେକ୍ଷ କବିଲାର ବ୍ୟକ୍ତି ଯାହାର ନାମ ନଇମ୍ ଥିଲା, ତାକୁ ସେ ମଦିନା ପ୍ରେରଣ କଲା ଓ ତାକୁ ତାଗିଦ୍ କଲା ଯେ ଯେମିତି ବି ହେଉ ମୁସଲମାନମାନଙ୍କୁ ଡରାଇ ଧମକାଇ ତଥା ସତ ମିଛ କହି ଯୁଦ୍ଧ ନକରିବା ପାଇଁ ପ୍ରବର୍ତାଇବ । ସୁତରାଂ ସେ ମଦିନା ଆସିଲା ଓ କୁରୈଶ୍ ମନଙ୍କର ଯୁଦ୍ଧ ପ୍ରସ୍ତୁତି ତଥା ସେମାନଙ୍କର ଶକ୍ତି ବିଷୟରେ ଓ ସେମାନଙ୍କର ଉତ୍ସାହ ବିଷୟରେ ବଢାଇ ଚଢାଇ ମନଗଢା କଥା କହିଚାଲିଲା ଫଳତଃ ସେ ମଦିନାରେ ଏକ ପ୍ରକାରର ଅସ୍ଥିରତା ସୃଷ୍ଟି କରାଇଦେଲା । ଏପରିକି କିଛି ଦୃବଳ ଶ୍ରେଣିର ଲୋକେ ଏହି ଯୁଦ୍ଧରେ ସାମିଲ୍ ହେବାକୁ ଭୟପ୍ରକାଶ କଲେ । କିନ୍ତୁ ଯେତେବେଳେ ହଜୁର ସ.ଅ ଯୁଦ୍ଧ ନିମନ୍ତେ ଆହ୍ୱାନ ଦେଲେ ଓ ନିଜ ଭାଷଣରେ କହିଲେ ଯେ ଆମ୍ଭେ କୁଫାର(ଅର୍ଥାତ ଅବିଶ୍ୱାସକାରୀ) ମାନଙ୍କ ଚ୍ୟାଲେଞ୍ଜ୍ କୁ ଗ୍ରହଣ କରି ଏହି ଅବସରରେ ବାହାରିବା ପାଇଁ ପ୍ରତିଶୃତି ଦେଇଥିଲେ । ତେଣୁ ଆମେ ଏଥିରୁ ପଛଘୁଂଚା ଦେଇପାରିବା ନାହିଁ । ଯଦି ମତେ ଏକାକୀ ଯିବାକୁ ବି ପଡେ ତାହେଲେ ମୁଁ ଯିବି ଓ ଶତୃଙ୍କ ସମ୍ମୁଖରେ ଛାତି ଦେଖାଇ ଛିଡା ହେବି । ଏକଥା ଶୁଣି ଲୋକମାନଙ୍କର ଭୟ ଦୂରେଇଗଲା ଓ ସେମାନେ ବଡ ଉତ୍ସାହିତ ହୋଇ ନିଷ୍ଠାର ସହିତ ହଜୁର ସ.ଅ ଙ୍କ ସହିତ ଯିବାପାଇଁ ପ୍ରସ୍ତୁତ ହୋଇଗଲେ ।

ସେ ଯାହା ହେଉ ନା କାହିଁକି ହଜୁର ସ.ଅ ଦେଢ ହଜାର ସାହାବାଙ୍କ ସହିତ ମଦିନାରୁ ବାହାରିଲେ । ଅନ୍ୟପଟେ ଅବୁ ସୁଫିୟାନ୍ ଦୁଇ ହଜାର୍ ସୁପାହୀଙ୍କୁ ସାଥିରେ ଧରି ମକ୍କାରୁ ବାହାରିଲା । କିନ୍ତୁ ବିଧିର ବିଧାନ ଏପରି ହେଲା ଯେ ମୁସଲମାନ୍ ମାନେ ତ ବଦରଠାରେ ନିଜର ପ୍ରତିଶୃତି ଅନୁସାରେ ପହଁଚିଯାଇଥିଲେ କିନ୍ତୁ କୁରୈଶର ସେନା ଅଳ୍ପ କିଛିବାଟ ଆସିବା ପରେ ପୁଣି ମକ୍କା ଲେଉଟିଗଲା । ଏହାର ବିବରଣୀ ହେଉଛି ଏମିତି କି ଯେବେ ଅବୁସୁଫିୟାନକୁ ନୁଅଇମର ଅସଫଳତା ବିଷୟରେ ଜଣାପଡିଲା,ସେ ମନେ ମନେ ଭୟଭୀତ ହେଲା ଓ ନିଜ ସୈନିକ ମାନଙ୍କୁ ରାସ୍ତାରୁ ଏକଥା କହି ଫେରାଇ ନେଇଗଲା ଯେ ଏବର୍ଷ ବହୁତ ସୁଖା(ମରୁଡି) ପଡିଛି,ଲୋକମାନେ ବହୁତ ଅସୁବିଧାରେ ଅଛନ୍ତି ତେଣୁ ଏବେ ଯୁଦ୍ଧ କରିବା ଠିକ୍ ହେବ ନାହିଁ । ଯେବେ ପରିସ୍ଥିତି ଠିକ୍ ହୋଇଯିବ ସେତେବେଳେ ଅହୁରି ଅଧିକ ପ୍ରସ୍ତୁତ ହୋଇ ଭଲଭାବରେ ଯୁଦ୍ଧ କରିବା । ଇସଲାମୀୟ ସେନା ଆଠ ଦିନ ପର୍ଯ୍ୟନ୍ତ ବଦରଠାରେ ରହିଲେ । ଯେହେତୁ ସେଠାରେ ଜୁଲକାଦାଃ ମାସର ଆରମ୍ଭରେ ପ୍ରତିବର୍ଷ ମେଳା ଲାଗେ,(ଏ ବିଷୟରେ ପୂର୍ବରୁ ଆଲୋଚନା ସରିଛି) ତେଣୁ ସେହିଦିନ ଗୁଡିକରେ ଅନେକ ସାହାବା ସେହି ମେଳାରେ ବାଣିଜ୍ୟ କାରବାର କରି ବହୁତ ଲାଭ ଉଠାଇଲେ । ଏପରିକି ସେମାନେ ଏହି ଆଠଦିନର ବାଣିଜ୍ୟ ବ୍ୟବସାୟରେ ନିଜର ମୂଳ ଧନକୁ ଦୁଇଗୁଣ କରିଦେଲେ । ଯେବେ ମେଳା ଶେଷ ହେଲା ଓ କୁରୈଶ ର ସେନା ଆସିଲା ନାହିଁ ସେତେବେଳେ ହଜୁର ସ.ଅ ବଦର୍ ଠାରୁ ପ୍ରସ୍ଥାନ କରି ମଦିନା ଲେଉଟି ଆସିଲେ । ପୁଣି କୁରୈଶ୍ ମକ୍କାରେ ପହଁଚି ମଦିନା ଉପରେ ଆକ୍ରମଣ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ । ଏହି ଯୁଦ୍ଧକୁ ବଦରୁଲ୍ ମୌଇଦ୍ କୁହାଯାଏ । (ସିରତ୍ ଖାତମୁନ୍ ନବିୟିନ୍ .......ପୃ -୫୨୯-୫୩୦)

ବନୁ ମୁସ୍ତଲିକ୍ ଯୁଦ୍ଧ ଶାବାନ୍ ମାସ ୫ହିଜ୍‌ରୀରେ ହୋଇଥିଲା । ବନୁ ମୁସ୍ତଲିକ୍ ଯୁଦ୍ଧର ଅନ୍ୟ ନାମ ହେଉଛି ମୁରୈସିଈ ଯୁଦ୍ଧ ।(କିତାବୁଲ୍ ମଗାଜି ଲିଲ୍ ଓାକିଦୀ ,ଖ-୧ ,ପୃ ୩୪୧ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୩) । ବନୁ ମୁସ୍ତଲିକ୍ ଖୁଜାଅ କବିଲାର ଶାଖା ଥିଲା । ଏହି କବିଲା ଗୋଟିଏ କୂଅ ନିକଟରେ ରହୁଥିଲା ଯାହାକୁ ମୁରୈସିଈ କୁହାଯଉଥିଲା । ଏହି ସ୍ଥାନଟି ଫୁରାଅଠାରୁ ଗୋଟିଏ ଦିନର ମୁସାଫତ୍‌ରେ ଅବସ୍ଥିତ ଅର୍ଥାତ୍ ଘୋଡା ଉପରେ ବସି ଜଣେ ଲୋକ ଗୋଟିଏ ଦିନରେ ଯେତେବାଟ ଯାତ୍ରା କରିପାରେ ସେତିକି ରାସ୍ତାର ଦୂରତାରେ ଅବସ୍ଥିତ । ସେହିଭଳି ମଦିନା ଓ ଫୁରାଅ ମଧ୍ୟରେ ଯେଉଁ ଦୂରତା ଥିଲା ତାହା ୯୬ ମାଇଲ୍ ର ବ୍ୟବଧାନ ଥିଲା । (ତବକାତୁଲ୍ କୁବରା ଖ-୨, ପୃ- ୪୮ ....... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୧୯୯୦)(ଅଲ୍ ମୁନ୍‌ଜିଦ୍ ବରଦ୍ ଶବ୍ଦ ଅନ୍ତର୍ଗତ ବ୍ୟାଖ୍ୟା )

ଅଲାମା ଇବନେ ଇସହାକ୍ ଙ୍କ ଅନୁସାରେ ବନୁ ମୁସ୍ତଲିକ୍ ଯୁଦ୍ଧ ୦୬ ହିଜରୀ ରେ ହୋଇଥିଲା । ଯେବେକି ମୁସା ବିନ୍ ଉକବା ଙ୍କ ନିକଟରେ ଏହି ଯୁଦ୍ଧ ୦୪ ହିଜରୀରେ ହୋଇଥିଲା । ଓାକ୍‌ଦୀ କହିଛନ୍ତି ଯେ ଏହି ଯୁଦ୍ଧ ଶାବାନ ମାସ ୦୫ ହିଜରୀ ରେ ଅନୁଷ୍ଠିତ ହୋଇଥିଲା । ହଜରତ୍ ମିର୍ଜା ବଶିର୍ ଅହମଦ୍ ର ଅ ଏହି ଯୁଦ୍ଧ ବିଷୟରେ କହିଛନ୍ତି ଯେ ଏହା ୦୫ ହିଜରୀ ରେ ଅନୁଷ୍ଠିତ ହୋଇଥିଲା । ସେ ଯାହା ହେଉ ନା କାହିଁକି ଯେତେବେଳେ ହଜୁର ସ.ଅଙ୍କୁ ଏହି ସୂଚନା ମିଳିଲା ଯେ ବନୁ ମୁସ୍ତଲିକ୍ କବିଲାର ଲୋକମାନେ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବାର ଯୋଜନା ପ୍ରସ୍ତୁତି କରୁଛନ୍ତି ସେତେବେଳେ ହଜୁରସ.ଅ ୭୦୦ ସାହାବାମାନଙ୍କ ସାଥିରେ ଧରି ବନୁ ମୁସ୍ତଲିକ୍ ଆଡ଼କୁ ଅଗ୍ରସର ହେଲେ । ଏକ ବର୍ଣ୍ଣନାନୁଯାୟୀ ହଜୁରସ.ଅ ମୁହାଜିର୍‌ମାନଙ୍କର ଅର୍ଥାତ ପ୍ରବାସକାରୀଙ୍କ ଧ୍ୱଜା ହଜରତ ଅବୁବକର ର.ଅଙ୍କୁ ପ୍ରଦାନ କରିଥିଲେ । ଆଉ ଏକ ବର୍ଣ୍ଣନାନୁଯାୟୀ ହଜୁରସ.ଅ ମୁହାଜିର୍‌ମାନଙ୍କର ଧ୍ୱଜା ହଜରତ୍ ଅମାର୍ ବିନ୍ ୟାସିର୍ ର.ଅଙ୍କୁ ପ୍ରଦାନ କରିଥିଲେ ଓ ଅନସାର୍ ମାନଙ୍କର ଧ୍ୱଜା ହଜରତ୍ ସାଆଦ୍ ବିନ୍ ଅବାଦାଃର.ଅଙ୍କୁ ପ୍ରଦାନ କରିଥିଲେ । (ଅଲବିଦାୟାଃ ଓନ୍ ନହାୟାଃ,ଖ-୪,ପୃ-୧୬୯-୧୭୦,ଗଜଓା ବନୁ ମୁସ୍ତଲିକ୍ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ )

ଇଫକ୍ ଘଟଣା ସମ୍ବନ୍ଧରେ ଯେଉଁ ବିବରଣୀ

ମିଳୁଅଛି ତାହା ହେଉଛି ଏପରିକି ବନୁ ମୁସ୍ତଲିକ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ହଜରତ ଆଏଶାର.ଅ ଯେ କି ହଜରତ ଅବୁବକର ର.ଅଙ୍କର ସୁପୁତ୍ରୀ ଥିଲେ, ତାଙ୍କ ଉପରେ କପଟବିଶ୍ୱାସୀମାନେ ଏକ ଲାଂଛନା ଲଗାଇଥିଲେ । ଏହି ଘଟଣାଟି ଇତିହାସରେ ଇଫକ୍ ଘଟଣା ନାମରେ ପ୍ରଶିଦ୍ଧ । ଅତଏବ୍ ସହି ବୁଖାରୀରେ ହଜରତ ଆଏଶା ର.ଅଙ୍କର ବର୍ଣ୍ଣନା ଦରଜ ରହିଛି । ଯଦିଓ ଏହି ଘଟଣାଟି ଆଉ ଜଣେ ସାହାବିଙ୍କ ଜୀବନୀ ବର୍ଣ୍ଣନା କରିବା ସମୟରେ ପୂର୍ବରୁ କୁହାସରିଛି । (ଖୁତବା ଜୁମା ପ୍ରଦତ ୧୪ ଡିସେମ୍ବର ୨୦୧୮, ମୁଦ୍ରିତ ଅଲଫଜଲ୍ ଇଂଟରନ୍ୟାସନାଲ୍ ୦୪ ଯାନୁୟାରୀ ୨୦୧୯,ପୃ-୬,୭)

କିନ୍ତୁ ଏଠାରେ ହଜରତ୍ ଅବୁବକର୍ ର.ଅ ଙ୍କ ପ୍ରସଙ୍ଗରେ ବି ଏହି ଘଟଣାକୁ ବର୍ଣ୍ଣନା କରିବା ଜରୁରୀ ।

ରସୁଲେ କରିମ୍ ସ.ଆ.ସ ଯେତେବେଳେ କୌଣସି ଯାତ୍ରା(ଗସ୍ତ)ରେ ବାହାରିବା ପାଇଁ ମନସ୍ଥ କରନ୍ତି ସେତେବେଳେ ସେ ନିଜ ପତ୍ନୀ ମନଙ୍କ ମଧ୍ୟରେ ଗୁଳା ପକାନ୍ତି । ହଜରତ ଆଇଶାର.ଅଙ୍କଠାରୁ ଏହି ରିଓାୟତ୍ ପ୍ରାପ୍ତ ହୋଇଛି ଯେ -ଯେତେବେଳେ ଯାହାର ଗୁଳା ଉଠିଥାଏ ରସୁଲେ କରିମ୍ ସ.ଆ.ସ ସେତେବେଳେ ତାଙ୍କୁ ନିଜ ସାଥିରେ ନେଇଯାଉଥିଲେ । ଏକଦା ରସୁଲେ କରିମ୍ ସ.ଆ.ସ ଗୋଟିଏ ଯୁଦ୍ଧ ସମୟରେ ଆମମାନଙ୍କ ମଧ୍ୟରେ ଗୁଳା ପକାଇଲେ । ହଜରତ ଆଇଶାର.ଅ କହୁଛନ୍ତି ଯେ ମୋ ସପକ୍ଷରେ ଗୁଳା ଉଠିଲା । ମୁଁ ମହାଭାଗ ସ.ଆ.ସ ଙ୍କ ସାଥିରେ ଗଲି । ସେ ସମୟରେ ହିଜାବ କରିବା ପାଂଇ ଅଲ୍ଲାଃଙ୍କ ତରଫରୁ ହୁକୁମ୍ ହୋଇସାରିଥିଲା । ସେ କୁହନ୍ତି ମୋତେ ହୁଦଜ୍ (ଅର୍ଥାତ ଓଟ ଉପରେ ସ୍ଥାପନ କରାଯାଇଥିବା ପାଲିଙ୍କି ) ଉପରକୁ ଉଠାଇନିଆଯଉଥିଲା ଓ ତାସମେତ ଓହ୍ଲାଇ ବି ଦିଆଯାଉଥିଲା । ଏହିପରି ଆମେ ଯାତ୍ରା ଜାରି ରଖିଥିଲୁଁ ଏପରିକି ଯେବେ ରସୁଲେ କରିମ୍ ସ.ଆ.ସ ନିଜର ସେହି ଯୁଦ୍ଧ ଅଭିଯାନରୁ ଲେଉଟିଲେ ଓ ଆମେମାନେ ମଦିନାର ନିକଟବର୍ତ୍ତୀ ହୋଇଗଲୁଁ , ଗୋଟିଏ ରାତିରେ ରସୁଲେ କରିମ୍ ସ.ଆ.ସ ପ୍ରସ୍ଥାନ କରିବା ପାଇଁ ନିର୍ଦ୍ଦେଶ ଦେଲେ । ଯେବେ ଲୋକମାନେ ଏ ଘୋଷଣା କଲେ ଯେ ଏବେ ଏଠାରୁ ପ୍ରସ୍ଥାନ କରିବାକୁ ହେବ ମୁଁ ସେତେବେଳେ ଛିଡାହେଲି ଓ ନିଜର ନିତ୍ୟକର୍ମ ସାରିବାକୁ ବାହାରିପଡିଲି ଏପରିକି ସେନାଦଳର ଆଗକୁ ଚାଲିଗଲି । ଯେତେବେଳେ ମୁଁ ମୋ ନିତ୍ୟକର୍ମ ଶେଷକରି ମୋ ହୁଦଜ୍ ନିକଟକୁ ଆସିଲି ଓ ମୋ ହାତକୁ ଛାତିରେ ମାରିଲି ସେତେବେଳେ ଦେଖିଲି ଯେ ମୋ ଅଜଫାର୍ ହାରଟି ମୋ ଗଳାରୁ ଛିଡ଼ି କେଉଁଠି ପଡିଯାଇଛି । ପୁଣି ସେ କହୁଛନ୍ତି ଯେ ମୁଁ ସେଠାରୁ ଫେରି ମୋ ହାରକୁ ଖୋଜିବାକୁ ଲାଗିଲି । ଏହି ଖୋଜାଖୋଜିରେ ମୋର ସମୟ ଚାଲିଗଲା । ମୁଁ ଯେଉଁ ସବାରିରେ ବସିଯାଇଥାଏ ଲୋକମାନେ ଆସି ସେହି ପାଲିଙ୍କିକୁ ଉଠାଇ ମୋ ଓଟ ଉପରେ ରଖିଦେଲେ । ସେମାନେ ଭାବିଲେ ଯେ କାଳେ ମୁଁ ସେହି ପାଲିଙ୍କି ଭିତରେ ଅଛି କାରଣ ମହିଳାମାନେ ସେ ସମୟରେ ବହୁତ ହାଲୁକା ଥିଲେ,ତାଙ୍କ ଦିହରେ ଅଧିକା ମାଂସ ନଥିଲା ମହିଳାମାନେ ଅଳ୍ପ ଖାଦ୍ୟ ଖାଉଥିଲେ । ସେ ଯାହା ହେଉ ନା କାହିଁକି ଲୋକମାନେ ଯେତେବେଳେ ତାଙ୍କୁ ଉଠାଇଲେ ,ହୁଦଜର ଓଜନକୁ ସେତେଟା ଅସାଧାରଣ ମନେକଲେ ନାହିଁ । ମୁଁ ସେତେବେଳେ କମ୍ ବୟସର ବି ଥିଲି । ଅତଏବ ସେମାନେ ଓଟକୁ ଉଠାଇଲେ ଓ ଚାଲିବାକୁ ଲାଗିଲେ । ମୁଁ ଯେବେ ମୋ ହାରଟିକୁ ପାଇଲି ସେତେବେଳେ ସେନାଦଳଟି ସେଠାରୁ ଚାଲିଯାଇଥିଲା ।

ମୁଁ ଯେବେ ସେମାନଙ୍କ ଶିବିର ନିକଟକୁ ଆସିଲି, ସେଠାରେ କେହି ବି ନଥିଲେ । ପୁଣି ମୁଁ ମୋ ଶିବିର ନିକଟକୁ ଗଲି ଯେଉଁଠି ମୁଁ ରହୁଥିଲି ଓ ମୁଁ ଏହା ଭାବିଲି ଯେ ଯେବେ ସେମାନେ ମତେ ପାଇବେ ନାହିଁ,ମୋ ନିକଟକୁ ଆସିବେ । ଏହିପରି ଅବସ୍ଥାରେ ମୁଁ ବସିଥିଲି ଯେ ମୋ ଆଖି ଲାଗିଗଲା ଓ ମୁଁ ଶୋଇପଡିଲି । ସଫଓାନ୍ ବିନ୍ ମୁଅତଲ୍ ସୁଲମି ଜକ୍ଓ୍ୱାନୀ ସେନାଦଳର ପଛରେ ଥିଲେ । ସେ ସକାଳେ ମୋ ଶିବିର ନିକଟକୁ ଆସିଲେ ଓ ସେଠାରେ ଜଣେ ଶୋଇଥିବା ଲୋକକୁ ଦେଖିଲେ । ସେ ଆସି ଦେଖିଲେ ଯେ ସେଠାରେ ମୁଁ ଶୋଇପଡିଛି । ସେ ହିଜାବ୍‌ର ହୁକୁମ୍ ଅବତୀର୍ଣ୍ଣ ହେବା ପୂର୍ବରୁ ମତେ ଦେଖିଥିଲେ । ସୁତରାଂ ସେ ଯେତେବେଳେ ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହେ ରାଜେଉନ୍ ପଢିଲେ ମୁଁ ଜାଗି ଉଠିଗଲି । ସେ ତାଙ୍କ ଓଟକୁ ତଳେ ବସାଇଦେଲେ ମୁଁ ଓଟ ଉପରେ ଚଢି ବସି ପଡିଲି । ସେ ମୋ ସବାରୀକୁ ଧରି ଆଗକୁ ଚାଲିଲେ ଏପରିକି ଆମେ ସେନାଦଳ ନିକଟରେ ପହଂଚିଗଲୁଁ (ଅର୍ଥାତ ରାତ୍ରସମୟରେ ହଜରତ ଆଏଶାର.ଅ ଶୌଚ ହେବାକୁ ଗଲେ । ଫେରିବା ପରେ ଆପଣ ନିଜ ଗଳାରେ ଥିବା ଅଯଫାର୍‌ର ହାର ପାଇଲେ ନାହିଁ । ବସ୍ତୁତଃ ତାହାର ଅନ୍ୱେଷଣରେ ହଜରତ ଆଏଶାର.ଅ ସେହି ସ୍ଥାନ ଆଡ଼କୁ ପୁନଃ ଚାଲିଗଲେ । ସେଠାରୁ ଯେତେବେଳେ ନିଜ ଲୋକମାନଙ୍କ ଗହଣକୁ ଫେରିଲେ ସେତେବେଳକୁ ସେନା ସେଠାରୁ ପ୍ରସ୍ଥାନ କରି ଯାଇଥିଲା । ସଫୱାନ୍ ବିନ୍ ମୌତଲ୍ ଯିଏ ମୁସଲମାନ ସେନା ପଛପଛେ ଆସୁଥିଲେ । ସେ ହଜରତ ଆଏଶା ର.ଅଙ୍କୁ ଦେଖି ତାଙ୍କୁ ସସମ୍ମାନେ ଓଟ ଉପରେ ବସାଇ ଯାତ୍ରା କରି ମୁସଲମାନମାନଙ୍କ ନିକଟରେ ପହଂଚି ଗଲେ ଓ ସେତେବେଳେ ଲୋକମାନେ ଦ୍ୱିପ୍ରହର ହୋଇଥିବା ଯୋଗୁଁ ଆରାମ୍ କରିବା ନିମନ୍ତେ ଶିବିର ଲଗାଇଥିଲେ ।

ତାପରେ ଯାହାକୁ ଧ୍ୱଂସ ହେବାରଥିଲା ସେ ଧ୍ୱଂସ ହୋଇଗଲା । ଏହି ଇଫକ୍ ର ପ୍ରତିଷ୍ଠାତା ଅବଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ଥିଲା । ଆମେ ମଦିନାରେ ପହଂଚିଲୁ । ଉକ୍ତ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ମଦିନା ପହଂଚିବା ପରେ ହଜରତ ଆଏଶାର.ଅ ଏକ ମାସ ପର୍ଯ୍ୟନ୍ତ ଅସୁସ୍ଥ ହୋଇଗଲେ । ଅପରପାର୍ଶ୍ୱରେ ହଜରତ ଆଏଶାର.ଅ ଙ୍କ ପ୍ରସଙ୍ଗରେ ଉକ୍ତ ଘଟଣାକୁ କେନ୍ଦ୍ର କରି କପଟବିଶ୍ୱାସୀମାନେ ନାନା କଥା ପ୍ରଘଟ କରିବା ଆରମ୍ଭ କରିଦେଲେ । ହଜରତ ଆଏଶାର.ଅ କୁହନ୍ତି; ସେ ସମସ୍ତ ପ୍ରସଙ୍ଗରୁ ମୁଁ ଅଜ୍ଞ ଥିଲି କିନ୍ତୁ ଏହା ମୋତେ ଅଧିକ ଅସ୍ଥିର କରି ରଖିଥିଲା, ଯେ ରୋଗଶଯ୍ୟାରେ ପଡ଼ିଥିବା ସତ୍ୱେ ବି ହଜୁର ସ.ଅଙ୍କର ମୋ ପ୍ରତି ସେଭଳି ସମବେଦନାପୂର୍ଣ୍ଣ ବ୍ୟବହାର ନଥିଲା ଯାହା ମୁଁ ପୂର୍ବରୁ ବେମାର ପଡିବା ସମୟରେ ତାଙ୍କନିକଟରେ ସର୍ବଦା ଦେଖିଥାଏ । ଆଁ ହଜୁର୍ ସ.ଅ.ସ ଘର ଭିତରକୁ ଆସନ୍ତି ପୁଣି ସଲାମ କରି ପଚାରନ୍ତି ତୁମେ କିପରି ଅଛ ? ମତେ ଏହି ଇଫକ ଘଟଣା ବିଷୟରେ କିଛି ବି ଜ୍ଞାନ ନଥିଲା । ଏପରିକି ଯେତେବେଳେ ମୁଁ ସେହି ପୀଡାଦାୟକ କଥନସବୁ ଶୁଣିଲି ସେତେବେଳେ ମୋର ବ୍ୟାଧି ଅଧିକ ବଢ଼ିଗଲା ଓ ପରିସ୍ଥିତି ଏତେ ଖରାପ ହୋଇଗଲା ଯେ ଏମିତି ଲାଗିଲା ସତେ ଯେମିତି ମୁଁ ମରିଯିବି । ଆମେ କେବଳ ରାତିରେ ହିଁ ନିତ୍ୟକର୍ମ ସାରିବା ପାଇଁ ଘରୁ ବାହାରିଥାଉଁ । ଅର୍ଥାତ ରାତି ସମୟକୁ ଅପେକ୍ଷା କରି ରହିଥାଉଁ । ଏହା ସେ ସମୟର କଥା ଯେବେ ଆମ ଘରମାନଙ୍କରେ ପାଇଖାନା ବନାଯାଇନଥିଲା । ସେ ଯାହା ହେଉ ହଜରତ ଆଏଶାର.ଅ କୁହନ୍ତି -ଆ ପୂର୍ବରୁ ଆମମାନଙ୍କର ଅବସ୍ଥା ଏପରି ଥିଲା ଯେପରି ଆରବର ଲୋକମାନେ ସ୍ୱାଭାବିକ ଭାବେ ନିଜର ନିତ୍ୟକର୍ମ ସାରିବା ପାଇଁ ଘରୁ ବାହାରି ଜଙ୍ଗଲକୁ ଯାଇଥାନ୍ତି । ଏକଦା ମୁଁ ଏବଂ ଉମ୍ମେ ମିସତହ୍ ବିନତେ ଅବୁ ରୁହମ୍ ଆମେ ଦୁଇଜଣଯାକ ନିତ୍ୟକର୍ମ ସାରିବା ପାଇଁ ପଦାକୁ ଗଲୁ । ଉମ୍ମେ ମିସତହ୍ ନିଜ ଓଢଣୀ ଯୋଗୁ ଝୁଁଟିପଡିଲେ ଓ ଅଟକି ଗଲେ ଓ କହିଲେ ମିସତହ୍ ଧ୍ୱଂସ ହୋଇଗଲା । ମୁଁ ତାଙ୍କୁ କହିଲି ଯେ ତୁମେ ଏମିତି କାହିଁକି କହୁଛ ? ଏହା ତ ବହୁତ ଖରାପ କଥା । ତୁମେ ଏମିତି ଜଣେ ବ୍ୟକ୍ତିଙ୍କ ବିଷୟରେ ଏକଥା କହୁଛ ଯିଏ ବଦର୍ ଯୁଦ୍ଧରେ ସାମିଲ ହୋଇଛନ୍ତି । ଏକଥା ଶୁଣି ସେ କହିଲେ ହେ ଭୋଳି (ସାଧାସିଧା ଓ ନିରୀହ) ଝିଅ ! କଣ ତୁମେ ଏକଥା ଶୁଣିନାହଁ ଯେଉଁ କଥା ଲୋକମାନେ କହୁଛନ୍ତି ? ହଜରତ ଆଏଶାର.ଅ କହିଲେ - ତାପରେ ସେ ମତେ ଇଫକ ଘଟଣା ବିଷୟରେ ବତାଇଲେ । ଏହା ଶୁଣି ମୋର ରୋଗ ଆହୁରି ଅଧିକ ବଢ଼ିଗଲା ।

ପୁଣି ଯେତେବେଳେ ମୁଁ ଘରକୁ ଫେରିଲି,ରସୁଲେ କରିମ୍ ସ.ଆ.ସ ମୋ ନିକଟକୁ ଆସିଲେ, ମତେ ସଲାମ୍ କଲେ ଓ କହିଲେ ତୁମେ କେମିତି ଅଛ ? ମୁଁ କହିଲି ହଜୁର ସ.ଅ.ସ ଆପଣ ମତେ ମୋ ବାପା ଘରକୁ ଯିବା ପାଇଁ ଅନୁମତି ପ୍ରଦାନ କରନ୍ତୁ । ହଜରତ ଆଏଶାର.ଅ କହିଲେ ମୁଁ ସେତେବେଳେ ଏହା ଚାହୁଁଥିଲି ଯେ ମୁଁ ମୋ ମା ବାପାଙ୍କ ନିକଟକୁ ଯାଇ ଏ ଖବର ବିଷୟରେ ନିଶ୍ଚିତ ହୋଇଯିବି । ସୁତରାଂ ରସୁଲେ କରିମ୍ ସ.ଆ.ସ ମତେ ମୋ ବାପଘରକୁ ଯିବା ପାଇଁ ଅନୁମତି ପ୍ରଦାନ କଲେ । ଅତଏବ ମୁଁ ମୋ ମାଆ ବାପାଙ୍କ ଘରକୁ ଚାଲି ଆସିଲି ଓ ମୋ ମାଆଙ୍କୁ ଏ ବିଷୟରେ ପଚାରିଲି ଯେ ଏମିତି ସବୁ କଣ ଶୁଣିବାକୁ ମିଳୁଛି ? ମାମଲା କଣ ? ସେ କହିଲେ ହେ ମୋର ଝିଅ ! ଏ ବିଷୟରେ ତୁମେ ଚିନ୍ତା କର ନାହିଁ କି ନିଜର ସ୍ୱାସ୍ଥ୍ୟ ଖରାପ କର ନାହିଁ । ଅଲ୍ଲାଃଙ୍କ ରାଣ ! ଏପରି ବହୁତକମ୍ ଦେଖିବାକୁ ମିଳିଥାଏ ଯେ ଯଦି କୌଣସି ଲୋକର ସୁନ୍ଦର ପତ୍ନୀ ଥିବ ଓ ସେ ତାକୁ ଭଲ ପଉଥିବ ଏବଂ ତାର ସଉତୁଣୀ ବି ଥିବେ । କିନ୍ତୁ ଲୋକମାନେ ତା ଖିଲାଫରେ କଥା ହେଉନଥିବେ । ମୁଁ କହିଲି ସୁବହାନଲ୍ଲାଃ ! ତାହେଲେ ଲୋକମାନେ ଏ ବିଷୟରେ ଚର୍ଚ୍ଚା କରୁଛନ୍ତି । ପୁଣି ମୁଁ ସାରା ରାତି ଏହିପରି ବିତାଇଲି ଯେ ସକାଳ ହୋଇଗଲା ଓ ମୋ ଅଶ୍ରୁ ବହିବା ବନ୍ଦ ହେଲା ନାହିଁ କି ମୋତେ ଟିକିଏ ବି ନିଦ ହେଲାନାହିଁ ।

ପୁଣି ସକାଳ ହେବାପରେ ହଜୁରସ.ଅ ହଜରତ ଅଲୀ ବିନ୍ ଅବୁ ତାଲିବ୍ ର.ଅ ଓ ହଜରତ ଉସାମା ବିନ୍ ଜୈଦ୍‌ର.ଅ ଙ୍କୁ ଡକାଇପଠାଇଲେ ଏବଂ ଯେତେବେଳେ ଅଲ୍ଲାଃଙ୍କ ତରଫରୁ କୌଣସି ଐଶିବାଣୀ ଅବତୀର୍ଣ୍ଣ ହେବାରେ ବିଳମ୍ବ ହେଲା ,ଏହି ପ୍ରସଙ୍ଗରେ ହଜୁରସ.ଅ ସେମାନଙ୍କ ସହିତ ପରାମର୍ଶ କରିବାକୁ ଚାହୁଁଥିଲେ । ଯେଉଁଠି ହଜରତ ଉସାମା ବିନ୍ ଜୈଦ୍‌ର.ଅ ଙ୍କ କଥା ଉଠୁଛି,ସେଠି ସେ ଏ ପ୍ରସଙ୍ଗରେ ଯାହା ଯାଣିଥିଲେ ତାହା ବତାଇଲେ । ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ.ଅ.ସ ! ଆଏଶାର.ଅ ଆପଣଙ୍କ ପତ୍ନୀ ଅଟନ୍ତି । ଅଲ୍ଲାଃଙ୍କ ରାଣ ! ଆମେ ତାହାଙ୍କ ସମ୍ବନ୍ଧରେ କେବଳ ଭଲ ବ୍ୟତୀତ ଆଉ କିଛି ଜାଣିନାହୁଁ ।

ଯେଉଁଠି ହଜରତ ଅଲୀ ର.ଅ ଙ୍କ କଥା ଉଠୁଛି ,ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ.ଅ.ସ ! ଅଲ୍ଲାଃ ଆପଣଙ୍କ ପାଇଁ କୌଣସି ପ୍ରକାରର ଅଭାବ ରଖିନାହାନ୍ତି , ତାହାଙ୍କ ବ୍ୟତୀତ ଆହୁରି ଅନେକ ମହିଳା ଅଛନ୍ତି ,ତେଣୁ ଏହି ଖାଦ୍‌ମାଃ (ଅର୍ଥାତ ସେବିକା)ଙ୍କୁ ପଚାରନ୍ତୁ ସେ ସବୁକିଛି ଆପଣଙ୍କୁ ସତ ସତ କହିଦେବ । ଏଥିରେ ହଜୁରସ.ଅ ବରିରାଃକୁ ଡକାଇଲେ ଓ ତାକୁ କହିଲେ ହେ ବରିରାଃ ! କଣ ତୁମେ ତାଙ୍କଠାରେ (ଅର୍ଥାତ ହଜରତ ଆଏଶାର.ଅ ଙ୍କଠାରେ) ଏମିତି କୌଣସି କଥା ଦେଖିଛ ଯାହା ସନ୍ଦେହ ଭିତରକୁ ଟାଣି ନେଉଥିବ ? ବରିରାଃ କହିଲେ ନା । ମତେ ତା ରାଣ ଯିଏ ଅପଣଙ୍କୁ ସତ୍ୟତାର ସହିତ ପ୍ରେରଣ କରିଛନ୍ତି ! ମୁ ତାଙ୍କ ନିକଟରେ କେବଳ ଏତିକି ଦୃବଳତା ଦେଖୁବାକୁ ପଇଛି ଯେ ସେ ଜଣେ କମ୍ ବୟସର ଝିଅ ଅଟନ୍ତି ଏତଦ୍ ବ୍ୟତୀତ ଆଉକିଛି ଦେଖିନାହିଁ । ସେ ଅଟା ଚକଟୁ ଚକଟୁ ଶୋଇପଡିଥାନ୍ତି ଓ ଛେଳି ଆସି ତାହା ଖାଇଦେଇଥାଏ । ଏକଥା ଶୁଣି ରସୁଲୁଲ୍ଲାଃ ସ ଆ ସ ସେହିକ୍ଷଣି ଉଠିଲେ ଓ ଅବଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ବିଷୟରେ ଦୁଃଖ ପ୍ରକାଶ କରି କହିଲେ କିଏ ଅଛି ଯିଏ ମତେ ଏପରି ବ୍ୟକ୍ତିଠାରୁ ମୁକ୍ତି ପ୍ରଦାନ କରିବ ଯାହାର ମନ୍ଦ ଉଦ୍ଦେଶ୍ୟ ମୋ ପରିବାରକୁ ଦୁଃଖ ଦେଇଅଛି ? ଅଲ୍ଲାଃଙ୍କ ରାଣ ! ମୁଁ ମୋ ପରିବାରର ଲୋକମାନଙ୍କ ମଧ୍ୟରେ ଭଲ ଛଡା ଆଉ କିଛି ଦେଖିନାହିଁ । ମୋ ପରିବାର ନିକଟକୁ ସେ କେବଳ ମୋ ସହିତ ହିଁ ଆସେ ଅନ୍ୟଥା ନୁହେଁ । ଏକଥା ଶୁଣି ହଜରତ ସାଆଦ୍ ବିନ୍ ମାଆଜ୍ ର ଅ ଛିଡା ହେଲେ ଓ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ ଆ ସ ! ମୁଁ ତାକୁ ଶେଷ କରିଦେବି । ଯଦି ସେ ଅଓସ୍ କବିଲାର ତାହେଲେ ଆମେ ତା ମୁଣ୍ଡ କାଟିଦେବୁ , ଏବଂ ଯଦି ସେ ଆମ ଭାଇ ଖଜରଜ୍ କବିଲାର ହୋଇଥିବ ତାହେଲେ ଆପଣ ଆମକୁ ହୁକୁମ୍ କରନ୍ତୁ । ଆମେ ଆପଣଙ୍କ ଆଦେଶ ମୁତାବକ ପରିଚାଳିତ ହେବୁ । ଏହା ଶୁଣି ହଜରତ୍ ସାଆଦ୍ ବିନ ଉବାଦାଃ ର ଅ ଛିଡା ହେଲେ । ସେ ଖଜରଜ୍ କବିଲାର ସରଦାର୍ ଥିଲେ ତତ୍ ସହିତ ସେ ଜଣେ ଭଦ୍ର ବ୍ୟକ୍ତି ଥିଲେ । କିନ୍ତୁ ସେ ତାଙ୍କ ଜନଜାତିର ଲଜ୍ଜା ଯୋଗୁଁ କ୍ରୋଧିତ ହୋଇ କହିଲେ ତୁମେ ଭୂଲ କହିଛ । ଅଲ୍ଲାଃଙ୍କ ରାଣ ! ତୁମେ ତାକୁ ମାରିପାରିବ ନାହିଁ ଓ ନା ତୁମର ତା ଉପରେ କୌଣସି ଅଧିକାର ଅଛି । ଅର୍ଥାତ ସେମାନେ ଆପୋଷରେ ଭିଡିଗଲେ । ଏକଥା ଶୁଣି ହଜରତ ଉସୈଦ୍ ବୁନ୍ ହୁଜୈର୍ ର ଅ ଛିଡାହେଲେ ଓ କହିଲେ ତୁମେ ଭୂଲ କହିଛ । ଅଲ୍ଲାଃଙ୍କ ରାଣ !ଅଲ୍ଲାଃଙ୍କ ରାଣ ! ଆମେ ତାକୁ ନିଶ୍ଚିତ ମାରିବୁ । ତୁମେ ହେଉଛ ମୁନାଫିକ୍ ତେଣୁ ମୁନାଫିକ୍ ମାନଙ୍କ ପରି କଥାବାର୍ତ୍ତା କରୁଅଛ ଓ ଝଗଡା କରୁଅଛ । ଏଥିରେ ଦୁଇ କବିଲାର ଲୋକମାନେ ଭଡକି ଉଠିଲେ ଝଗଡା କରିବା ପାଇଁ ଅଂଟା ଭିଡିଲେ । ସେତେବେଳେ ରସୁଲୁଲ୍ଲାଃ ସ ଆ ସ ମେମ୍ବର୍ (ଡାଇସ୍)ଉପରେ ଥିଲେ । ପୁଣି ରସୁଲୁଲ୍ଲାଃ ସ ଆ ସ ତଳକୁ ଓହ୍ଲାଇଲେ ଓ ତାଙ୍କୁ ବୁଝାଇ ଥଣ୍ଡା କଲେ । ସେ ନୀରବ ହୋଇଗଲେ ଓ ମହାଭାଗ ସ ଆ ସ ବି ନୀରବ ହୋଇଗଲେ ।

ହଜରତ ଆଏଶାର.ଅ କୁହନ୍ତି; ମୁଁ ସାରା ଦିନ ରୋଦନ କରି ବିତାଇଲି ଏବଂ ମୋ ନୟନରୁ ଅଶ୍ରୁ ଝରିବା ଥମିଲା ନାହିଁ କି ମତେ ନିଦ ଆସିଲା ନାହିଁ । ମୋ ମା ବାପା ମୋ ପାଖକୁ ଆସିଲେ । ମୁଁ ଦୁଇ ରାତି ଏବଂ ଗୋଟିଏ ଦିନ ଲଗାତାର କାନ୍ଦିଲି ଏମିତି କି ମତେ ଅନୁଭବ ହେଲା ଯେ ଯେମିତି ଏହି କ୍ରନ୍ଦନ ମୋ କଳିଜାକୁ ଖଣ୍ଡ ଖଣ୍ଡ କରିଦେବ । ଏହି ଅବଧିରେ ମୋ ମାଆ ବାପା ମୋ ନିକଟରେ ବସିରହିଥିଲେ । ମୁଁ ଲଗାତାର କାନ୍ଦିଚାଲୁଥିଲି ।

ଏତିକିବେଳେ ଜଣେ ଅନସାରୀ ମହିଳା ଭିତରକୁ ଆସିବା ପାଇଁ ଅନୁମତି ମାଗିଲେ , ମୁଁ ତାଙ୍କୁ ଅନୁମତି ଦେଇଦେଲି । ସେ ବି ମୋ ସହିତ ମିଶି କାନ୍ଦିଲା । ଆମେ ଏହିପରି ବସି କାନ୍ଦୁଥିଲୁଁ ଯେ ରସୁଲେ କରିମ୍ ସ.ଆ.ସ ଆମ ଗହଣରେ ପଦାର୍ପଣ କଲେ ଓ ଆମ ନିକଟରେ ବସିପଡିଲେ । ଯେବେଠାରୁ ମୋ ବିଷୟରେ ଏହିପରି (ଗୁଜବ) ଶୁଣାଗଲାଣି ରସୁଲେ କରିମ୍ ସ.ଆ.ସ କେବେ ବି ଆସି ଏମିତି ବସିନଥିଲେ ଓ ଆପଣ ସ.ଆ.ସ ଏହିପରି ବ୍ୟବହାର ଏକ ମାସ ପର୍ଯ୍ୟନ୍ତ ମୋ ସହିତ କରିଚାଲିଥିଲେ । (ଅର୍ଥାତ ମୋ ନିକଟରେ ଆସି ବସୁନଥିଲେ) । ଏମିତି ଗୋଟିଏ ମାସ ବିତିଗଲା କିନ୍ତୁ ମୋ ସମ୍ବନ୍ଧରେ ରସୁଲେ କରିମ୍ ସ.ଆ.ସ ଙ୍କ ଉପରେ କୌଣସି ଓହି(ଐଶିବାଣୀ) ଅବତୀର୍ଣ୍ଣ ହେଲାନାହିଁ । ହଜରତ୍ ଆଏଶାର.ଅ କୁହନ୍ତି;- ରସୁଲେ କରିମ୍ ସ.ଆ.ସ ତଶହୁଦ୍ ପଢିଲେ , ତାପରେ କହିଲେ ହେ ଆଇଶା ! ତୁମ ସମ୍ବନ୍ଧରେ ମତେ ଏପରି ସୂଚନା ମିଳିଛି । ଯଦି ତୁମେ ନର୍ଦ୍ଦୋଶ ତାହେଲେ ଅଲ୍ଲାଃ ତାଲା ତୁମକୁ ଏଥିରୁ ମୁକ୍ତ କରିଦେବେ, ଓ ଯଦି ତୁମଦ୍ୱାରା କିଛି ଭୂଲ ହୋଇଥିବ ତାହେଲେ ଅଲ୍ଲାଃଙ୍କଠାରୁ କ୍ଷମା ମାଗ । (ଅର୍ଥାତ ହଜୁରସ.ଅ କହିଲେ; ହେ ଆଏଶା ! ଯଦି ତୁମେ ନିର୍ଦୋଷ ତେବେ ଅଲ୍ଲାଃତାଲା ନିଶ୍ଚିତ ରୂପେ ତୁମର ସତ୍ୟତା ପ୍ରତିପାଦନ କରିଦେବେ । କିନ୍ତୁ ଯଦି ତୁମେ କୌଣସି ଭୁଲ କରିଛ ତେବେ ଅଲ୍ଲାଃତାଲା ସମ୍ମୁଖେ କ୍ଷମା ଯାଚନା କର)। କାରଣ ଯେତେବେଳେ ଭକ୍ତ ଅଲ୍ଲାଃତାଲାଙ୍କ ନିକଟରେ ନିଜର ଦୋଷ(ପାପ)କୁ ସ୍ୱୀକାର କରିଥାଏ ଓ ତୌବାଃ କରିଥାଏ ସେତେବେଳେ ଅଲ୍ଲାଃତାଲା ବି ଦୟାପରବଶ ହୋଇ ତା ପାଖକୁ ଫେରିଆସେ ।

ଯେବେ ରସୁଲେ କରିମ୍ ସ.ଆ.ସ ନିଜ କଥାକୁ ସମ୍ପୂର୍ଣ୍ଣ କଲେ, ମୋ ଅଶ୍ରୁ ବହିବା ରୋକିଗଲା , ଏପରିକି ଆଉ ଗୋଟିଏ ବୁନ୍ଦା ବି ଝରିଲା ନାହିଁ । ମୁଁ ମୋ ବାପାଙ୍କୁ କହିଲି ଯେ ମୋ ତରଫରୁ ରସୁଲେ କରିମ୍ ସ.ଆ.ସ ଙ୍କୁ ଉତର ଦେଇଦିଅ । ମୋ ବାପା କହିଲେ ଅଲ୍ଲାଃଙ୍କ ରାଣ ମୁଁ ରସୁଲେ କରିମ୍ ସ.ଆ.ସ ଙ୍କୁ କଣ କହିବି ମୁ କିଛି ଯାଣିପରୁ ନାହିଁ । ପୁଣି ମୁଁ ମୋ ମାଆଙ୍କୁ କହିଲି ଯେ ମୋ ତରଫରୁ ରସୁଲେ କରିମ୍ ସ.ଆ.ସ ଙ୍କୁ ଉତର ଦେଇଦିଅ ମୋ ମାଆ କହିଲେ ଅଲ୍ଲାଃଙ୍କ ରାଣ ମୁଁ ରସୁଲେ କରିମ୍ ସ.ଆ.ସ ଙ୍କୁ କଣ କହିବି ମୁ କିଛି ଯାଣିପରୁ ନାହିଁ । ହଜରତ୍ ଆଇଶା ର.ଅ କହୁଛନ୍ତି ମୁଁ ସେତେବେଳେ ଅଳ୍ପ ବୟସର ଝିଅ ଥିଲି,ପବିତ୍ର କୁରଆନ୍ ଅଧିକ ଜାଣିନଥିଲି । ସୁତରାଂ ମୁଁ କହିଲି ;- ଅଲ୍ଲାଃଙ୍କ ରାଣ ! ମୁଁ ଏହା ଜାଣିପାରିଛି ଯେ ମୋ ପ୍ରସଙ୍ଗରେ ଯେଉଁ ସମସ୍ତ ଅକଥନୀୟ ଅଭିଯୋଗ ଆପଣ ଶୁଣିଛନ୍ତି ତାହା ଆପଣଙ୍କ ମନରେ ଘର କରିଯାଇଅଛି ଓ ଆପଣମାନେ ତାହାକୁ ସତ ଭାବିସାରିଛନ୍ତି । ମୁଁ ଯଦି ଆପଣମାନଙ୍କୁ ଏହା କହେ କି ମୁଁ ନିର୍ଦ୍ଦୋଶ,ଯଦିଓ ଅଲ୍ଲାଃ ଏହା ଜାଣିଛନ୍ତି ଯେ ମୁଁ ପ୍ରକୃତରେ ନିର୍ଦ୍ଦୋଶ, ତାହେଲେ ବି ଆପଣମାନେ ମତେ ସତ୍ୟବାଦୀ ବୋଲି ବିବେଚନା କରିବେ ନାହିଁ । ଯଦି ମୁଁ ଆପଣମାନଙ୍କ ନିକଟରେ କୌଣସି କଥାକୁ ସ୍ୱୀକାର କରିନିଏ, ଯଦିଓ ବାସ୍ତବିକ ଅଲ୍ଲାଃ ଏକଥା ଜାଣିଛନ୍ତି ଯେ ମୁଁ ପ୍ରକୃତରେ ନିର୍ଦ୍ଦୋଶ କିନ୍ତୁ ଆପଣମାନେ ମତେ ସତ୍ୟବାଦୀ ବୋଲି ବିବେଚନା କରିନେବେ ।

ଅଲ୍ଲାଃଙ୍କ ରାଣ ! ମୁଁ ମୋ ନିଜର ଓ ଆପଣମାନଙ୍କର ଉଦାହରଣ ୟୁସୁଫଙ୍କ ପିତାଙ୍କ ବ୍ୟତୀତ ଆଉ କିଛି ଦେଖିବାକୁ ପାଉନାହିଁ । ଯେବେ ସେ ଏକଥା କହିଥିଲେ;- ଫସବ୍ରୁନ୍ ଜମିଲୁନ୍ ୱ୍ଲାହୁଲ୍ ମୁସ୍ତାଆନୁ ଅଲା ମାତସିଫୁନ;- ଅର୍ଥାତ;- ମୋ ପାଇଁ ଧୈର୍ଯ୍ୟ ରକ୍ଷା କରିବା ହିଁ ସର୍ବୋତମ । ତୁମେମାନେ ଯାହାସବୁ କହୁଅଛ ସେଥିରୁ ମୋର ଦୟାବାନ ଅଲ୍ଲାଃ ହିଁ ମୋତେ ଉଦ୍ଧାର କରିବେ ଏବଂ ତାଙ୍କନିକଟରେ ହିଁ ସାହାଯ୍ୟ ଭିକ୍ଷା କରିବା ଉଚିତ୍ ।

ପୁଣି ମୁଁ ମୋ ବିଛଣାରେ କଡ ଲେଉଟାଇ ଦେଲି ଓ ମୁଁ ଏ ଆଶା ରଖିଥିଲି ଯେ ଅଲ୍ଲାଃ ତାଲା ମତେ ନିର୍ଦ୍ଦୋଷ ଘୋଷଣା କରିବେ । କିନ୍ତୁ ଅଲ୍ଲାଃଙ୍କ ରାଣ ମୁଁ ଏକଥା କେବେବି ଚିନ୍ତା କରିନଥିଲି ଯେ ଅଲ୍ଲାଃ ମୋ ସମ୍ବନ୍ଧରେ କୌଣସି ଓହି(ଐଶିବାଣୀ) ଅବତୀର୍ଣ୍ଣ କରିବେ ବୋଲି । ମୁଁ ମୋ ଭାବନାରେ ତାଠାରୁ ବହୁତ ନ୍ୟୁନ ଥିଲି ଯେ ମୋ ସମ୍ବନ୍ଧରେ କାଳେ କୌଣସି ଐଶିବାଣୀ ଅବତୀର୍ଣ୍ଣ ହୋଇପାରେ । କିନ୍ତୁ ମୋର ଏ ବିଶ୍ୱାସ ଥିଲା ଯେ ରସୁଲେ କରିମ୍ ସ.ଆ.ସଏ ସମ୍ବନ୍ଧରେ କିଛି ସ୍ୱପ୍ନ ଦେଖିବେ ଯେ ଅଲ୍ଲାଃ ତାଲା ମତେ ନିର୍ଦ୍ଦୋଷ ସାବ୍ୟସ୍ତ କରିଦେଇଛନ୍ତି । ଅଲ୍ଲାଃଙ୍କ ରାଣ ! ମହାଭାଗ ସ.ଅ .ସ ନିଜ ବସିବା ସ୍ଥାନରୁ ଉଠିନଥିଲେ ଓ ଘର ଲୋକମାନଙ୍କ ମଧ୍ୟରୁ କେହି ବାହାରକୁ ଯାଇନଥିଲେ ଯେ ତାଙ୍କ ଉପରେ ଐଶୀବାଣୀ ଅବତୀର୍ଣ୍ଣ ହୋଇଗଲା ଓ ହଜୁର ସ.ଅଙ୍କ ଉପରେ ସେହି କଷ୍ଟକର ଅବସ୍ଥା ଜାରି ହୋଇଗଲା ଯାହା ଐଶୀବାଣୀ ଅବତୀର୍ଣ୍ଣ ହେବା ସମୟରେ ହୋଇଥାଏ । ଏପରିକି ଶୀତ ଦିନରେ ବି ଝାଳ ମୋତି ସଦୃଶ ବୁନ୍ଦା ବୁନ୍ଦା ଟପକୁଥିଲା । ଯେତେବେଳେ ହଜୁର ସ.ଅଙ୍କଉପରୁ ସେହି (ଦୈବି) ଅବସ୍ଥା ଅପସରି ଗଲା ସେତେବେଳେ ଆପଣଙ୍କ ପବିତ୍ର ମୁଖ ମଣ୍ଡଳରେ ଆନନ୍ଦର ଭାବ ସ୍ପଷ୍ଟ ଦୃଶ୍ୟମାନ ହେଉଥିଲା । ସର୍ବପ୍ରଥମ କଥା ଯାହା ଆପଣସ.ଅ ମୋ ସହିତ ହେଲେ ତାହା ଥିଲା ଏହା କି ;- ହେ ଆଏଶା ! ଅଲ୍ଲାଃଙ୍କ ପ୍ରଶଂସା ଗାନ କର, ସେ ତୁମକୁ ନିର୍ଦ୍ଦୋଷ ସାବ୍ୟସ୍ତ କରି ତୁମର ପବିତ୍ରତା ପ୍ରକାଶ କରିଦେଇଛନ୍ତି । ଏଥିରେ ହଜରତ ଆଏଶା ର.ଅଙ୍କ ମାତା ତାଙ୍କୁ କହିଲେ; ଆଏଶା ଉଠ ଏବଂ ହଜୁର ସ.ଅଙ୍କ ନିକଟକୁ ଯାଅ । କିନ୍ତୁ ହଜରତ ଆଇଶା ର.ଅ ଉତର ଦେଲେ ଅଲ୍ଲାଃଙ୍କ ରାଣ ! ମୁଁ ତାଙ୍କ ନିକଟକୁ ଯିବି ନାହିଁ କି ଅଲ୍ଲାଃଙ୍କ ବ୍ୟତୀତ ମୁଁ ଅନ୍ୟ କାହାରି ମହିମା ଗାନ କରିବି ନାହିଁ । ଏଥିରେ ଅଲ୍ଲାଃତାଲା ଏ ଆୟତ ଅବତୀର୍ଣ୍ଣ କଲେ ଇନ୍ନଲ୍ ଲଜିନା ଜାଉ ବିଲ୍ ଇଫ୍‌କି ଉସବତୁମ୍ ମିନକୁମ୍ (ସୁରଃ-ନୂର୍-ଆୟତ୍ ନଂ-୧୨)ଅର୍ଥାତ -ବାସ୍ତବିକ ଯେଉଁମାନେ ଏକ ଗୁରୁତର ଅପବାଦ ଲଗାଇ ଆରୋପ କରିଥିଲେ ସେମାନେ ତୁମମାନଙ୍କ ମଧ୍ୟରେ ଥିବା ଏକ ଗୋଷ୍ଠୀ ଅଟନ୍ତି । ଯେତେବେଳେ ଅଲ୍ଲାଃ ତାଲା ମୋ ନିର୍ଦ୍ଦୋଷ ହେବା ସପକ୍ଷରେ ଏ ଆୟତ ଅବତୀର୍ଣ୍ଣ କଲେ ସେତେବେଳେ ମୋ ବାପା ହଜରତ ଅବୁବକର୍ ର ଅ କହିଲେ ଅଲ୍ଲାଃଙ୍କ ରାଣ ! ମୁଁ ମିସ୍ତିହ୍ ଙ୍କୁ ଆଉ କେବେ ବି ଖର୍ଚ୍ଚ ଦେବିନାହିଁ । ହଜରତ ଅବୁବକର୍ ର ଅ ମିସ୍ତିହ୍ ବିନ୍ ଉସାସାଃକୁ ତା ଅଭାବ ଯୋଗୁଁ ଓ ଗରୀବ ହୋଇଥିବା ଯୋଗୁଁ କିଛି କିଛ ଖର୍ଚ୍ଚ କରିବା ପାଇଁ ଅର୍ଥ ଦେଉଥିଲେ । ଯେହେତୁ ମିସ୍ତିହ୍ ବିନ୍ ଉସାସାଃ ହଜରତ ଆଇଶା ର.ଅ ଙ୍କ ସମ୍ବନ୍ଧରେ ଏମିତି ଅପବାଦପୂର୍ଣ୍ଣ କଥା କହିଥିଲେ । ଏଥିରେ ଅଲ୍ଲାଃ ତାଲା ସୁରଃ ନୂର୍ ର ଆୟତ ନଂ-୨୩ ରେ ଏହା ଅବତୀର୍ଣ୍ଣ କଲେ । ଯାହାର ଅନୁବାଦ ହେଉଛି ଏପରି - ଏବଂ ତୁମମାନଙ୍କ ମଧ୍ୟରୁ (ଧର୍ମରେ ଓ ସଂସାରରେ ) ଶ୍ରେଷ୍ଠ ଓ ସ୍ୱଚ୍ଛଳ ବ୍ୟକ୍ତିମାନେ ଶପଥ କରନ୍ତୁ ନାହିଁ ଯେ ନିଜ ନିକଟ ସମ୍ପର୍କୀୟ ଓ ଦରିଦ୍ର ଏବଂ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ହିଜରତକାରୀମାନଙ୍କୁ ସାହାଯ୍ୟ କରିବେ ନାହିଁ ; ଏବଂ ସେମାନଙ୍କୁ କ୍ଷମା କରିବା ଓ ମାର୍ଜନା କରିବା ଉଚିତ୍ ; କଣ ତୁମେମାନେ ଇଚ୍ଛା କରୁନାହିଁ ଯେ ଅଲ୍ଲାଃ ତୁମମାନଙ୍କ ତ୍ରୁଟି ମାର୍ଜନା କରନ୍ତୁ ? ଏବଂ ଅଲ୍ଲାଃ ଅତ୍ୟନ୍ତ କ୍ଷମାଶୀଳ (ଓ) ସଦା କରୁଣାମୟ ।

ଏଥିରେ ହଜରତ ଅବୁବକର୍ ର ଅ କହିଲେ କାହିଁକି ନୁହେଁ । ଅଲ୍ଲାଃଙ୍କ ରାଣ ! ମୁଁ ଏକଥାକୁ ନିଶ୍ଚିତ ରୁପେ ପସନ୍ଦ କରିବି ଯେ ଅଲ୍ଲାଃ ମତେ କ୍ଷମା କରନ୍ତୁ । ସୁତରାଂ ହଜରତ ଅବୁବକରର.ଅ ଯେଉଂ ଖର୍ଚ୍ଚ ମିସ୍ତିହ୍ ବିନ୍ ଉସାସାଃକୁ ଦେଉଥିଲେ ସେହି ଖର୍ଚ୍ଚ ପୁନର୍ବାର ଦେବା ଆରମ୍ଭ କରିଦେଲେ । (ଅର୍ଥାତ୍ ଏହି ଆୟତ ଅବତୀର୍ଣ୍ଣ ହେବା ପରେ ହଜରତ ଅବୁବକରର.ଅ ମିସ୍ତିହ୍ ବିନ୍ ଉସାସାଃର ଖର୍ଚ୍ଚ ପୂର୍ବ ପରି ବହନ କରିବା ଆରମ୍ଭ କରିଦେଲେ )। ହଜରତ ଆଇଶା ର ଅ କୁହନ୍ତି - ରସୁଲୁଲ୍ଲାଃସ.ଅ.ସ ମୋ ମାମଲାରେ ହଜରତ୍ ଜଏନବ୍‌ର.ଅ ଙ୍କୁ ପଚାରୁଥିଲେ । ରସୁଲୁଲ୍ଲାଃସ.ଅ.ସ ହଜରତ୍ ଜଏନବ୍‌ର.ଅଙ୍କୁ ପଚାରିଲେ ହେ ଜଏନବ୍‌ର.ଅ ! ହଜରତ ଆଇଶାର.ଅଙ୍କ ସମ୍ବନ୍ଧରେ ତୁମର ରାୟ କଣ ? ହଜରତ୍ ଜଏନବ୍‌ର.ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ୍‌ସ.ଅ.ସ ! ମୁଁ ମୋ ଶୁଣିବା ଓ ଦେଖିବାକୁ ସୁରକ୍ଷିତ ରଖିଥାଏ । ଅଲ୍ଲାଃଙ୍କ ରାଣ ! ମୁଁ ତାଙ୍କଠାରେ (ଅର୍ଥାତ ହଜରତ ଆଇଶା ର.ଅ. ଙ୍କ ଠାରେ) କେବଳ ଭଲ ଗୁଣ ହିଁ ଦେଖିଆସୁଅଛି । ହଜରତ ଆଇଶା ର ଅ କୁହନ୍ତି -ଏହି ଜଏନବ୍ ହିଁ ଥିଲେ ଯିଏ ସବୁ କଥାରେ ମୋ ସହିତ ମୁକାବିଲା କରୁଥିଲେ, ଅଲ୍ଲାଃ ତାଲା ତାଙ୍କୁ ଏହି ଧର୍ମପରାୟଣତା ଯୋଗୁଁ ବଂଚାଇଦେଲେ । (ସହୀ ବୁଖାରୀ କିତାବୁଶ ଶାହାଦାଃ .......ହଦିସ୍ ନଂ ୨୬୬୧)

ଏହା ସହୀ ବୁଖାରୀର ଗୋଟିଏ ଲମ୍ବା ହଦିସ୍ ଅଟେ ।

ହଜରତ ମସିହ ମଉଦଅ.ସ କୁହନ୍ତି; ପରମେଶ୍ୱରଙ୍କ ସ୍ୱଭାବରେ ଏହା ଅନ୍ତର୍ଭୁକ୍ତ ଯେ ସେ ୱଇଦ୍ (ଶାସ୍ତି) ଭବିଷ୍ୟବାଣୀକୁ କ୍ଷମା ଯାଚନା ଦ୍ୱାରା, ଦୁଆ ଓ ଦାନଦକ୍ଷିଣା ଦ୍ୱାରା ଅପସାରଣ କରି ଦେଇଥାନ୍ତି,ସେହିପରି ମଣିଷକୁ ମଧ୍ଯ ସେ ଏହି ଶିକ୍ଷା ଦେଇଛନ୍ତି । ଯେପରିକି ପବିତ୍ର କୁରଆନ ଓ ହଦିସ୍‌ରୁ ପ୍ରମାଣିତ ଯେ ହଜରତ ଆଏଶା ର.ଅଙ୍କ ବିରୁଦ୍ଧରେ କପଟବିଶ୍ୱାସୀମାନେ ଯେଉଁ ଅପବାଦ ପ୍ରଚାର କରିଥିଲେ, ସେଥିରେ କିଛି ସରଳ ଓ ନିଷ୍କପଟ ସାହାବା ମଧ କବଳିତ ହୋଇ ଯାଇଥିଲେ । ଏପରି ମଧ୍ୟ ଜଣେ ସାହାବା ଥିଲେ, ଯେ ହଜରତ ଅବୁବକର ର.ଅଙ୍କ ଘରେ ଦୁଇ ବେଳା ନିଜର କ୍ଷୁଧା ନିବାରଣ କରୁଥିଲେ । (କିନ୍ତୁ ସେ ଏହି ଷଡ଼ଯନ୍ତ୍ରକାରୀମାନଙ୍କ ସହିତ ସାମିଲ ହେବା ଯୋଗୁଁ )ହଜରତ ଅବୁବକରର.ଅ ପ୍ରତିଜ୍ଞା କରିଥିଲେ, ଯେ ତାଙ୍କର ଏଭଳି ଆଚରଣ ଯୋଗୁଁ ଆଉ ମୁଁ ତାଙ୍କୁ ଭୋଜନ କରାଇବି ନାହିଁ । ବସ୍ତୁତଃ ଅଲ୍ଲାଃତାଲା ଏହି ଆଦେଶ ଅବତୀର୍ଣ୍ଣ କଲେ, ଯାହାକି ମୁଁ ଉପରେ ଆଲୋଚନା କରି ଆସିଲି । ଅର୍ଥାତ ତୁମମାନଙ୍କୁ ଆବଶ୍ୟକ ଯେ ତୁମେ ଦୟା ଓ କ୍ଷମା ମାର୍ଗକୁ ଆପଣାଅ । ପରିଣାମ ସ୍ୱରୂପ ଅଲ୍ଲାଃ ତୁମମାନଙ୍କ ଦୋଷ ଓ ତ୍ରୁଟିଗୁଡିକୁ ଦୂର କରିଦେବେ ଏବଂ ଅଲ୍ଲାଃ ଅଶେଷ ଦୟାବାନ ଓ ସଦା କରୁଣାମୟ । ସେତେବେଳେ ହଜରତ ଅବୁବକରର.ଅ ନିଜର ସେହି ପ୍ରତିଜ୍ଞା ଭଙ୍ଗ କରି ପୂର୍ବ ପରି ତାଙ୍କୁ ଖାଦ୍ୟ ଖୁଆଇବା ଆରମ୍ଭ କରିଦେଲେ । ପୁଣି ହଜରତ ମସିହ ମଉଦଅ.ସ କୁହନ୍ତି; ଏଥିଯୋଗୁଁ ଇସଲାମୀୟ ଶିକ୍ଷାରେ ଏହା ଅନ୍ତର୍ଭୁକ୍ତ ଯେ ଯଦି ଦଣ୍ଡ ଦେବା ଉଦ୍ଦେଶ୍ୟରେ କୌଣସି ପ୍ରତିଜ୍ଞା କରିଥାଅ ତେବେ ତାହାକୁ ଭଙ୍ଗ କରିବା ଉତମ ଚରିତ୍ର ମଧ୍ୟରେ ଗଣାଯାଇଥାଏ । ଉଦାହରଣ ସ୍ୱରୂପ ଯଦି କେହି ନିଜ ସେବକ ମାମଲାରେ ଏହି ପ୍ରତିଜ୍ଞା କରେ ଯେ ମୁଁ ତାହାକୁ ନିଶ୍ଚିତ ରୂପେ ୫୦ ଜୋତା ମାଡ଼ ଦେବି, କିନ୍ତୁ ଯଦି ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରି କ୍ଷମା ଭିକ୍ଷା କରେ, କାକୁତି ମିନତି ହୁଏ ତେବେ ତାହାକୁ କ୍ଷମା କରିଦେବା ହେଉଛି ସୁନ୍ନତେ ଇସ୍‌ଲାମ (ଇସଲାମୀୟ ପରମ୍ପରା) । ଏତଦ୍ୱାରା ତଖଲ୍ଲକୁ ବିଅଖଲାକିଲ୍ଲାଃ ହୋଇଯାଅ ।(ଅର୍ଥାତ ଅଲ୍ଲାଃଙ୍କ (କ୍ଷମା ଦେବା) ଆଚରଣରେ ରଙ୍ଗିଯାଅ)। କିନ୍ତୁ ପ୍ରତିଶୃତି ଭଙ୍ଗ କରାଯାଇନଥାଏ । **ମନେରଖ ମନୁଷ୍ୟକୁ ନିଜ ପ୍ରତିଶୃତି ଭଙ୍ଗ କରିବା ପ୍ରସଙ୍ଗରେ (ପରକାଳରେ) ପଚରା ଯିବ କିନ୍ତୁ କାହାରିକୁ ଦଣ୍ଡ ଦେବାର ପ୍ରତିଜ୍ଞା ଭଙ୍ଗ କରିବାରେ ପଚରା ଯିବ ନାହିଁ** ।(ଜମିମାଃ ବରାହୀନେ ଅହେମଦୀୟା ଭାଗ-୫ ରୁହାନୀ ଖଜାଏନ, ଖ-୨୧,ପୃ-୧୮୧)

ଓାଦାଃ ଏବଂ ଓଇଦ୍ (ଅର୍ଥାତ୍ ପ୍ରତିଶୃତି ଏବଂ ଦଣ୍ଡ ଦେବାପାଇଁ ପ୍ରତିଜ୍ଞା କରିବା) ଦୁଇଟା ଅଲଗା ଅଲଗା ବିଷୟ । ଏ ବିଷୟରେ ପୂର୍ବରୁ ବି ଚର୍ଚ୍ଚା ହୋଇସାରିଛି ।

ସେ ଯାହା ବି ହେଉ ଏବେ ଅହଜାବ୍ ଯୁଦ୍ଧ ସମ୍ବନ୍ଧରେ ଚର୍ଚ୍ଚା କରିବା ଯାହା ଶଓାଲ୍ ମାସ ୫ ହୀଜ୍‌ରିରେ ଅନୁଷ୍ଠିତ ହୋଇଥିଲା । ମକ୍କାର କୁରୈଶ ଗୋଷ୍ଠୀ ଓ ମୁସଲମାନମାନଙ୍କ ମଧରେ ଏହା ତୃତୀୟ ବଡ ଯୁଦ୍ଧ ହୋଇଥିଲା । ବନୁ ନଜିର୍ ଗୋଷ୍ଠୀ ମଦିନାରୁ ବିତାଡ଼ିତ ହେବା ପରେ, ଖୈବର ସ୍ଥାନରେ ବସତି ସ୍ଥାପନ କରି ନେଇଥିଲେ । ସେଠାରେ ସେମାନେ ମକ୍କାବାସୀ ଓ ଅନ୍ୟାନ୍ୟ ଆରବର ଗୋଷ୍ଠୀ ସମୂହ ସହିତ ସନ୍ଧି ସ୍ଥାପନ କରି ନେଇଥିଲେ ଏବଂ ମୁସଲମାନମାନଙ୍କ ବିରୋଧରେ ସମସ୍ତ ଗୋଷ୍ଠୀ ଏକାଠି ହୋଇ ମଦିନା ଉପରେ ଆକ୍ରମଣ କରିଥିଲେ । ଏଇଥିପାଇଁ ପବିତ୍ର କୁରଆନ୍ ରେ ଏହି ଯୁଦ୍ଧର ନାମ ଅହଜାବ୍ ରଖାଯାଇଅଛି ।

ଯେତେବେଳେ ରସୁଲୁଲ୍ଲାଃ ସ.ଅ.ସଇହୁଦୀମାନଙ୍କର ଗୋଟିଏ କବିଲା ବନୁ ନଜିର୍ କୁ ଦେଶାନ୍ତର କରି ମଦିନାରୁ ବାହାର କରିଦେଲେ,ସେମାନେ ଖୈବର୍ ଚାଲିଗଲେ । ସେମାନଙ୍କର କିଛି ବଡ ବଡ ନେତା ଶ୍ରେଣୀର ଲୋକେ ଓ ସରଦାର ମକ୍କା ଗଲେ । ସେମାନେ କୁରୈଶର ଲୋକମାନଙ୍କୁ ଏକାଠି କଲେ ଓ ରସୁଲୁଲ୍ଲାଃ ସ.ଅ.ସଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଁଇ ସେମାନଙ୍କୁ ଉସୁକାଇଲେ ଓ ସେମାନେ କୁରୈଶ ସହିତ ସନ୍ଧି କଲେ । ସୁତରାଂ ସମସ୍ତେ ରସୁଲୁଲ୍ଲାଃ ସ.ଅ.ସଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଁଇ ସହମତ ହୋଇଗଲେ । ଏହି କାମ ପାଁଇ ସେମାନେ ଗୋଟିଏ ଧାର୍ଯ୍ୟ ସମୟର ଚୁକ୍ତି ବି କରିଦେଲେ । ବନୁ ନଜିର୍ କବିଲାର ସେହି ଲୋକମାନେ କୁରୈଶ ମାନଙ୍କ ଠାରୁ ବିଦା ହୋଇ ଗତଫାନ୍ ଓ ସୁଲୈମ୍ କବିଲା ନିକଟକୁ ଆସିଲେ,ସେମାନଙ୍କ ସହିତ ବି ଚୁକ୍ତି/ସନ୍ଧି କରିନେଲେ । ତାପରେ ସେମାନେ ସେଠାରୁ ବିଦା ହୋଇଚାଲିଆସିଲେ । କୁରୈଶ କବିଲା ପ୍ରସ୍ତୁତ ହୋଇଗଲା ,ପୁଣି ସେମାନେ ଅନ୍ୟ ସମସ୍ତ କବିଲା ଗୁଡିକୁ ଓ ସେହି କବିଲାଗୁଡିକର ମିତ୍ର ଆରବୀୟ କବିଲାଗୁଡିକୁ ଏକାଠି କଲେ । ଏହିପରି ସେମାନଙ୍କ ସଂଖ୍ୟା ଚାରି ହଜାର୍ ହୋଇଗଲା । ଅବୁ ସୁଫିୟାନ୍ ବିନ୍ ହରବ୍ ସେମାନଙ୍କର ସରଦାର୍ ଥିଲା । ରାସ୍ତାରେ ଆହୁରି ଅନେକ କବିଲା ସେମାନଙ୍କ

*ଅବଶିଷ୍ଟାଂଶ ପୃଷ୍ଠା- ୧୨ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

**ଇବନେ ଅବି କାହାଫା ଙ୍କ ଉଦାହରଣ ଫରିସ୍ତା (ଦେବଦୂତ) ମାନଙ୍କ ମଧ୍ୟରେ ମିକାଇଲ୍ ଫରିସ୍ତାଙ୍କ ସଦୃଶ (ଅଲହଦିସ୍)**

**ହଜରତ ମୁହମ୍ମଦ ସ.ଅଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ (ସତ୍ୟବାଦୀ) ର.ଅଙ୍କ ଉଚ୍ଚତମ ସ୍ତର ଓ ମନୋହର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

**ବନୁ କୁରେଜାଃ ଯୁଦ୍ଧ, ସୁଲାହ୍ ହୁଦବିୟା , ବନୁ ଫୁଜାରାଃ ଆଡକୁ ଅଭିଯାନ କରାଯାଇଥିବା ଅବୁବକର୍ ସରିୟା (ଯୁଦ୍ଧ), ନଜଦ୍ ଆଡକୁ ଅଭିଯାନ କରାଯାଇଥିବା ଅବୁବକର୍ ସରିୟା (ଯୁଦ୍ଧ) ଏବଂ ଫତହ୍ ମକ୍କା ଅର୍ଥାତ୍ ମକ୍କା ବିଜୟ ର ଚର୍ଚ୍ଚା ।**

**ହଜରତ ଅବୁବକର ର.ଅ କହିଲେ ହେ ଉମର୍ ର.ଅ ଦେଖ ! ସତର୍କ ହୋଇ ରୁହ । ତୁମେ ରସୁଲେ ଖୁଦା ହଜରତ ମୁହମ୍ମଦ ମୁସ୍ତଫା ସ.ଅ ଙ୍କ ସହିତ ଯେଉଁ ବନ୍ଧୁତ୍ୱ ସ୍ଥାପନ କରିଅଛ, ତାହାକୁ ଢିଲା ପଡିବାକୁ ଦିଅନାହିଁ । କାରଣ ଅଲ୍ଲାଃଙ୍କ ରାଣ ! ଯେଉଁ ବ୍ୟକ୍ତି ବିଶେଷଙ୍କ ହାତରେ ଆମେ ହାତ ରଖିଅଛେ ସେ ନିଶ୍ଚିତ ରୂପେ ସତ୍ୟବାଦୀ (ସିଦ୍ଦିକେ ଅକବର୍ ର.ଅ)**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୦୪ ଫେବୃୟାରୀ ୨୦୨୨ ଅନୁଯାୟୀ ୦୪ ତବ୍‌ଲିଗ୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଆଜିକାଲି ହଜରତ ଅବୁବକର ର:ଅଙ୍କ ଜୀବନୀ ଚର୍ଚ୍ଚା ଜାରି ରହିଛି ସୁତରାଂ ଆଜି ମଧ୍ୟ ସେହି ପରିପ୍ରେକ୍ଷୀରେ ଆଉ କିଛି ଘଟଣାବଳୀର ବର୍ଣ୍ଣନା କରିବି ଓ ଯେମିତିକି ଗତ ଖୁତ୍‌ବାରେ କିଛି ଯୁଦ୍ଧ ସମ୍ବନ୍ଧରେ ଚର୍ଚ୍ଚା ଚାଲିଥିଲା । ସେହି ଯୁଦ୍ଧ ମଧ୍ୟରେ ବନୁ କୁରୈଜା ଯୁଦ୍ଧ ଗୋଟିଏ ଥିଲା । ୱାକ୍‌ଦୀ ବନୁ କୁରୈଜା ଯୁଦ୍ଧରେ ସାମିଲ ହୋଇଥିବା ଲୋକମାନଙ୍କର ନାମ ଦରଜ କରିଛନ୍ତି । ତା ଅନୁସାରେ ବନୁ ତିୟିମ୍ କବିଲାରୁ ହଜରତ ଅବୁ ବକର୍ ର:ଅ ଓ ହଜରତ ତଲ୍‌ହା ବିନ୍ ଅବ୍‌ଦୁଲ୍ଲାଃ ର:ଅ ଏହି ଯୁଦ୍ଧରେ ସାମିଲ ହୋଇଥିଲେ । *(କିତାବୁଲ୍ ମାଗଜି ଖଣ୍ଡ-୨, ପୃ-୪, ବେରୁତ ୨୦୧୩)*

ହଜରତ ଅବୁବକର ର:ଅଙ୍କ ସମ୍ବନ୍ଧରେ ହଜରତ ଅବଦୁର୍ ରହେମାନ ବିନ୍ ଗନମ୍ ର:ଅ ବର୍ଣ୍ଣନା କରିଛନ୍ତି ଯେ ଯେତେବେଳେ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ବନୁ କୁରୈଯାଃ ଆଡ଼କୁ ପ୍ରସ୍ଥାନ କଲେ ସେତେବେଳେ ହଜରତ ଅବୁବକର ର:ଅ ଓ ହଜରତ ଉମର ର:ଅ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇ କହିଲେ; ହେ ଅଲ୍ଲାଃକ ରସୁଲ୍ ! ଯଦି ଲୋକମାନେ ଆପଣଙ୍କୁ ସାଂସାରିକ ସୌନ୍ଦର୍ଯ୍ୟ ପୂର୍ଣ୍ଣ ତଥା ଚିତାକର୍ଷକ ବସ୍ତ୍ରରେ ଦେଖନ୍ତି ତାହେଲେ ତାଙ୍କ ମନରେ ଇସଲାମ ଧର୍ମ ଗ୍ରହଣ କରିବା ପ୍ରତି ଉତ୍କଣ୍ଠା ବେଶ୍ ବଢିଯିବ ତେଣୁ ଆପଣ ସେହି ସୁନ୍ଦର ପୋଷାକ ପିନ୍ଧନ୍ତୁ ଯାହା ଆପଣଙ୍କୁ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ଦେଇଛନ୍ତି । ଅର୍ଥାତ ଆପଣଙ୍କ ସେବାରେ ଉପସ୍ଥାପନ କରିଛନ୍ତି । ଆପଣ ତାହା ପରିଧାନ କରନ୍ତୁ ଯଦ୍ୱାରା ମୁସ୍‌ରିକ୍‌ମାନେ ଆପଣଙ୍କ ଶରୀରରେ ଏହି ସୁନ୍ଦର ପୋଷାକକୁ ଦେଖିବେ । ଏଥିରେ ହଜୁର ସ:ଆ:ସ କହିଲେ; ମୁଁ ଏମିତି ନିଶ୍ଚିତ ରୂପେ କରିବି । ଅଲ୍ଲାଃଙ୍କ ରାଣ ! ଯେବେ ତୁମେ ଦୁଇଜଣଯାକ ମୋ ପାଇଁ କୌଣସି ଏକ କଥାରେ ଏକମତ ହୋଇଯାଅ ସେତେବେଳେ ମୁଁ ତୁମ ଜୁଇଜଣଙ୍କ ପରାମର୍ଶର ବିରୋଧ କରିନଥାଏ । ମୋ ପାଳନକର୍ତା ମୋ ପାଇଁ ତୁମର ଉଦାହରଣ ସେପରି ବର୍ଣ୍ଣନା କରିଛନ୍ତି ଯେପରି ସେ ମଲାଇକା ଅର୍ଥାତ ଫରିସ୍ତାମାନଙ୍କ ମଧ୍ୟରୁ ଜିବ୍‌ରାଇଲ୍ ତଥା ମିକାଇଲ୍ ଫରିସ୍ତାଦ୍ୱୟଙ୍କ ଉଦାହରଣ ବର୍ଣ୍ଣନା କରିଛନ୍ତି । ଯେଉଁଠି ଇବ୍‌ନେ ଖତାବ୍‌ଙ୍କ କଥା ଉଠୁଛି ସେଠି ତାଙ୍କର ଉଦାହରଣ ଜିବରିଲ୍ ଦେବଦୂତ ସଦୃଶ ଦର୍ଶାଇଛନ୍ତି । ଅଲ୍ଲାଃତାଲା ପ୍ରତ୍ୟେକ ସମ୍ପ୍ରଦାୟକୁ ଜିବରିଲ୍‌ଙ୍କ ମାଧ୍ୟମରେ ଧ୍ୱଂସ କରିଛନ୍ତି ଓ ତାଙ୍କ ଉଦାହରଣ ଅବତାରଙ୍କ ମଧ୍ୟରେ ହଜରତ ନୁହ ଆ:ସଙ୍କ ସଦୃଶ ଅଟେ । ଯେପରିକି ସେ କହିଛନ୍ତି; ରବ୍‌ବି ଲାତଯର୍ ଅଲଲ୍ ଅର୍‌ଜି ମିନଲ୍ କାଫିରିନା ଦୈୟାରା (ସୁରଃ ନୂହ: ୨୭)ଅର୍ଥାତ ହେ ମୋ ପାଳନକର୍ତା ! ଅମାନ୍ୟକାରୀଙ୍କ ମଧ୍ୟରୁ କାହାରିକୁ ଏହି ଭୂପୃଷ୍ଠରେ ଜୀବିତ ଛାଡ଼ ନାହିଁ । ଇବ୍‌ନେ ଅବି କାହାଫା ଅର୍ଥାତ ହଜରତ ଅବୁବକର୍ ର:ଅଙ୍କ ଉଦାହରଣ ମିକାଇଲ୍ ଦେବଦୂତଙ୍କ ସଦୃଶ ଅଟେ । ସେ ଭୂପୃଷ୍ଠରେ ବସବାସ କରୁଥିବା ସମସ୍ତ ସୃଷ୍ଟଜ ପାଇଁ କ୍ଷମା ଯାଚନା କରିଥାନ୍ତି ଏବଂ ଅବତାରଙ୍କ ମଧ୍ୟରେ ତାଙ୍କର ଉଦାହରଣ ହଜରତ ଇବ୍ରାହିମ୍ ଆ:ସଙ୍କ ସଦୃଶ ଅଟେ । ଯେତେବେଳେ ସେ କହିଲେ; ଫମନ୍ ତବିଅନି ଫଇନ୍ନହୁ ମିନ୍ନୀ ଓମନ୍ ଅସାନୀ ଫଇନ୍ନକା ଗଫୁରୁର୍ ରହିମ୍ (ସୁରଃ ଇବ୍ରାହିମ୍:୩୭) ସୁତରାଂ ଯେକେହି ମୋର ଅନୁସରଣ କଲା ନିଶ୍ଚିତ ରୂପେ ସେ ମୋ (ନିଜର) ଏବଂ ଯେ ମୋର ଅମାନ୍ୟ କଲା ସୁନିଶ୍ଚିତ ରୂପେ (ହେ ପ୍ରଭୁ) ତୁମ୍ଭେ ହିଁ ଅଶେଷ ଦୟାବାନ ଓ ସଦା କରୁଣାମୟ ।

ହଜୁର ସ:ଆ:ସ କହିଲେ; ଯଦି ତୁମେ ଦୁଇଜଣ ମୋ ସକାଶେ କୌଣସି ଗୋଟିଏ ପ୍ରସଙ୍ଗରେ ଏକମତ ହୋଇଯାଅ ତେବେ ମୁଁ ତୁମ ପରାମର୍ଶ ବିପରୀତ କାର୍ଯ୍ୟ କରିବି ନାହିଁ । କିନ୍ତୁ ତୁମ ଦୁଇଜଣଙ୍କର ପରାମର୍ଶ ଦେବା ଶୈଳୀ ଭିନ୍ନ ଭିନ୍ନ ଯେପରି ଜିବରିଲ ଓ ମିକାଇଲ୍ ଏବଂ ନୁହ ଓ ଇବ୍ରାହିମ୍ ଆ:ସଙ୍କ ମଧ୍ୟରେ (ପାର୍ଥକ୍ୟ) ରହିଛି । *(କନଜୁଲ୍ ଅମାଲ୍, ଖଣ୍ଡ-୭, ପୃ-୧୦, କିତାବୁଲ୍ ଫଜାଇଲ୍...... ରିୱାୟତ୍ ନଂ- ୩୬୧୩୨, ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୦୪)*

ଗୋଟିଏ ବର୍ଣ୍ଣନାନୁଯାୟୀ ନବୀ କରିମ୍ ସ:ଆ:ସ ଯେତେବେଳେ ବନୁ କୁରୈଯାଃର ଘେରାଉ କଲେ ସେଥିସଂକ୍ରାନ୍ତରେ ଉଲ୍ଲେଖ ରହିଛି ହଜରତ ଆଇଶା ର:ଅ ଯିଏ ହଜରତ ସାଆଦ୍ ର:ଅଙ୍କ ସୁପୁତ୍ରୀ ଥିଲେ, ସେ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି । ହଜୁର ସ:ଆ:ସ କହିଲେ ହେ ସାଆଦ୍ ! ଆଗକୁ ବଢ଼ ଓ ଶତ୍ରୁମାନଙ୍କ ଉପରକୁ ତୀର ନିକ୍ଷେପ କର ଅତଏବ ମୁଁ ଆଗକୁ ଅଗ୍ରସର ହେଲି ଯଦ୍ୱାରା ଶତ୍ରୁଙ୍କ ଉପରକୁ ତୀର ମାରିପାରିବି ଓ ସେମାନଙ୍କୁ ନୀହତ କରିବି, ସେତେବେଳେ ମୋ ନିକଟରେ ପଚାଶ ଗୋଟି ତୀର ରହିଥିଲା ଯାହାକି ମୁଁ ଶତ୍ରୁ ଉପରକୁ ଚାଳନା କଲି । ଏଥିରେ ସେମାନେ ଭିତରକୁ ଚାଲିଗଲେ ଓ ଲୁଚିଗଲେ ଏବଂ କେହି ବାହାରକୁ ବାହାରିଲେ ନାହିଁ । ଆମେ ମନେ ମନେ ଭୟ କଲୁ ଯେ କାଳେ ଆମ ତୀରଗୁଡ଼ିକ ଶେଷ ନ ହୋଇଯାଉ । ଅତଏବ ଆମେ କିଛି ତୀର ବଂଚାଇ ରଖିଥିଲୁ ।

ଆଉ ଏକ ବର୍ଣ୍ଣନାନୁଯାୟୀ ହଜରତ କାବ୍ ବିନ୍ ଉମ୍‌ରୋ ମାଜନି ର:ଅ ମଧ୍ୟ ତୀର ଚାଳନାକାରୀଙ୍କ ମଧ୍ୟରୁ ଅନ୍ୟତମ ଥିଲେ, ସେ କୁହନ୍ତି ମୁଁ ଶତ୍ରୁ ଉପରେ ଅତ୍ୟଧିକ ମାତ୍ରାରେ ତୀର ନିକ୍ଷେପ କରିଥିଲି । ଯେତେବେଳେ ରାତ୍ରର କିଛି ପ୍ରହର ଅତିବାହିତ ହୋଇଗଲା ସେତେବେଳେ ମୁଁ ତୀର ଚାଳନା ବନ୍ଦ କରିଦେଲି । ପୁଣି ସେ କୁହନ୍ତି ଆମେ ତୀର ଚାଳନା କରି ସାରିଥିଲୁ ଓ ରସୁଲୁଲ୍ଲାଃ ସ:ଆ:ସ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ଥିଲେ ଓ ଘୋଡ଼ାଚାଳକ ଆପଣ ସ:ଆ:ସଙ୍କ ଚାରିପଟେ ଥିଲେ । ପୁଣି ମହାଭାଗ ସ:ଆ:ସ ଆମକୁ ଆଦେଶ ଦେଲେ ଯେ ଆମେମାନେ ନିଜ ନିଜର ବିଶ୍ରାମସ୍ଥଳୀକୁ ଚାଲିଯିବୁ । ସୁତରାଂ ଆମେ ତୀର ଚାଳନା ବନ୍ଦ କରି ନିଜ ନିଜର ବିଶ୍ରାମସ୍ଥଳକୁ ଚାଲିଗଲୁ ଓ ରାତି ବିତାଇଲୁ । ଆମମାନଙ୍କର ଖାଦ୍ୟ ତାହା ଥିଲା ଯାହାକୁ ହଜରତ ସାଆଦ୍ ବିନ୍ ଉବାଦା ଆମମାନଙ୍କ ପାଇଁ ପଠାଇଥିଲେ । ଅର୍ଥାତ ଖଜୁରୀ । ହଜୁର ସ:ଆ:ସ ନିଜ ସାଥି ହଜରତ ଅବୁବକର ର:ଅ ଓ ହଜରତ ଉମର ର:ଅଙ୍କ ସାଥିରେ ମଧ୍ୟ ସେହି ଖଜୁରୀ ସେବନ କରୁଥିଲେ । ପୁଣି ହଜୁର ସ:ଆ:ସ କହିଲେ; ଖଜୁରୀ କିଭିଳି ଉତମ (ପୁଷ୍ଟି ଜାତ) ଖାଦ୍ୟ ଅଟେ । *(କିତାବୁଲ୍ ମଗାଜି ଲିଲ୍ ୱାକ୍‌ଦୀ, ଖଣ୍ଡ-୨, ପୃ-୬...... ବେରୁତ ୨୦୧୩)*

ହଜରତ ସାଆଦ୍ ବିନ୍ ମାଆଜ୍ ର:ଅ ବନୁ କୁରୈଜା ସଂକ୍ରାନ୍ତରେ ଯେଉଁ ନିଷ୍ପତି ନେଲେ ତାହାକୁ ହଜୁର ସ:ଆ:ସ ପସନ୍ଦ କଲେ ଏବଂ କହିଲେ ତୁମେ ପ୍ରଭୁଙ୍କ ଆଦେଶ ଅନୁଯାୟୀ ନିଷ୍ପତି କରିଛ । ଏଥିରେ ହଜରତ ସାଆଦ୍ ର:ଅ ଦୁଆ କଲେ ହେ ପ୍ରଭୁ ! ଯଦି ତୁମ୍ଭେ ହଜୁର ସ:ଆ:ସଙ୍କର କୁରୈଶ୍ ସହିତ ଆଉ ଏକ ଯୁଦ୍ଧ ଧାର୍ଯ୍ୟ କରି ରଖିଛ ତେବେ ମତେ ସେହି କ୍ଷଣ ପର୍ଯ୍ୟନ୍ତ ଜୀବିତ ରଖ ଆଉ ଯଦି ତୁମ୍ଭେ ହଜୁର ସ:ଆ:ସଙ୍କର କୁରୈଶ୍ ସହିତ ଯୁଦ୍ଧର ଯବନିକା ପକାଇ ଦେଇଛ ଅର୍ଥାତ ଯଦି ଆଉ କୌଣସି ଯୁଦ୍ଧ ଅନୁଷ୍ଠିତ ନ ହେବ ଓ ଯୁଦ୍ଧ ଶେଷ ହୋଇଯାଇଛି ତା'ହେଲେ ମୋତେ ମୃତ୍ୟୁ ପ୍ରଦାନ କର । ଅର୍ଥାତ ମୋ ଶେଷ ସମୟ ଘେନି ଆଣ । ହଜରତ ଆଏଶା ର:ଅ କୁହନ୍ତି ସେଥିଅନ୍ତେ ତାଙ୍କ କ୍ଷତ ସ୍ଥାନ ଖୋଲି ଗଲା ଓ ରକ୍ତ କ୍ଷରିତ ହେବା ଆରମ୍ଭ ହେଲା ଯେବେ କି ସେ ଧିରେ ଧିରେ ସୁସ୍ଥ ହୋଇ ଆସୁଥିଲେ ଏବଂ ତାଙ୍କ କ୍ଷତର ଅଳ୍ପ କିଛି ମାତ୍ରା ଚିହ୍ନ ହିଁ ବାକି ରହିଯାଇଥିଲା । ସେ ନିଜ ଶିବିରକୁ ଫେରି ଆସିଲେ ଯାହାକି ହଜୁର ସ:ଆ:ସ ତାଙ୍କ ପାଇଁ ପ୍ରସ୍ତୁତ କରାଇଥିଲେ । ହଜରତ ଆଇଶା ର:ଅ ବର୍ଣ୍ଣନା କରନ୍ତି; ଯେତେବେଳେ ହଜରତ ସାଦ ବିନ୍ ମାଜ୍ ର:ଅଙ୍କ ଉପରେ ଚେତାଶୂନ୍ୟ ଅବସ୍ଥା ପ୍ରଭୁତ୍ୱ ବିସ୍ତାର କଲା, ତାଙ୍କୁ

ଦେଖିବା ସକାଶେ ହଜୁର ସ:ଆ:ସଙ୍କ ସାଥିରେ ହଜରତ ଅବୁବକର ର:ଅ ଓ ହଜରତ ଉମର ର:ଅ ଗଲେ । ହଜରତ ଆଇଶା ର:ଅ କୁହନ୍ତି; ସେହି ସର୍ବଶକ୍ତିମାନ ଅଲ୍ଲାଃଙ୍କ ରାଣ ଯାହାଙ୍କ ହାତ ମୁଠାରେ ହଜୁର ସ:ଆ:ସଙ୍କ ଜୀବନ ନାଟିକା ରହିଛି, ସେଠାରେ ମୁଁ ହଜରତ ଅବୁବକର ର:ଅ ଓ ହଜରତ ଉମର ର:ଅଙ୍କର ରୋଦନ ସ୍ୱର ସ୍ପଷ୍ଟ ଶୁଣି ପାରୁଥିଲି, ଯଦିଓ ମୁଁ ମୋ ନିଜ କୋଠରୀ ଭିତରେ ଥିଲି । ସେହି ସାହାବାମାନେ ଏପରି ହିଁ ଥିଲେ ଯାହାଙ୍କ ପ୍ରସଙ୍ଗରେ ଐଶ୍ୱର୍ଯ୍ୟମୟ ପ୍ରଭୁ କୁହନ୍ତି; ରୁହମାଓ ବୈନହୁମ୍ (ସୁରଃ ଅଲ୍‌ଫତହ୍:୩୦) ଅର୍ଥାତ **ସେମାନେ ପରସ୍ପରକୁ ଅତ୍ୟଧିକ ସ୍ନେହ ଆଦର କରନ୍ତି ।** *(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ, ଖଣ୍ଡ-୮, ପୃ-୨୫୬-୨୫୯, ମସ୍‌ନଦ୍ ଆଇଶା ର:ଅ ରିୱାୟତ୍ ନଂ-୨୫୬୧୦, ଆଲିମୁଲ୍ କିତାବ୍ ୧୯୯୮)*

ସୁଲ୍‌ହା ହୁଦେବିୟା ପ୍ରସଙ୍ଗରେ ଗତ ଖୁତବାରେ ମଧ୍ୟ ଏହା ଆଲୋଚନା ହୋଇସାରିଛି ଯେ ରସୁଲୁଲ୍ଲାଃ ସ:ଆ:ସ ଗୋଟିଏ ସ୍ୱପ୍ନ ଦେଖିଥିଲେ ଯେ ରସୁଲୁଲ୍ଲାଃ ସ:ଆ:ସ ନିଜ ସାହାବାମାନଙ୍କ ସମେତ ବଇତୁଲ୍ଲାଃର ପରିକ୍ରମଣ କରୁଛନ୍ତି ସୁତରାଂ ସେହି ସ୍ୱପ୍ନ ଆଧାରରେ ହଜୁର ସ:ଆ:ସ ୧୪୦୦ ସାହାବାଙ୍କ ସାଥିରେ ଜିଲ୍ କାଆଦାଃ ୬ହିଜ୍‌ରୀର ପ୍ରାରମ୍ଭରେ ସୋମବାର ଦିନ ସକାଳୁ ଉମରା କରିବା ଉଦ୍ଦେଶ୍ୟରେ ମଦିନାରୁ ପ୍ରସ୍ଥାନ କଲେ । *(ସିରତ୍ ଖାତମୁନ୍ ନବିୟିନ୍ ପୃ-୭୪୯-୭୫୦)* ମାର୍ଗରେ ଆପଣ ସ:ଆ:ସଙ୍କୁ ସୂଚନା ମିଳିଲା ଯେ ମକ୍କାର ଅମାନ୍ୟକାରୀମାନେ ଆପଣ ସ:ଆ:ସଙ୍କ ରାସ୍ତା ଅବରୋଧ କରି ବସିଛନ୍ତି ଯେ ସେମାନେ ଆପଣଙ୍କୁ ମକ୍କାରେ ପ୍ରବେଶ କରିବାକୁ ଦେବେ ନାହିଁ । ସେତବେଳେ ହଜୁର ସ:ଆ:ସ ସାହାବାମାନଙ୍କଠାରୁ ପରାମର୍ଶ ଲୋଡ଼ିଲେ ହଜରତ ଅବୁବକର ର:ଅ ପରାମର୍ଶ ଦେଲେ ଯେ ହେ ଅଲ୍ଲାଃଙ୍କ ବାର୍ତାବହ ! ଆମେ କେବଳ ଉମ୍‌ରାଃ କରିବା ଉଦ୍ଦେଶ୍ୟରେ ମଦିନାରୁ ବାହାରିଛେ ଆମେ କାହା ସହିତ ଲଢ଼ିବାକୁ ଆସିନାହେଁ ମୋ ମତରେ ଆମକୁ ନିଜ ଉଦ୍ଦେଶ୍ୟ ପୂରଣ କରିବା ନିମନ୍ତେ ଆଗକୁ ବଢ଼ିବା ଉଚିତ ଯଦି ଆମକୁ କେହି ବୈଇତୁଲାର ପରିକ୍ରମା କରିବାକୁ ଅଟକାନ୍ତି ତେବେ ଆମେ (ତାହାର ପ୍ରତିବାଦ କରିବା) ଓ ତାଙ୍କ ସହିତ ମୁକାବିଲା କରିବା । *(ସୁବୁଲୁଲ୍ ହୁଦା ୱର୍ ରଶାଦ୍, ଭାଗ-୫, ପୃ-୩୭, ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୧୯୯୩)*

ସୁଲ୍‌ହା ହୁଦେବିୟା ଅବସରରେ ଯେତେବେଳେ କୁରୈଶ୍‌ମାନଙ୍କ ତରଫରୁ ବାର୍ତାଲାପ କରିବା ଉଦ୍ଦେଶ୍ୟରେ ଏକ ପ୍ରତିନିଧି ମଣ୍ଡଳ ଆସିଲା, ସେତେବେଳେ ଉର୍‌ୱା ହଜୁର ସ:ଆ:ସଙ୍କ ନିକଟକୁ ଆସି ଆପଣଙ୍କ ସହ ବାର୍ତାଲାପ କଲେ । ଉରୁୱା କହିଲେ ହେ ମୁହମ୍ମଦ (ସ:ଆ:ସ) ଯଦି ତୁମେ ନିଜ ଜାତିଭାଇଙ୍କୁ ସମ୍ପୂର୍ଣ୍ଣ ରୂପେ ନିପାତ କରିଦିଅ ତା ହେଲେ ବତାଅ କଣ ତୁମେ କେବେ ବି ଏ କଥା ଶୁଣିଛ ଯେ କୌଣସି ଆରବ ଗୋଷ୍ଠୀ ନିଜ ଲୋକମାନଙ୍କୁ କେବେ ନିପାତ କରିଛି ? ଅପରପକ୍ଷେ ଯଦି ଆପଣଙ୍କ ମୁକାବିଲାରେ କୁରୈଶ୍‌ମାନେ ବିଜୟ ଲାଭ କରିନିଅନ୍ତି ତେବେ ମୁଁ ତୁମ ସାଥିମାନଙ୍କ ମଧ୍ୟରେ ଏମିତି ସବୁ ଚେହେରା ଦେଖୁଛି ଯେଉଁମାନେ ବିଭିନ୍ନ ଗୋଷ୍ଠୀରୁ ଏକତ୍ରିତ ହୋଇ ଆସିଛନ୍ତ. ସେମାନେ ତୁମକୁ ଛାଡ଼ି ଏଠାରୁ ପଳାୟନ କରିବେ ଓ ତୁମକୁ ଛାଡ଼ି ଚାଲିଯିବେ । ହଜରତ ଅବୁବକର ର:ଅ ସେତେବେଳେ ହଜୁର ସ:ଆ:ସଙ୍କ ନିକଟରେ ବସିଥିଲେ, ଉରୁୱାର ଏହି କଥା ଶୁଣି ଆପଣ ର:ଅ କ୍ରୋଧିତ ଓ ଉତ୍ୟକ୍ତ ହୋଇ ଉଠିଲେ ଏବଂ ଉରୱାକୁ ସମ୍ବୋଧିତ କରି କହିଲେ ଯା ଯା ନିଜ ପ୍ରତିମା ଲାତ କୁ ଯାଇ ଚୁମ୍ବନ କରୁଥାଅ । ଅର୍ଥାତ ଯାଇ ତାକୁ ପୂଜା କରୁଥାଅ । ଏଥିରେ ଉରୁୱା କହିଲା ଏ କିଏ ? ଲୋକମାନେ କହିଲେ ଏ ହେଉଛନ୍ତି ହଜରତ ଅବୁବକର ର:ଅ । ଉରୁୱା ପୁନଶ୍ଚ କହିଲା ସେହି ପରମସତାଙ୍କ ରାଣ ଯାହାଙ୍କ ହାତମୁଠାରେ ମୋର ପ୍ରାଣବାୟୁ ରହିଛି ! ଯଦି ତୁମର ମୋ ଉପରେ ଏକ ଦୟା ଓ ଉପକାର ରହିନଥାନ୍ତା ଯାହା ଏପର୍ଯ୍ୟନ୍ତ ମୋ ଉପରେ ରହିଛି । ତେବେ ମୁଁ ତୁମକୁ ଏହାର ଉତର ଦେଇଥାନ୍ତି । ତା ଉପରେ ହଜରତ ଅବୁ ବକର ର:ଅଙ୍କ ଏ ଉପାକର ଥିଲା ଯେ, ହଜରତ ଅବୁବକର ର:ଅ ଏକଦା କୌଣସି ମାମଲାରେ ଉରୁୱାଙ୍କୁ ଦଶଗୋଟି ଓଟ ସାହାଯ୍ୟ କରିଥିଲେ ଯାହାକୁ ଦେଇ ଉର୍‌ୱା ନିଜର କ୍ଷତିପୂରଣ କରିବା ଉଦ୍ଦେଶ୍ୟରେ କାହାକୁ ଦେଇଥିଲେ । ସେ ଯାହା ହେଉ ସେଥିଅନ୍ତେ ଉରୁୱା ହଜୁର ସ:ଆ:ସଙ୍କ ସହିତ ପୁନଶ୍ଚ ବାର୍ତାଲାପ ଆରମ୍ଭ କରିଦେଲା ।

ବୁଖାରୀର ବର୍ଣ୍ଣନାନୁଯାୟୀ ସୁଲାହ୍ ହୁଦବିୟା ଅବସରରେ କୁରୈଶ୍‌ର ଅମାନ୍ୟକାରୀମାନେ ହଜୁର ସ:ଆ:ସଙ୍କ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ । (ସେଠାରେ ସୋହେଲ ବିନ୍ ଉମରୋଙ୍କ ପୁତ୍ର ହଜରତ ଅବୁ ଜନ୍ଦଲ୍ ର:ଅ ନିଜ ପରିହିତ ବେଡ଼ିରେ ଟଳମଳ ହୋଇ ଆସି ପହଂଚିଲା । ସୋହେଲ ବିନ୍ ଉମ୍‌ରୋ ଯେ ମକ୍କାର ଅମାନ୍ୟକାରୀଙ୍କ ଦୂତ ଥିଲେ, ଅବୁ ଜନ୍ଦଲ୍‌ଙ୍କୁ ଫେରାଇ ଦେବା ପାଇଁ ଦାବି କଲେ । ହଜୁର ସ:ଆ:ସ ତାଙ୍କୁ କୁରୈଶର ଅମାନ୍ୟକାରୀଙ୍କ ନିକଟକୁ ଫେରାଇ ଦେଲେ) ହଜରତ ଉମର ର:ଅ ଆଉ ଧୈର୍ଯ୍ୟ ରକ୍ଷା କରି ନପାରି ହଜୁର ସ:ଆ:ସଙ୍କୁ କହିଲେ; କ'ଣ ଆପଣ ପ୍ରଭୁଙ୍କ ପ୍ରେରିତ ଅବତାର ନୁହନ୍ତି ? ହଜୁର ସ:ଆ:ସ ଉତର ଦେଲେ, ହଁ କାହିଁକି ନୁହେଁ । ହଜରତ ଉମର ର:ଅ ପୁନଶ୍ଚ ପ୍ରଶ୍ନ କଲେ, କ'ଣ ଆମେ ସତ୍‌ମାର୍ଗରେ ପ୍ରତିଷ୍ଠିତ ନାହୁଁ ? ତେବେ ଆମେ କାହିଁକି ଅପମାନ ସହ୍ୟ କରିବା ତାଙ୍କର ସମସ୍ତ ସର୍ତାବଳୀ ସ୍ୱୀକାର କରିବା । ହଜୁର ସ:ଆ:ସ କହିଲେ; ମୁଁ ପ୍ରଭୁଙ୍କ ପ୍ରେରିତ ଦୂତ ଏବଂ ପ୍ରଭୁଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ଭଲଭାବେ ଜାଣେ । ଜାଣିନିଅ ଯେ ମୁଁ ତାଙ୍କ ଇଚ୍ଛା ବିରୁଦ୍ଧୀୟ କୌଣସି କାର୍ଯ୍ୟ କରିବି ନାହିଁ । ସେ ହିଁ ଆମ ସାହଯ୍ୟକାରୀ । ଏଥିରେ ହଜରତ ଉମର ର:ଅ କହିଲେ; କ'ଣ ଆପଣ ସ:ଆ:ସ କହି ନଥିଲେ, ଯେ ଆମେ ବୈତୁଲ୍ଲାଃର ପରିକ୍ରମା (ତୱାଫ୍) କରିବା ? ହଜୁର ସ:ଆ:ସ ଉତର ଦେଲେ, କ'ଣ ମୁଁ ଏକଥା ମଧ୍ୟ କହିଥିଲି, ଯେ ଏହି ତୱାଫ୍ ସୁନିଶ୍ଚିତ ରୂପେ ଚଳିତ ବର୍ଷ ହିଁ ହେବ ? ତୁମେମାନେ ବୈତୁଲ୍ଲାଃର ତୱାଫ୍ କରିବ । ହଜରତ ଉମର ର:ଅ କହିଲେ; ନା । ଅତଏବ ହଜୁର ସ:ଆ:ସ କହିଲେ; ଅପେକ୍ଷା କର ଇନ୍‌ଶା ଅଲ୍ଲାଃ ତୁମେ ଦିନେ ନିଶ୍ଚିତ ରୂପେ ମକ୍କାରେ ପ୍ରବେଶ କରି ବୈତୁଲ୍ଲାଃର ପରିକ୍ରମା କରିବ । କିନ୍ତୁ ହଜରତ ଉମର ର:ଅଙ୍କୁ ଆଶ୍ୱସ୍ତି ଲାଭ ହେଲା ନାହିଁ । ସେ ହଜରତ ଅବୁବକର ର:ଅଙ୍କ ନିକଟକୁ ଯାଇ ସମାନ ପ୍ରସଙ୍ଗ ଆଲୋଚନା କଲେ । ହଜରତ ଅବୁବକର ର:ଅ ମଧ୍ୟ ସମାନ ଉତର ଦେଲେ ଏବଂ ହଜରତ ଉମର ର:ଅଙ୍କୁ କହିଲେ; **ହେ ଉମର ହଜୁର ସ:ଆ:ସଙ୍କ ସହିତ ତୁମେ ଯେଉଁ ପବିତ୍ର ଚୁକ୍ତି/ସନ୍ଧି କରିଅଛ ତାହାକୁ ଦୃଢ଼ତାର ସହିତ ଧରି ରଖ । ଅଲ୍ଲାଃଙ୍କ ରାଣ ! ମହାଭାଗ ସ:ଆ:ସ ସତ୍ୟରେ ଅଛନ୍ତି ।** ହଜରତ ଉମର ର:ଅ କହିଲେ:- କଣ ମହାଭାଗ ସ:ଆ:ସ ଆମକୁ ଏକଥା କହୁନଥିଲେ ଯେ ଆମେ ନିଶ୍ଚିତ ରୂପେ ବଇତୁଲ୍ଲାଃରେ ପହଂଚିବା ଓ ତାହାର ପରିକ୍ରମା କରିବା ବୋଲି । ଏଥିରେ ଅବୁ ବକର ର:ଅ କହିଲେ । ଅବଶ୍ୟ କହିଛନ୍ତି । କିନ୍ତୁ କଣ ମହାଭାଗ ସ:ଆ:ସ ଏକଥା କହିଛନ୍ତି କି ତୁମେ ଏହି ବର୍ଷ ସେଠାରେ ପହଂଚିବ ? ହଜରତ ଉମର ର:ଅ କହିଲେ ନା । ଏଥିରେ ହଜରତ ଅବୁ ବକର ର:ଅ କହିଲେ:- କିନ୍ତୁ ତୁମେ ନିଶ୍ଚିତ ରୂପେ ସେଠାରେ ପହଂଚିବ ଓ ତାହାର ପରିକ୍ରମା କରିବ । ଜୁହ୍‌ରି କହିଛନ୍ତି ଯେ ହଜରତ ଉମର ର:ଅ କହୁଥିଲେ କି ପରବର୍ତୀ ସମୟରେ ଏଥିଯୋଗୁଁ ମୁଁ ବହୁତ ଅନୁତପ୍ତ ହେଲି ଏବଂ କ୍ଷମା ଯାଚନା ଆକାରରେ ନିଜର ଏହି ଦୁର୍ବଳତାକୁ ଦୂର କରିବା ସକାଶେ ଅନେକ ଧର୍ମକର୍ମ ସମ୍ପାଦନ କରିଥିଲି । *(ସହି ବୁଖାରୀ, କିତାବୁଶ୍ ଶୁରୁତ୍.... ହଦିସ୍ ନଂ-୨୭୩୧-୨୭୩୨) (ଉମ୍‌ଦତୁଲ୍ କାରୀ ଖଣ୍ଡ-୧୪, ପୃ-୧୬ ଦାରେ ଅହ୍‌ୟାତ୍ ତୁରାସୁଲ୍ ଅରବି ବେରୁତ୍)*

ସୁଲ୍‌ହା ହୁଦେବିୟା ପ୍ରସଙ୍ଗରେ ଅଧିକ ବ୍ୟାଖ୍ୟା କରି ହଜରତ ମିର୍ଜା ବଶିର ଅହେମଦ ସାହେବ ଉଲ୍ଲେଖ କରିଛନ୍ତି; ଉରୱା ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ଆଁ ହଜରତ ସ:ଆ:ସଙ୍କ ସହିତ ବାର୍ତାଲାପ ଆରମ୍ଭ କଲେ । ମହାଭାଗ ସ:ଆ:ସ ତା ସମ୍ମୁଖରେ ସେହି କଥାର ପୁନରାବୃତି କଲେ ଯାହା ତା ପୂର୍ବରୁ ଆପଣ ସ:ଆ:ସ ବୁଦୈଲ୍ ବିନ୍ ଓରକାଆଙ୍କ ସମ୍ମୁଖରେ କହିସାରିଥିଲେ । ଉର୍‌ୱା ଅସଲରେ ଆଁ ହଜରତ ସ:ଆ:ସଙ୍କ ରାୟ ସହିତ ସହମତ ଥିଲା କିନ୍ତୁ କୁରୈଶ୍‌ର ରାଜଦୂତ ହୋଇଥିବା ଯୋଗୁଁ କୁରୈଶଙ୍କ ସପକ୍ଷରେ ଅଧିକରୁ ଅଧିକ ସର୍ତ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ କହିବାକୁ ଲାଗିଲା:- ହେ ମୁହମ୍ମଦ ସ:ଆ:ସ ! ଯଦି ଆପଣ ଏହି ଯୁଦ୍ଧରେ ନିଜ କୌମ୍‌ର ଲୋକମାନଙ୍କୁ ନିପାତ କରିଦେବେ, ତା'ହେଲେ କଣ ଆପଣ ଆରବର ଲୋକମାନଙ୍କ ମଧ୍ୟରେ ଏପରି କୌଣସି ଲୋକର ନାମ ଶୁଣିଛନ୍ତି ଯିଏ ଆପଣଙ୍କ ପୂର୍ବରୁ ଏପରି ଅତ୍ୟାଚାର କରିଥିବ ? ଓ ଯଦି କୁରୈଶ ବିଜୟ ଲାଭ କରିନେଲେ ତେବେ ପ୍ରଭୁଙ୍କ ରାଣ ! ମୁଁ ଆପଣଙ୍କ ଆଖପାଖରେ ଏପରି ଚେହେରା ଦେଖି ପାରୁଛି, ଯେଉଁମାନେ ଆପଣଙ୍କୁ ଛାଡ଼ି ଚାଲିଯିବେ । ହଜରତ ଅବୁବକର ର:ଅ ଯେ ସେତେବେଳେ ହଜୁର ସ:ଆ:ସଙ୍କ ନିକଟରେ ବସିଥିଲେ, ଉରୱାର ଏହି କଥା ଶୁଣି ସେ କ୍ରୋଧିତ ହୋଇ ଉଠିଲେ ଓ ତାଙ୍କୁ ସମ୍ବୋଧନ କରି କହିଲେ; ଯାଅ ଯାଅ ନିଜ ପ୍ରତିମା ଲାତ'କୁ ଯାଇ ଚୁମ୍ବନ କରୁଥାଅ । କ'ଣ ଆମେ ପରମେଶ୍ୱରଙ୍କ ପ୍ରେରିତ ଦୂତଙ୍କୁ ଛାଡ଼ି ଚାଲିଯାଇ ପାରିବୁ ? ଅର୍ଥାତ କ'ଣ ଏହା ସମ୍ଭବପର ଯେ ତୁମେମାନେ ତ ନିଜ ଇଷ୍ଟ ଦେବତାମାନଙ୍କ ସକାଶେ ଧୈର୍ଯ୍ୟ ଓ ଅବିଚଳତା ପ୍ରଦର୍ଶନ କରିବ ଏବଂ ଆମେ ପରାକ୍ରମୀ ପରମେଶ୍ୱରଙ୍କ ଉପରେ ବିଶ୍ୱାସ ସ୍ଥାପନ କରିବା ପରେ ବି ତାଙ୍କ ପ୍ରେରିତ ଦୂତଙ୍କୁ ଛାଡ଼ି ପଳାୟନ କରିଯିବୁ ! ଏହା କୌଣସି ମତେ ସମ୍ଭବ ନୁହେଁ । ଲାତ ପ୍ରତିମା ବନୁ ଶକିଫ୍ କବିଲାର ସୁପ୍ରଶିଦ୍ଧ ଠାକୁର ଥିଲା । ଉରୁୱା ଜର୍ଜରିତ ହୋଇ ପ୍ରଶ୍ନ କଲା ଯେ ଏ କିଏ ଯିଏ ମୋ କଥାକୁ କାଟିଦେଲା ? ଲୋକମାନେ ଉତର ଦେଲେ ଏ ହେଉଛନ୍ତି ହଜରତ ଅବୁବକର ର:ଅ । ହଜରତ ଅବୁବକର ର:ଅଙ୍କ ନାମ ଶୁଣି ଉରୁୱା ଲାଜରେ ନିଜର ଦୃଷ୍ଟି ତଳକୁ ଅବନତ କରିଦେଲା ଏବଂ କହିଲା ହେ ଅବୁ ବକର ! ଯଦି ମୋ ମୁଣ୍ଡ ଉପରେ ତୁମର ଏକ ବଡ଼ ଉପକାର ନଥାନ୍ତା । ଏଠାରେ ମଧ୍ୟ ସେହି ଚର୍ଚ୍ଚା ମିଳୁଛି ଯେ ହଜରତ ଅବୁବକର ର:ଅ ଏକଦା ଉର୍‌ୱାର କରଜକୁ ପରିଶୋଧ କରି ତାହାର ଜୀବନ ରକ୍ଷା କରିଥିଲେ । ବସ୍ତୁତ ସେ କହିଲା ଯଦି ତାହା ହୋଇ ନଥାନ୍ତା ଓ ତୁମେ ମୋର କରଜ ପରିଶୋଧ କରିନଥାନ୍ତ ତେବେ ପ୍ରଭୁଙ୍କ ରାଣ ! ତୁମେ ଯେଉଁ କଥା ମତେ କହିଲ ବର୍ତମାନ ମୁଁ ତୁମକୁ ତାହାର ଉତର ଦେଇଥାନ୍ତି । *(ସିରତ୍ ଖାତ୍‌ମୁନ୍ ନବିୟିନ୍ ସ:ଆ:ସ ପୃ-୭୫୬-୭୫୭)*

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ବୁଖାରୀରେ ଏଥିସଂକ୍ରାନ୍ତରେ ଉଲ୍ଲେଖ ରହିଛି ସୁଲାହ୍ ହୁଦେବିୟା ଅବସରରେ ହଜୁର ସ:ଆ:ସ କୁରୈଶ୍ ସହିତ ସନ୍ଧି ସ୍ଥାପନ କରିସାରିଥିଲେ ଓ ସର୍ତାବଳୀ ପ୍ରସ୍ତୁତ ହୋଇଯାଇଥିଲା। ସେତେବେଳେ ଅବୁ ଜନ୍ଦଲ ଯିଏ କି ସୁହେଲ୍ ବିନ୍ ଉମ୍‌ରୋଙ୍କର ପୁତ୍ର ଥିଲେ ସେ ଜଞ୍ଜିରରେ ବନ୍ଧା ହୋଇଥିବା ଅବସ୍ଥାରେ ଟଳମଳ ହୋଇ ଆସି ପହଂଚିଲେ। ସୁହେଲ୍ ବିନ୍ ଉମ୍‌ରୋ ଯିଏ ମକ୍କାବାସୀଙ୍କ ପ୍ରତିନିଧି ହୋଇ ଆସିଥିଲେ, ସେ ତା ନିଜ ପୁତ୍ରଙ୍କୁ ଫେରାଇ ନେଇଯିବା ପାଇଁ ଦାବି କଲା। ସୁତରାଂ ହଜୁର ସ:ଆ:ସ ତାଙ୍କ ନିବେଦନ ରକ୍ଷା କରି ଅବୁ ଜନ୍ଦଲ୍‌କୁ ତାଙ୍କୁ ଅର୍ଥାତ କୁରୈଶ୍‌କୁ ଫେରାଇ ଦେଲେ। *(ସହୀ ବୁଖାରୀ, କିତାବୁଶ୍ ଶୁରୁତ୍...... ହଦିସ୍ ନଂ-୨୭୩୧-୨୭୩୨)*

ଏହି ଘଟଣା ଚର୍ଚ୍ଚା କରି ହଜରତ ମିର୍ଜା ବଶିର ଅହେମଦ୍ ସାହେବ କୁହନ୍ତି; ହଜୁର ସ:ଆ:ସଙ୍କର ଏହି ନମ୍ର ଆଚ୍ଚରଣ ଦେଖି ହଜରତ ଉମର ର:ଅ ନିଜର ତିବ୍ର ଆପତି ବାଢ଼ି ଦେଲେ ଯେ ଆପଣ ପରମେଶ୍ୱରଙ୍କର ସତ୍ୟବାଦୀ ନବୀ ହୋଇଥିବା ସତ୍ୱେ ମଧ ତଥାପି ଆପଣ ଏହି ଅମାନ୍ୟକାରୀଙ୍କ ସହିତ ଏଭଳି ମୁଣ୍ଡ ନୁଆଁଇ କାହିଁକି କଥାଭାଷା ହେଉଛନ୍ତି ଓ ତାଙ୍କର ସର୍ତାବଳୀକୁ କାହିଁକି ସ୍ୱୀକାର କରିନେଉଛନ୍ତି ? ସେ ଯାହା ହେଉ ଆପଣ ଏହି ପ୍ରସଙ୍ଗରେ ଅଧିକ ବ୍ୟାଖ୍ୟା କରି କୁହନ୍ତି; ମୁସଲମାନମାନେ ଅବୁ ଜନ୍ଦଲ୍ ର ଏହି ଅବସ୍ଥାକୁ ଦେଖି ଓ ତା ଉପରେ ହେଉଥିବା ଅତ୍ୟାଚାର ଦେଖି ମୁସଲମାନମାନଙ୍କ ଚକ୍ଷୁରୁ ରକ୍ତ କ୍ଷରିତ ହେଉଥିଲା କିନ୍ତୁ ହଜୁର ସ:ଆ:ସଙ୍କ ଯୋଗୁଁ ସଭିଏଁ ନୀରବ ରହିଥିଲେ। ଶେଷରେ ହଜରତ ଉମର ର:ଅ ଧୈର୍ଯ୍ୟ ହରା ହୋଇ ହଜୁର ସ:ଆ:ସଙ୍କ ନିକଟକୁ ଆସିଲେ ଏବଂ ଥରହର କଣ୍ଠରେ କହିଲେ, କ'ଣ ଆପଣ ପରମେଶ୍ୱରଙ୍କ ସତ୍ୟବାଦୀ ନବୀ ନୁହନ୍ତି ? କଣ ଆମ ଶତ୍ରୁମାନେ ଅନ୍ୟାୟ ଅତ୍ୟାଚାରୀ ନୁହନ୍ତି ? ହଜୁର ସ:ଆ:ସ ଉତର ଦେଲେ ହଁ କାହିଁକି ନୁହେଁ। ହଜରତ ଉମର ର:ଅ ପୁନଶ୍ଚ କହିଲେ କଣ ଆମେ ସତମାର୍ଗରେ ପ୍ରତିଷ୍ଠିତ ନୁହେଁ ତେବେ ଆମେ କାହିଁକି ସେମାନଙ୍କ ସମସ୍ତ ସର୍ତାବଳୀ ସ୍ୱୀକାର କରିନେବା ? ହଜୁର ସ:ଆ:ସ ଉତର ଦେଲେ ମୁଁ ପ୍ରଭୁଙ୍କ ପ୍ରେରିତ ଦୂତ ଏବଂ ପ୍ରଭୁଙ୍କ ଉଦ୍ଦେଶ୍ୟ ଭଲ ଭାବରେ ଜାଣେ। ଜାଣିନିଅ ଯେ ମୁଁ ତାଙ୍କ ଇଚ୍ଛା ବିରୋଦ୍ଧିୟ କୌଣସି କାର୍ଯ୍ୟ କରିବିନାହିଁ ସେ ହିଁ ଆମ ସାହାଯ୍ୟ କାରୀ। ଏଥିରେ ହଜରତ ଉମର ର:ଅ କହିଲେ, କଣ ଆପଣ କହିନଥିଲେ ଯେ ଆମେ ବଇତୁଲ୍ଲାଃର ପରିକ୍ରମା କରିବା ବୋଲି ଏବଂ ଏହି ଉଦ୍ଦେଶ୍ୟ ପାଇଁ କଣ ଆମେମାନେ ମଦିନାରୁ ବାହାରି ନଥିଲେ କି? ହଜୁର ସ:ଆ:ସ ଉତର ଦେଲେ କଣ ମୁଁ ସେତେବେଳେ ଏକଥା ମଧ କହିଥିଲି ଯେ ଏହି ତୱାଫ୍ ସୁନିଶ୍ଚିତ ରୂପେ ଚଳିତ ବର୍ଷ ହିଁ ହେବ? ହଜରତ ଉମର ର:ଅ ଉତର ଦେଲେ ନା। ଅତଏବ ହଜୁର ସ:ଆ:ସ କହିଲେ ଅପେକ୍ଷା କର ଇନ୍‌ଶାଅଲ୍ଲାଃ ତୁମେ ଦିନେ ନା ଦିନେ ମକ୍କାରେ ପ୍ରବେଶ କରିବ ଏବଂ ଖାନାକାବାର ପରିକ୍ରମା କରିବ। କିନ୍ତୁ ହଜରତ ଉମର ର:ଅଙ୍କୁ ନିଜର ତତ୍ପରତା ଯୋଗୁଁ କୌଣସି ଆଶ୍ୱସ୍ତି ଲାଭ ହେଲାନାହିଁ କିନ୍ତୁ ଯେହେତୁ ଆଁ ହଜରତ ସ:ଆ:ସଙ୍କର ଏକ ବିଶେଷ ରୁଆବ ଥିଲା ତେଣୁ ହଜରତ ଉମର ସେଠାରୁ ହଟିଯାଇ ହଜରତ ଅବୁବକର ର:ଅଙ୍କ ନିକଟକୁ ଗଲେ ଓ ସମାନ ପ୍ରସଙ୍ଗ ଆଲୋଚନା କଲେ। ହଜରତ ଅବୁବକର ର:ଅ ତାଙ୍କୁ ଉତର ଦେଲେ ଦେଖ ଉମର! ହଜୁର ସ:ଆ:ସଙ୍କ ସହିତ ତୁମେ ଯେଉଁ ପବିତ୍ର ସମ୍ପର୍କ ସ୍ଥାପନ କରିଛ ତାହାକୁ ଶିଥିଳ ହେବାକୁ ଦିଅ ନାହିଁ କାରଣ ପ୍ରଭୁଙ୍କ ରାଣ ସେ ଜଣେ ସତ୍ୟବାଦୀ ନବୀ।

ହଜରତ ଉମର ର:ଅ କୁହନ୍ତି ମୁଁ ନିଜର ତତ୍ପରତା ଯୋଗୁଁ ସେ ସବୁ କଥା କହିଯାଇଥିଲି କିନ୍ତୁ ପରିବର୍ତୀ ସମୟରେ ମତେ ବହୁତ ଅନୁତାପ ହେଲା ଏବଂ ମୁଁ କ୍ଷମାଜାଚନା କରିବା ଉଦ୍ଦେଶ୍ୟରେ ସେହି ଦୃବଳତାର ଦାଗକୁ ଧୋଇବା ପାଇଁ ବହୁତ ନଫିଲ୍ କର୍ମ କଲି। ଅର୍ଥାତ ଅନେକ ଧର୍ମକର୍ମ ସମ୍ପାଦନ କଲି ରୋଜା ରଖିଲି, ନଫିଲ୍ ନମାଜ ପଢ଼ିଲି ତଥା ଗୁଲାମ୍ ଆଜାଦ୍ କଲି ଯଦ୍ୱାରା ମୋର ଏହି ଦାଗ ଧୋଇ ହୋଇଯାଉ। *(ସିରତ୍ ଖାତ୍‌ମୁନ୍ ନବିୟିନ୍ ସ:ଆ:ସ ପୃ-୭୬୭-୭୬୮)*

ସୁଲାହ୍ ହୁଦେବିୟାର ଏହି ଘଟଣା ଚର୍ଚ୍ଚା କରି ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି; ଖାନାକାବାର ପରିକ୍ରମା କରିବା ସକାଶେ ହଜୁର ସ:ଆ:ସ ମକ୍କା ଅଭିମୁଖେ ପ୍ରସ୍ଥାନ କଲେ ଏହି ଖବର ପାଇ ମକ୍କାବାସୀ ନିଜର ଜଣେ ସର୍‌ଦାରକୁ ପ୍ରତିନିଧି କରି ପ୍ରେରଣ କଲେ ଯେ ସେ ଯାଇ ହଜୁର ସ:ଆ:ସଙ୍କୁ ସୁଚିତ କରାନ୍ତୁ ଯେ, ଚଳିତ ବର୍ଷ ଆପଣ ମକ୍କାର ବଇତୁଲାର ତୱାଫ୍ କରିବାକୁ ଆସି ପାରିବେ ନାହିଁ ବା ଆସନ୍ତୁ ନାହିଁ। ସେ ସରଦାର୍ ଏହି ବାର୍ତାଳାପ କରି ହଜୁର ସ:ଆ:ସଙ୍କ ପବିତ୍ର ଦାଢ଼ିରେ ହାତ ମରିଲା ଏବଂ କହିଲା ଚଳିତ ଆପଣ ବର୍ଷ ତୱାଫ୍ (ମକ୍କାର ପରିକ୍ରମଣ) ନ କରନ୍ତୁ ବରଂ ଆଉ କୋଉ ବର୍ଷକୁ ମୁଲତବି କରି ଦିଅନ୍ତୁ।

ହ ମୁସ୍‌ଲେହ ମଉଦ ର:ଅ କୁହନ୍ତି: ଏସିଆର ଲୋକମାନେ ଯେତେବେଳେ ନିଜର କଥା ମନାଇବାକୁ ଚାହାନ୍ତି ସେତେବେଳେ ମିନତି କରି ଅନ୍ୟର ଦାଢ଼ିରେ ହାତ ମାରିଥାନ୍ତି ତାହାର ଅର୍ଥ ଏହା ହୋଇଥାଏ ଯେ ହେ ଗୋଷ୍ଠୀର ପ୍ରମୁଖ! ଦୟା କରି ମୋ କଥା ସ୍ୱୀକାର କରିନିଅନ୍ତୁ। ଏହା ଦେଖି ଜଣେ ସାହାବି ଆଗକୁ ବଢ଼ିଲା ଅର୍ଥାତ ସେ ଯେତେବେଳେ ହଜୁର ସ:ଆ:ସଙ୍କ ଦାଢ଼ିରେ ହାତ ମାରୁଥିଲା ସେତେବେଳେ ତାହାକୁ ଦେଖି ଜଣେ ସାହାବି ଆଗକୁ ବଢ଼ିଲେ ଏବଂ ନିଜ ତରବାରୀକୁ ହାତରେ ଧରି କହିଲେ ହେ ଅପବିତ୍ର ମଣିଷ ନିଜ ହାତ ପଛକୁ ହଟାଇ ନିଅ ଏଥିରେ ଉକ୍ତ ସର୍‌ଦାର୍ ଜଣକ କହିଲେ ତୁମେ ସେହି ଲୋକ ଯାହା ଉପରେ ଅମୁକ ଅବସରରେ ମୁଁ ଉପକାର କରିଥିଲି ଏହା ଶୁଣି ଉକ୍ତ ସାହାବି ଜଣକ ନୀରବ ହୋଇ ପଛକୁ ହଟିଗଲେ। ସେ ସର୍‌ଦାର୍ ପୁନଶ୍ଚ ମିନତି କରି ହଜୁର ସ:ଆ:ସଙ୍କ ଦାଢ଼ିରେ ହାତ ମାରିଲା ତାହାର ଏହି ଆଚ୍ଚରଣ ଦେଖି ଆମେମାନେ ଅତିଶୟ କ୍ରୋଧିତ ହୋଇ ଉଠିଲୁ କିନ୍ତୁ ଆମମାନଙ୍କ ମଧ୍ୟରୁ କାହାର ସାହାସ ନଥିଲା ଯେ ତାହାକୁ ଏପରି କରିବାକୁ ବାରଣ କରିପାରିବ। କାରଣ ସେ ବ୍ୟକ୍ତି ଆମମାନଙ୍କ ସହିତ ପୂର୍ବରୁ ଉପକାର କରିଥିଲା ଏବଂ ଆମେ ଜଣେ ଏପରି ବ୍ୟକ୍ତିଙ୍କୁ ଖୋଜୁଥିଲୁ ଯାହା ଉପରେ ସେହି ସର୍‌ଦାର୍‌ର କୌଣସି ସାହାଯ୍ୟ ସହଯୋଗ ନଥିବ। ଠିକ୍ ଏତିକିବେଳେ ଜଣେ ଆଗକୁ ବଢ଼ି କହିଲେ ହେ ଅପବିତ୍ର ମଣିଷ! ନିଜ ହାତ ପଛକୁ ହଟାଇ ନିଅ ଓ ସେହି ବ୍ୟକ୍ତି ଜଣକ ହଜରତ ଅବୁବକର ର:ଅ ଥିଲେ। ହଜରତ ଅବୁ ବକର୍ ର:ଅଙ୍କୁ ଦେଖି ଉକ୍ତ ସର୍‌ଦାର୍ ଜଣକ ତାଙ୍କୁ କିଛି କହିପାରିଲା ନାହିଁ କାରଣ ଆପଣ ର:ଅଙ୍କ ଉପରେ ତାହାର କୌଣସି ଉପକାର ନଥିଲା କି କୌଣସି ଅଧିକାର ନଥିଲା।

ଛଅ ହିଜ୍‌ରୀର ଜୁଲ୍‌କାଦା ମାସରେ ସୁଲାହ୍ ହୁଦ୍‌ବିୟା ଅବସରରେ ଯେବେ ସୁଲାହ୍ ନାମା ଲେଖାଗଲା। ସିରତ୍ ଖାତମୁନ୍ ନବୀଇନ୍‌ରେ ବର୍ଣ୍ଣିତ ରହିଛି ସୁଲହା ହୁଦେବିୟାର ସର୍ତାବଳୀର ଦୁଇ ଗୋଟି ନକଲ ପ୍ରସ୍ତୁତ କରାଗଲା ଏବଂ ତାହାର ସାକ୍ଷ୍ୟମାନଙ୍କ ମଧ୍ୟରେ ମୁସଲମାନମାନଙ୍କ ମଧ୍ୟରୁ ହଜରତ ଅବୁବକର ର:ଅ ଓ ଆପଣଙ୍କ ସାଥିରେ ହଜରତ ଉମର ର:ଅ, ହଜରତ ଉସ୍‌ମାନ୍ ର:ଅ, ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍, ହଜରତ ସାଆଦ୍ ବିନ୍ ଅବି ୱକାସ୍, ହଜରତ ଅବୁ ଉବୈଦା ବିନ୍ ଜରାହ୍ ର:ଅ ସାମିଲ ଥିଲେ।

ହଜରତ ଅବୁବକର ର:ଅ କହୁଥିଲେ; **ଇସଲାମରେ ସର୍ବବୃହତ ବିଜୟ ସୁଲହା ହୁଦେବିୟାର** ବିଜୟ ହିଁ ଥିଲା। *(ସୁବୁଲୁଲ୍ ହୁଦା ୱର୍ ରଶାଦ୍, ଭାଗ-୫, ପୃ-୬୪.... ବେରୁତ ୧୯୯୩)*

ସରିୟା ହଜରତ ଅବୁବକର ର:ଅ ଯାହା ବନୁ ଫୁଯାରାଃ ଆଡ଼କୁ କରାଯାଇଥିଲା, ସେ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ ସେହି ସରିୟା ୬ହିଜ୍‌ରୀରେ ହୋଇଥିଲା। ବନୁ ଫୁଜାରା ନଜଦ୍ ଓ ୱାଦିଉଲ୍ ଉର୍‌ରାରେ ଅବସ୍ଥିତ ଥିଲା। *(ଫର୍‌ହଙ୍ଗ ସିରତ୍, ପୃ-୬୪, ଜୱାର ଏକାଡ଼େମି କରାଚି ୨୦୦୩)*

ତବକାତୁଲ୍ କୁବ୍‌ରାରେ ଓ ସିରତ୍ ଇବ୍‌ନେ ହିଶାମ୍‌ରେ ଉଲ୍ଲେଖ ରହିଛି ଯେ ଏହି ସରିୟାରେ ହଜରତ ଜୈଦ୍ ବିନ୍ ହାର୍‌ସା ର:ଅଙ୍କ ନେତୃତ୍ୱରେ ଏକ ସୈନ୍ୟଦଳ ପ୍ରେରଣ କରାଯାଇଥିଲା। *(ତବକାତୁଲ୍ କୁବ୍‌ରା......... ଭାଗ-୨, ପୃ-୬୯............ ବେରୁତ ୨୦୧୭) (ଅସ୍‌ସିରତୁନ୍ ନବୱିୟା ଲେ ଇବ୍‌ନେ ହୁଶାମ୍, ପୃ-୮୭୫..... ବେରୁତ ୨୦୦୧)*

କିନ୍ତୁ ସହି ମୁସ୍‌ଲିମ୍ ଓ ସୁନନେ ଅବୁ ଦାଉଦ୍‌ର ହଦିସ୍‌ରୁ ଏହା ଜଣା ପଡ଼େ ଯେ, ହଜୁର ସ:ଆ:ସ ହଜରତ ଅବୁବକର ର:ଅଙ୍କୁ ଉକ୍ତ ସରିୟାର ଅମିର ମୁତୟନ କରିଥିଲେ। ଅତଏବ ସହି ମୁସ୍‌ଲିମ୍‌ର ବର୍ଣ୍ଣନାରେ ଉଲ୍ଲେଖ ରହିଛି, ଅୟାସ୍ ବିନ୍ ସଲ୍‌ମା ବର୍ଣ୍ଣନା କରନ୍ତି ଯେ ମୋ ନିକଟରେ ମୋ ପିତା ବର୍ଣ୍ଣନା କରିଥିଲେ ଯେ ଆମେ ଫୁଜାରା କବିଲା ସହିତ ଯୁଦ୍ଧ କଲୁ ଏବଂ ଆମମାନଙ୍କର ଅମୀର ହଜରତ ଅବୁବକର ର:ଅ ଥିଲେ। ଆପଣ ର:ଅଙ୍କୁ ଆଁ ହଜରତ ସ:ଆ:ସ ଆମମାନଙ୍କ ଉପରେ ଅମୀର ବନାଇଥିଲେ। *(ସହି ମୁସ୍‌ଲିମ୍..... ହଦିସ୍-୪୫୭୩) (ସୁନନେ ଅବି ଦାଉଦ୍........ ହଦିସ୍-୨୬୯୭)*

ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ୍ ମଧ ଉକ୍ତ ସରିୟାର ଚର୍ଚ୍ଚା କରି ଏହା ବର୍ଣ୍ଣନା କରିଛନ୍ତି ଯେ:- ହଜୁର ସ:ଆ:ସ ସାହାବାମାନଙ୍କର ଏକ ସୈନ୍ୟଟୁକୁଡ଼ି ହଜରତ ଅବୁବକର ର:ଅଙ୍କ ନେତୃତ୍ୱରେ ବନୁ ଫୁଜାରା କବିଲା ଅଭିମୁଖେ ପ୍ରେରଣ କରିଥିଲେ ଓ ଏହି ସମ୍ପ୍ରଦାୟଟି ସେତେବେଳେ ମୁସଲମାନମାନଙ୍କ ବିପକ୍ଷରେ ଯୁଦ୍ଧ ଲଢ଼ିବା ପାଇଁ ପ୍ରସ୍ତୁତ ଥିଲା ଏବଂ ଉକ୍ତ ସୈନ୍ୟ ଟୁକୁଡ଼ିରେ ସଲ୍‌ମା ବିନ୍ ଅକୁଆ ମଧ ସାମିଲ ଥିଲେ ଯିଏ କି ଜଣେ ବିଖ୍ୟାତ ତୀରଚାଳକ ଓ ଦଉଡ଼ିବା ଶୈଳୀରେ ବିଶେଷ ଅଭିଜ୍ଞ ଥିଲେ। ସଲ୍‌ମା ବିନ୍ ଅକୁୱା ବର୍ଣ୍ଣନା କରନ୍ତି ଯେ:- ଆମେମାନେ ସକାଳ ନମାଜ ସମୟରେ ଉକ୍ତ ସମ୍ପ୍ରଦାୟର ନିବାସ ସ୍ଥଳ ନିକଟରେ ପହଂଚିଲୁ ଏବଂ ଆମେମାନେ ଯେତେବେଳେ ନମାଜ ପଢ଼ିସାରିଲୁ ସେତେବେଳେ ହଜରତ ଅବୁବକର ର:ଅ ଆମମାନଙ୍କୁ ଆକ୍ରମଣ କରିବାର ଆଦେଶ ଦେଲେ ସୁତରାଂ ଆମେମାନେ ଫୁଜାରା ସମ୍ପ୍ରଦାୟ ସହିତ ଲଢ଼ି ଲଢ଼ି ସେମାନଙ୍କର ଝରଣା ପର୍ଯ୍ୟନ୍ତ ପହଂଚିଗଲୁ ଏବଂ ଅବିଶ୍ୱାସକାରୀମାନଙ୍କର ଅନେକ ସୈନ୍ୟ ସେହି ଆକ୍ରମଣରେ ନିହତ ହୋଇଥିଲେ। ଏହାପରେ ସେମାନେ ଯୁଦ୍ଧ ଭୂମି ଛାଡ଼ି ପଳାୟନ କଲେ ଏବଂ ଆମେମାନେ ସେମାନଙ୍କର ଅନେକ ସୈନ୍ୟଙ୍କୁ ଧରି ବନ୍ଦି କରିନେଲୁ। ସଲ୍‌ମା ବର୍ଣ୍ଣନା କରନ୍ତି ପଳାୟନ କରୁଥିବା ଲୋକମାନଙ୍କ ମଧ୍ୟରେ ଗୋଟିଏ ଦଳ ବାଳକମାନଙ୍କର ଥିଲା ଓ ଅନ୍ୟ ଗୋଟିଏ ଦଳ ମହିଳାମାନଙ୍କର ଗୋଷ୍ଠୀ ଥିଲା। ସେମାନେ ସମସ୍ତେ ଶୀଘ୍ର ଶୀଘ୍ର ନିକଟରେ ଥିବା ଗୋଟିଏ ପାହାଡ଼ ଆଡ଼କୁ ଅଗ୍ରସର ହେଉଥିଲେ। ମୁଁ ସେହି ଗୋଷ୍ଠୀ ଦ୍ୱୟ ଓ ପର୍ବତ ମଧ୍ୟରେ ତୀର ନିକ୍ଷେପ କରିବାକୁ ଆରମ୍ଭ କଲି ଫଳତଃ ଏହି ଗୋଷ୍ଠୀ ଦ୍ୱୟ ଭୟଭୀତ ହୋଇ ଗୋଟିଏ ସ୍ଥାନରେ ଛିଡ଼ା ହୋଇଗଲେ ଯଦ୍ୱାରା ଆମେ ସେମାନଙ୍କୁ ବନ୍ଦୀ

## ୧୨୭ ତମ ଜଲ୍‌ସା ସାଲାନା କାଦିଆନ୍

୧୨୭ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୨ ମସିହା ଡ଼ିସେମ୍ବର ମାସର ୨୩, ୨୪ ଏବଂ ୨୫ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ। ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ। ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ଶୁଦ୍ଧ ଆତ୍ମାଗୁଡ଼ିକର ମାର୍ଗଦର୍ଶନ କାରଣ ହେବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ। ଜଯାକୁମୁଲ୍ଲାଃ। ***(ନାଜିର୍ ଇସ୍‌ଲାହ୍ ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)***

କରିନେଲୁ । ସେହି ବନ୍ଦୀମାନଙ୍କ ମଧ୍ୟରେ ଜଣେ ବୃଦ୍ଧା ମହିଳା ମଧ ଥିଲେ ସେ ନିଜ ଉପରେ ଏକ ନାଲି ରଙ୍ଗର ଚମଡ଼ା ନିର୍ମିତ ଚଦର ଘୋଡ଼ାଇ ରଖିଥିଲେ ଏବଂ ତା ସହିତ ତା'ର ଜଣେ ସୁନ୍ଦର କନ୍ୟା ମଧ ଥିଲା । ମୁଁ ସେହି ସମସ୍ତଙ୍କୁ ଘେରି ନେଲି ଏବଂ ହଜରତ ଅବୁବକର ର:ଅଙ୍କ ନିକଟକୁ ଘେନି ଆଣିଲି । ହଜରତ ଅବୁବକର ର:ଅ ମତେ ସେହି ବାଳିକାର ଯତ୍ନ ନେବାକୁ ଦାୟିତ୍ୱ ଦେଲେ । ପୁନଶ୍ଚ ଆମେମାନେ ଯେତେବେଳେ ମଦିନା ଆସିଲୁ ସେତେବେଳେ ହଜୁର ସ:ଆ:ସ ମୋଠାରୁ ସେହି ବାଳିକାଟିକୁ ନେଇନେଲେ ଏବଂ ତାକୁ ମକ୍କା ପ୍ରେରଣ କରି ତା ପ୍ରତି ବଦଳରେ କେତେକ ମୁସଲମାନ ବନ୍ଦୀମାନଙ୍କୁ ମୁକୁଳାଇ ଥିଲେ, ଯେଉଁମାନେ ମକ୍କାବାସୀଙ୍କ ନିକଟରେ ବନ୍ଦୀ ହୋଇ ରହିଥିଲେ ଅର୍ଥାତ ମକ୍କାର ବାସୀମାନେ ଯେଉଁ ମୁସଲମାନମାନଙ୍କୁ ବନ୍ଦୀ କରି ରଖିଥିଲେ ସେହି ମୁସଲମାନମାନଙ୍କୁ ମୁକୁଳାଇବା ପାଇଁ ହଜୁର ସ:ଆ:ସ ଉକ୍ତ ବାଳିକାକୁ ଫେରାଇ ଦେଇଥିଲେ" । *(ସିରତ୍ ଖାତ୍‌ମୁନ୍ ନବିୟିନ୍ ସ:ଆ:ସ..... ପୃ-୭୧୬-୭୧୭)*

ଖୈବର ଯୁଦ୍ଧ ପ୍ରସଙ୍ଗରେ ଉଲ୍ଲେଖ ରହିଛି: ସ:ଆ:ସ ୭ ହିଜ୍‌ରୀର ମୁହରମ୍ ମାସରେ ଖୈବର ଅଭିମୁଖେ ଅଭିଯାନ କରିଥିଲେ । ଖୈବର କହିଲେ ଏକ ଉଦ୍ୟାନକୁ ବୁଝାଏ ଉକ୍ତ ଉଦ୍ୟାନ ମଦିନା ମନୱାରଠାରୁ ୧୮୪ କିଲୋମିଟର ଦୁରତାରେ, ମଦିନାର ଉତର ଦିଗରେ ଅବସ୍ଥିତ ଥିଲା । ସେଠାରେ ଆଗ୍ନେୟ ଗିରି ପଥରଗୁଡ଼ିକର ଗୋଟିଏ କ୍ରମ ରହିଛି । ସେଠାରେ ୟହୁଦୀମାନଙ୍କର ଅନେକ ଦୁର୍ଗ ରହିଥିଲା ତନ୍ମଧ୍ୟରୁ କେତେକ ଅବଶେଷାଂଶ ବର୍ତମାନ ସୁଦ୍ଧା ବାକି ରହିଛି । ସେହି ଦୁର୍ଗ ଗୁଡ଼ିକୁ ମୁସଲମାନମାନେ ଖୈବର ଯୁଦ୍ଧରେ ବିଜୟପ୍ରାପ୍ତ କରିନେଇଥିଲେ । ସେହି ଅଂଚଳଟି ଅତ୍ୟନ୍ତ ଉର୍ବର ଓ ୟହୁଦୀମାନଙ୍କର ସର୍ବବୃହତ କେନ୍ଦ୍ରସ୍ଥଳି ଥିଲା । ହଜୁର ସ:ଆ:ସ ନିଜ ପରେ ଅର୍ଥାତ ନିଜ ଅନୁପସ୍ଥିତିରେ ସିବାଗ୍ ବିନ୍ ଉର୍‌ଫତା ଗଫାରୀଙ୍କୁ ମଦିନାର ଅମୀର ଭାବେ ମୃତୟନ କରିଥିଲେ । *(ତାରିଖେ ତିବ୍‌ରୀ....... ଖଣ୍ଡ-୩, ପୃ-୧୪୪..... ବେରୁତ ୨୦୦୨) (ଅଟଲସ୍ ସିରତ୍ ନବୱି......... ପୃ-୩୩୦) (ଫର୍‌ହଙ୍ଗ ସିରତ୍, ପୃ-୧୧୭, ଜୱାର ଏକାଡ଼େମି କରାଚି ୨୦୦୩)*

ଖୈବର ଠାରେ ଦଶରୁ ଉର୍ଦ୍ଧ୍ୱ ରାତ୍ର ଦୁର୍ଗର ଘେରାଉ କରାଯାଇଥିଲା । *(ଅଲ୍‌ମୱାହିବୁଲ୍ ଲଦୁନ୍‌ୟା, ଖଣ୍ଡ-୧, ପୃ-୫୧୭...... ୨୦୦୪)*

ହଜରତ ବୁରୈଦାଃ ର:ଅ କୁହନ୍ତି ହଜୁର ସ:ଆ:ସଙ୍କର ସେଠାରେ ମୁଣ୍ଡ ବ୍ୟଥା ଆରମ୍ଭ ହେଲା ତେଣୁ ହଜୁର ସ:ଆ:ସ ଦିନେ କିମ୍ବା ଦୁଇ ଦିନ ପର୍ଯ୍ୟନ୍ତ ବାହାରକୁ ବାହାରିନଥିଲେ । ଅତଏବ ଆପଣ ସ:ଆ:ସ ଯେତେବେଳେ ଖୈବରଠାରେ ଓହ୍ଲାଇଲେ ସେତେବେଳେ ଆପଣଙ୍କର ମୁଣ୍ଡ ବ୍ୟଥା ଆରମ୍ଭ ହୋଇଥିଲା । ଫଳତଃ ହଜୁର ସ:ଆ:ସ ଜନତାଙ୍କ ସମ୍ମୁଖକୁ ଆସି ଉଦ୍‌ବୋଧନ ଦେଇପାରୁନଥିଲେ ମୁଣ୍ଡ ବ୍ୟଥା ହେଉଥିଲା, ଯାହାକୁ ଉର୍ଦ୍ଦୁରେ ଶକିକାଃ ଏବଂ ଇଂଗ୍ରାଜୀରେ Migrane କୁହାଯାଏ । ସୁତରାଂ ସେଠାରୁ ହଜୁର ସ:ଆ:ସ ହଜରତ ଅବୁବକର ର:ଅଙ୍କୁ ୟହୁଦୀମାନଙ୍କ ଦୁର୍ଗ କତ୍‌ବିୟା ଆଡ଼କୁ ପ୍ରେରଣ କରିଥିଲେ । ଅତଏବ ସେ ରସୁଲେ୍ କରିମ୍ ସ:ଆ:ସଙ୍କ ଧ୍ୱଜା ନେଇ ଶତ୍ରୁଙ୍କ ବିରୋଦ୍ଧରେ ଭିଷଣ ଯୁଦ୍ଧ ଲଢ଼ିଥିଲେ । ହଜରତ ଅବୁବକର ର:ଅଙ୍କ ସତ ଚେଷ୍ଟା ସତ୍ୱେ ମଧ ତାଙ୍କୁ କିଛି ସୁଫଳ ମିଳିନଥିଲା ବସ୍ତୁତଃ ସେ ସେଠାରୁ ଫେରି ଆସିଥିଲେ । ପୁନଶ୍ଚ ହଜୁର ସ:ଆ:ସ ହଜରତ ଉମର ର:ଅଙ୍କୁ ପ୍ରେରଣ କଲେ । ହଜରତ ଉମର ର:ଅ ହଜୁର ସ:ଆ:ସଙ୍କ ଧ୍ୱଜାକୁ ନେଇ ଶତ୍ରୁ ଅଭିମୁଖେ ବାହାରି ପଡ଼ିଲେ ଏବଂ ଘମାସାନ ଯୁଦ୍ଧ ଲଢ଼ିଲେ ଉକ୍ତ ଯୁଦ୍ଧଟି ପୂର୍ବାପେକ୍ଷା ଅଧିକ ଭୀଷଣ ଯୁଦ୍ଧ ଥିଲା । ସୁତରାଂ ପୁଣି ବିଜୟ ପ୍ରାପ୍ତ ନ ହେବାରୁ ହଜରତ ଉମର ର:ଅ ମଧ ଫେରିଆସିଲେ । *(ସୁବୁଲୁଲ୍ ହୁଦା ୱର୍ ରଶାଦ୍, ଭାଗ-୫, ପୃ-୧୨୪.... ବେରୁତ ୧୯୯୩)*

ଇତିହାସ ଓ ଜୀବନୀର ଅଧିକାଂଶ ପୁସ୍ତକଗୁଡ଼ିକରେ ଏହି ଚର୍ଚ୍ଚା ଉଲ୍ଲେଖ ରହିଛି ଯେ, ହଜରତ ଅବୁବକର ର:ଅ ଓ ହଜରତ ଉମର ର:ଅଙ୍କୁ ଜଣକ ପରେ ଜଣେ ସେନାଧ୍ୟକ୍ଷ ଭାବରେ ମୁତୟନ କରି ହଜୁର ସ:ଆ:ସ ପ୍ରେରଣ କରିଥିଲେ କିନ୍ତୁ ସେମାନଙ୍କ ହସ୍ତରେ ଦୁର୍ଗ ବିଜୟ ହୋଇପାରିନଥିଲା । କିନ୍ତୁ ଆଉ ଗୋଟିଏ ପୁସ୍ତକ ରହିଛି ଯାହାର ନାମ ସିଦ୍ଦିକେ ଅକ୍‌ବର୍ ସେହି ପୁସ୍ତକଟି ୨୦୧୦ ମସିହା ଫେବୃୟାରୀ ମାସରେ ଲାହୋରରୁ ପ୍ରକାଶିତ ହୋଇଛି । ଆମର ଗବେଷକମାନେ ଏହାକୁ ଅଧ୍ୟୟନ କରି ଗବେଷଣା କରି ଆଲୋଚନା କରିଛନ୍ତି ଏବଂ ମତେ ଲେଖିଛନ୍ତି ଯେ ଉକ୍ତ ପୁସ୍ତକରେ ଉଲ୍ଲେଖ ରହିଛି ଯେ, ହଜରତ ଅବୁବକର ର:ଅଙ୍କ ହସ୍ତରେ ହିଁ ଉକ୍ତ ଦୁର୍ଗଟି ବିଜୟ ପ୍ରାପ୍ତ ହୋଇଥିଲା । କିନ୍ତୁ ସେହି ଲେଖକଜଣକ କୌଣସି ହୱାଲା (Reference) ଦେଇନାହାନ୍ତି । ସେ ଯାହା ହେଉ ନା କାହିଁକି ଲେଖକ ଜଣକ ବର୍ଣ୍ଣନା କରିଛନ୍ତି ଯେ ଗୋଟିଏ ଦୁର୍ଗକୁ ବିଜୟ କରିବାପାଇଁ ହଜରତ ଅବୁବକର ର:ଅଙ୍କୁ ଅମୀର ଓ ସେନାଧ୍ୟକ୍ଷ ମୃତୟନ କରି ପ୍ରେରଣ କରାଯାଇଥିଲା ଓ ତାଙ୍କ ହସ୍ତରେ ହିଁ ଉକ୍ତ ଦୁର୍ଗଟି ବିଜିତ ହୋଇଥିଲା ଓ ଦ୍ୱିତୀୟ ଦୁର୍ଗଟିକୁ ଜୟ କରିବା ଉଦ୍ଦେଶ୍ୟରେ ହଜରତ ଉମର ର:ଅଙ୍କୁ ପ୍ରେରଣ କରାଯାଇଥିଲା, ସେ ମଧ ଅର୍ଥାତ ହଜରତ ଉମର ର:ଅ ମଧ୍ୟ ସେହି ଅଭିଯାନରେ ସଫଳତା ଲାଭ କରିଥିଲେ । ତୃତୀୟ ଦୁର୍ଗକୁ ନିଜ ଅକ୍ତିୟାରକୁ ଆଣିବା ପାଇଁ ଉକ୍ତ ଅଭିଯାନରେ ମୁହମ୍ମଦ୍ ବିନ୍ ମୁସ୍‌ଲେମା ର:ଅଙ୍କୁ ଦାୟିତ୍ୱ ଦିଆଯାଇଥିଲା । କିନ୍ତୁ ସେ ତହିଁରେ ସଫଳ ହୋଇପାରିନଥିଲେ ଅତଏବ ହଜୁର ସ:ଆ:ସ କହିଲେ ମୁଁ ସକାଳେ ଏଭଳି ଜଣେ ବ୍ୟକ୍ତିକୁ ସୈନ୍ୟଦଳର ସେନାପତି ନିଯୁକ୍ତ କରି ନିଜର ଧ୍ୱଜା ପ୍ରଦାନ କରିବି, ଯିଏ ଅଲ୍ଲାଃ ତାଲା ଓ ତାହାଙ୍କ ବାର୍ତାବହକଙ୍କୁ ନିଜର ବନ୍ଧୁ ରୂପେ ବରଣ କରିଛନ୍ତି ଏବଂ ତାଙ୍କ ହସ୍ତରେ ହିଁ ଉକ୍ତ ଦୁର୍ଗଟି ବିଜୟ ହେବ । ଅତଏବ ହଜୁର ସ:ଆ:ସ ହଜରତ ଅଲୀ ର:ଅଙ୍କୁ ନିଜର ଧ୍ୱଜା ପ୍ରଦାନ କଲେ ଯିଏ କି ସେହି ଦୁର୍ଗକୁ ଜୟ କରିନେଇଥିଲେ । ସେହି କିଲ୍ଲାର ନାମ ଥିଲା କମୁସ୍ । *(ସୟଦନା ସିଦ୍ଦିକ୍ ଅକବର୍ ର:ଅ, ପୃ-୪୯, ସଂକଳକ:- ଅଲ୍‌ହାଜ୍ ହକିମ୍ ଗୁଲାମ୍ ନବୀ ଏମ୍.ଏ ମୁଦ୍ରିତ:- ଅଦିବାତେ ଲାହୋର୍)*

ଖୈବର ଯୁଦ୍ଧ ପ୍ରସଙ୍ଗରେ ୱାକିଦିଙ୍କର ଆଉ ଏକ ଉଲ୍ଲେଖ ରହିଛି କାରଣ ଲୋକମାନେ ତାଙ୍କ ରଚିତ ଇତିହାସ ମଧ ପଢ଼ନ୍ତି ତେଣୁ ମୁଁ ଏଠାରେ ତାହାର ଚର୍ଚ୍ଚା କରିଦେଉଛି । କିନ୍ତୁ ଏହା ଜରୁରୀ ନୁହେଁ ଯେ ଉକ୍ତ ବର୍ଣ୍ଣନାଟି ସତପ୍ରତିଶତ ସଠିକ୍ ଅଟେ । ସେ ଯାହା ହେଉ ନା କାହିଁକି ୱାକଦି ଉଲ୍ଲେଖ କରନ୍ତି ଖେବିର ଯୁଦ୍ଧ ଅବସରରେ ହଜୁର ସ:ଆ:ସଙ୍କର ଜଣେ ସାହାବି ହଜରତ ହୁବାବ୍ ବିନ୍ ମୁନ୍‌ଜର୍ କହିଲେ, ହେ ଅଲ୍ଲାଃଙ୍କ ବାର୍ତାବହ ! ୟହୁଦୀମାନେ ଖଜୁରୀର ବୃକ୍ଷକୁ ନିଜ ଯୁବକ ସନ୍ତାନମାନଙ୍କ ଅପେକ୍ଷା ଅଧିକ ଶ୍ରେୟସ୍କର ଓ ପ୍ରୀୟ ମଣନ୍ତି । ତେଣୁ ଆପଣ ସ:ଆ:ସ ସେମାନଙ୍କର ସେହି ବୃକ୍ଷଗୁଡ଼ିକୁ କାଟି ଦିଅନ୍ତୁ । ଏଥିରେ ହଜୁର ସ:ଆ:ସ ଖଜୁରୀର ବୃକ୍ଷକୁ କାଟିବାପାଇଁ ନିର୍ଦ୍ଦେଶ ଦେଲେ, ଫଳତଃ ମୁସଲମାନମାନେ ଶୀଘ୍ର ଶୀଘ୍ର ଖଜୁରୀ ବୃକ୍ଷଗୁଡ଼ିକୁ କାଟିବା ଆରମ୍ଭ କରିଦେଲେ । ଏହି ବର୍ଣ୍ଣନାଟି ସତପ୍ରତିଶତ ଗ୍ରହଣ ଯୋଗ୍ୟ ନୁହେଁ । କିନ୍ତୁ ତା ପରବର୍ତୀ ଅଂଶଟି ସଠିକ ବୋଲି ମନେ ହେଉଛି । ୱାକଦି କୁହନ୍ତି ଏତିକି ବେଳେ ହଜରତ ଅବୁବକର ର:ଅ ହଜୁର ସ:ଆ:ସଙ୍କ ନିକଟକୁ ଆସିଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ବାର୍ତାବହ ! ନିଃସନ୍ଦେହ ରୂପେ ଅଲ୍ଲାଃ ତାଲା ଆପଣ ସ:ଆ:ସଙ୍କୁ ଖୈବର ଯୁଦ୍ଧରେ ବିଜୟ ହେବାର ଯେଉଁ ପ୍ରତିଶୃତି ଦେଇଛନ୍ତି ସେହି ପ୍ରତିଶୃତିକୁ ସେ ଅବଶ୍ୟ ପୂରଣ କରିବେ । ଆପଣ ଖଜୁରୀ ବୃକ୍ଷ ଗୁଡ଼ିକୁ କାଟନ୍ତୁ ନାହିଁ । ଏଥିରେ ହଜୁର ସ:ଆ:ସ ଆଦେଶ ଦେଲେ ଏବଂ ହଜୁର ସ:ଆ:ସଙ୍କ ଘୋଷଣାକାରୀ ଏହି ଘୋଷଣା କଲା ଯେ ହଜୁର ସ:ଆ:ସ ଖଜୁରୀ ବୃକ୍ଷ କାଟିବାକୁ ବାରଣ କରିଦେଇଛନ୍ତି । *(କିତାବୁଲ୍ ମଗାଜି ଲିଲ୍ ୱାକ୍‌ଦି, ଖଣ୍ଡ-୨, ପୃ-୧୨୦......... ବେରୁତ ୨୦୦୪)*

ଅଲ୍ଲାଃ ତାଲା ଯେତେବେଳେ ହଜୁର ସ:ଆ:ସଙ୍କୁ ଖୈବର ଯୁଦ୍ଧରେ ବିଜୟ ପ୍ରଦାନ କଲେ ସେତେବେଳେ ଖୈବରର ଏକ ବିଶେଷ ଉପତ୍ୟକା ଯାହାର ନାମ କତ୍‌ବିୟା ଥିଲା, ତାହାକୁ ନିଜର ନିକଟ ସମ୍ପର୍କୀୟ ଓ ନିଜ ବଂଶର ମହିଳା ତଥା ମୁସଲମାନ ପୁରୁଷମାନଙ୍କ ମଧ୍ୟରେ ବାଂଟି ଦେଇଥିଲେ । ଇତିମଧ୍ୟରେ ହଜୁର ସ:ଆ:ସ ଅନ୍ୟ ସମ୍ପର୍କୀୟ ତଥା ପରିଜନମାନଙ୍କ ବ୍ୟତୀତ ହଜରତ ଅବୁବକର ର:ଅଙ୍କୁ ମଧ ଏକଶହ ଓସକ୍ ଶସ୍ୟ ଓ ଖଜୁରୀ ପ୍ରଦାନ କରିଥିଲେ । *(ଅସ୍‌ସିରତୁନ୍ ନବୱିୟା ଲି ଇବ୍‌ନେ ହୁଶାମ୍, ପୃ-୭୦୭..... ବେରୁତ ୨୦୦୧)* ଗୋଟିଏ ଓସକ୍ ୬୦ ସା କୁ ବୁଝାଏ ଏବଂ ଗୋଟିଏ ସା ହେଉଛି ଅଢ଼େଇ କିଲୋଗ୍ରାମ, ଯାହାକି ଆରବର ଗୋଟିଏ ପରିମାପକ ଅଟେ । ପ୍ରାୟ ୩୭୫ ମହଣ୍ ଶସ୍ୟ ଆପଣ ର:ଅଙ୍କୁ ପ୍ରଦାନ କରାଯାଇଥିଲା (ଅର୍ଥାତ ହଜରତ ଅବୁବକର ର:ଅଙ୍କୁ ଏ ସବୁ ମିଳିଥିଲା) । *(ଲୁଗାତୁଲ୍ ହଦିସ୍ ଖଣ୍ଡ-୪, ପୃ-୪୮୭, ଏବଂ ଖଣ୍ଡ-୨, ପୃ-୬୪୮)*

ଏହିପରି ହଜରତ ଅବୁବକର ର:ଅଙ୍କ ନଜଦ୍ ଅଭିମୁଖେ କରାଯାଇଥିବା ଯୁଦ୍ଧ ବିଷୟରେ ମଧ ଉଲ୍ଲେଖ ରହିଛି । ନଜଦ୍ ଇଲାକା ହେଉଛି ଏକ ଅର୍ଦ୍ଧ ମରୁଭୂମି ଓ ସବୁଜିମା ଭୁଖଣ୍ଡ । ଉକ୍ତ ଭୂମିରେ ଅନେକ ଉପତ୍ୟାକା ଓ ପର୍ବତ ରହିଛି । ସେହି ଭୂଖଣ୍ଡଟି ୟମନ୍‌ର ଦକ୍ଷିଣ ଦିଗରେ ସିରିୟାର ମରୁଭୂମି ପର୍ଯ୍ୟନ୍ତ ତଥା ଇରାକ୍ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏହାର ପଶ୍ଚିମରେ ହିଜାଜ୍‌ର ମରୁଭୂମି ଅବସ୍ଥିତ । ଉକ୍ତ ଅଂଚଳଟି ସମୁଦ୍ର ପତନରୁ ୧୨୦୦ ମିଟର ଉଚ୍ଚରେ ଅବସ୍ଥିତ । ଏହି ଉଚ୍ଚତା ଯୋଗୁଁ ହିଁ ତାହାକୁ ନଜଦ୍ କୁହାଯାଏ । *(ଫର୍‌ହଙ୍ଗ ସିରତ୍, ପୃ-୨୯୭, ଜୱାର ଏକାଡ଼େମି କରାଚି ୨୦୦୩)*

ନଜଦ୍‌ରେ ବନୁ କିଲାବ୍ କବିଲାର ଲୋକମାନେ ମୁସଲମାନମାନଙ୍କ ବିରୁଦ୍ଧରେ ଯେତେବେଳେ ଏକତ୍ରିତ ହେଲେ ସେତେବେଳେ ହଜରତ ଅବୁବକର ର:ଅଙ୍କୁ ହଜୁର ସ:ଆ:ସ ସେମାନଙ୍କର ମୁଳୋତ୍ପାଟନ ନିମନ୍ତେ ପ୍ରେରଣ କଲେ ଓ ଆଦେଶ ଦେଲେ । ଉକ୍ତ ସରିୟା (ଅର୍ଥାତ ଯୁଦ୍ଧ)ଟି ଶାବାନ୍ ମାସ ସାତ ହିଜ୍ରୀରେ ହୋଇଥିଲା । ହଜରତ ସଲ୍‌ମାନ୍ ବିନ୍ ଅକୁୱା ବର୍ଣ୍ଣନା କରନ୍ତି ରସୁଲେ୍ କରିମ୍ ସ:ଆ:ସ ହଜରତ ଅବୁବକର ର:ଅଙ୍କୁ ପ୍ରେରଣ କରିଥିଲେ ଏବଂ ଆମମାନଙ୍କ ଉପରେ ତାଙ୍କୁ ଅମୀର ଭାବେ ମୃତୟନ କରିଥିଲେ । *(ସୁବୁଲୁଲ୍ ହୁଦା ୱର୍ ରଶାଦ୍...... ଖଣ୍ଡ-୬, ପୃ-୧୩୧...... ବେରୁତ ୧୯୯୩)*

ସୁଲାହ୍ ହୁଦେବିୟା ପରେ ଅବୁ ସୁଫିୟାନ ଯେତେବେଳେ ମକ୍କା ଆସିଲା ସେତେବେଳେ ତାହା ସମ୍ପର୍କରେ ଏହା ଉଲ୍ଲେଖ ରହିଛି ଯେ ସୁଲାହ ହୁଦେବିୟାର ବିରୁଦ୍ଧାଚରଣ କରି ଯେତେବେଳେ ବନି ବକର. ଯିଏ କୁରୈଶ୍‌ର ମିତ୍ର ଥିଲେ, ସେମାନେ ମୁସଲମାନମାନଙ୍କର ମିତ୍ର ବନୁ ଖୁଜାଆ ଉପରେ ଆକ୍ରମଣ କଲେ ଏବଂ କୁରୈଶ୍‌ମାନେ ଅସ୍ତ୍ର ଓ ବାହନ ମାଧ୍ୟମରେ ବନୁ ବକର୍‌କୁ ସାହାଯ୍ୟ କରିଥିଲେ । ଫଳତଃ ସେମାନେ ସୁଲାହ୍ ହୁଦେବିୟାର ସର୍ତକୁ ପାଳନ କଲେନାହିଁ କି ସେଥିପ୍ରତି ସେମାନେ ଭ୍ରୁକ୍ଷେପ ଓ ପରବାଏ କଲେନାହିଁ । ବରଂ ଅତ୍ୟନ୍ତ ଗର୍ବ ଓ ଅହଙ୍କାର

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ଭଙ୍ଗିରେ କହିଲେ ଯେ ଆମେମାନେ କୌଣସି ସର୍ତ୍ତକୁ ମାନୁ ନାହୁଁ । ସେତେବେଳେ ଅବୁ ସୁଫିୟାନ ମଦିନା ଆସିଲା ଏବଂ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇ ସୁଲହା ହୁଦେବିୟାର ସର୍ତ୍ତକୁ ନୂତନ ରୂପେ ପ୍ରସ୍ତୁତ କରିବାକୁ ନିବେଦନ କଲା । କିନ୍ତୁ ହଜୁର ସ:ଆ:ସ ତାହାର କୌଣସି କଥାର ଉତର ଦେଲେ ନାହିଁ । ସେଥିଅନ୍ତେ ସେ ହଜରତ ଅବୁବକର ର:ଅଙ୍କ ନିକଟକୁ ଗଲା ଏବଂ ସମାନ କଥା କହିଲା ଓ ନିବେଦନ କଲା ଯେ ଆପଣ ହଜୁର ସ:ଆ:ସଙ୍କ ସହିତ ଏ ବିଷୟରେ କଥା ହୁଅନ୍ତୁ । କିନ୍ତୁ ହଜରତ ଅବୁବକର ର:ଅ କହିଲେ ମୁଁ ଏପରି କରିବି ନାହିଁ । ପୁନଶ୍ଚ ସେ ହଜରତ ଉମର ର:ଅଙ୍କ ନିକଟରେ ପହଂଚିଲା ଏବଂ ତାଙ୍କୁ ମଧ୍ୟ ସମାନ କଥା କହିଲା କିନ୍ତୁ ହଜରତ ଉମର ର:ଅ ତାହାର କଥାକୁ ପ୍ରତ୍ୟାଖ୍ୟାନ କରିଦେଲେ । ପରିଶେଷରେ ଅବୁ ସୁଫିୟାନ୍ ମଦିନାରୁ ଅସଫଳ ହୋଇ ଫେରି ଆସିଥିଲା । *(ସିରତ୍ ଇବ୍‌ନେ ହୁଶାମ୍, ପୃ-୭୩୪-୭୩୫....... ବେରୁତ ୨୦୦୧)* *(ଶରହ୍ ଜର୍‌କାନୀ, ଖଣ୍ଡ-୩, ପୃ-୩୭୯-୩୮୦, ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ)*

ଗଜଓ୍ୱାଏ ଫତହ୍ ମକ୍କାକୁ (ଅର୍ଥାତ ମକ୍କା ବିଜୟ ହେବା ବେଳେ ହୋଇଥିବା ଯୁଦ୍ଧ ଅଭିଯାନକୁ) ଗଜ୍‌ଓ୍ୱତୁଲ୍ ଫତ୍‌ହିଲ୍ ଆଜମ୍ ମଧ୍ୟ କୁହାଯାଏ । *(ଶରହ୍ ଜର୍‌କାନୀ, ଖଣ୍ଡ-୩, ପୃ-୩୮୬..... ବେରୁତ)*

ରମଜାନ ମାସ ୮ହିଜ୍‌ରୀରେ ମକ୍କା ବିଜୟ ହୋଇଥିଲା । (ଯାହାକୁ ସର୍ବଶ୍ରେଷ୍ଠ ବିଜୟ ମଧ୍ୟ କୁହାଯାଏ) । ତିବ୍‌ରୀର ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି ଯେ, ହଜୁର ସ:ଆ:ସ ଯେତେବେଳେ ମୁସଲମାନମାନଙ୍କୁ ଏହି ଅଭିଯାନରେ ଯାତ୍ରା କରିବା ପାଇଁ ପ୍ରସ୍ତୁତ ହେବା ନିମନ୍ତେ ଆଦେଶ ଦେଲେ, ସେତେବେଳେ ହଜୁର ସ:ଆ:ସ ନିଜ ପରିବାରର ଲୋକମାନଙ୍କୁ ଏ ଆଦେଶ ଦେଲେ ଯେ ମୋ ଜିନିଷପତ୍ର ମଧ୍ୟ ବାନ୍ଧି ପ୍ରସ୍ତୁତ କରିଦିଅ । ହଜରତ ଅବୁ ବକର୍ ର:ଅଙ୍କ ଝିଅ ହଜରତ ଆଇଶା ର:ଅ ହଜୁର ସ:ଆ:ସଙ୍କ ପାଇଁ ଯାତ୍ରା ନିମନ୍ତେ ଜିନିଷପତ୍ର ପ୍ରସ୍ତୁତ କରୁଥିଲେ ଯେତେବେଳେ କି ହଜରତ ଅବୁବକର ର:ଅ ଆସି ତାଙ୍କ ଘରେ ପ୍ରବେଶ କଲେ । ତାଙ୍କୁ ଏଭଳି ବ୍ୟସ୍ତ ଥିବାର ଦେଖି ହଜରତ ଅବୁ ବକର୍ ର:ଅ ହଜରତ ଆଇଶା ର:ଅଙ୍କୁ ପ୍ରଶ୍ନ କଲେ ହେ ମୋର ପୁତ୍ରୀ! କଣ ହଜୁର ସ:ଆ:ସ ତୁମକୁ ନିଜର ଜିନିଷପତ୍ର ପ୍ରସ୍ତୁତ କରିବାକୁ ଆଦେଶ ଦେଇଛନ୍ତି ? ସେ କହିଲେ ହଁ । ପୁଣି ହଜରତ ଅବୁ ବକର୍ ର:ଅ ପଚାରିଲେ ଯେ ତା'ହେଲେ ତୁମେ କଣ ଭାବୁଛ ହଜୁର ସ:ଆ:ସ କେଉଁ ଆଡ଼କୁ ଯିବାକୁ ମନସ୍ଥ କରିଛନ୍ତି ? ହଜରତ ଆଇଶା ର:ଅ ଉତର ଦେଲେ ହେ ମୋ ପିତା ! ଏଥିସଂକ୍ରାନ୍ତରେ ମୋତେ କିଛି ବି ଜଣାନାହିଁ । ଏହାପରେ ହଜୁର ସ:ଆ:ସ ଲୋକମାନଙ୍କୁ ବାତଇଦେଲେ ଯେ, ଆମେମାନେ ମକ୍କା ଅଭିମୁଖେ ଯିବା ଏବଂ ଆପଣ ସ:ଆ:ସ ଦୁଆ କଲେ ହେ ଅଲ୍ଲାଃ ! ତୁମ୍ଭେ କୁରୈଶ ଓ ସେମାନଙ୍କର ଗୁପ୍ତଚରମାନଙ୍କୁ ତଥା ସେମାନଙ୍କର ସମ୍ବାଦ ବାହକଙ୍କୁ ଅଟକାଇ ରଖ ଯେପର୍ଯ୍ୟନ୍ତ କି ଆମେମାନେ ସେହି ଲୋକମାନଙ୍କୁ ତାଙ୍କ ଅଂଚଳରେ ଯାଇ ଅଚାନକ ସାକ୍ଷାତ ନ କରି ନେଇଛୁ । ସୁତରାଂ ଲୋକମାନେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ । *(ତାରିଖେ ତିବ୍‌ରୀ.... ଖଣ୍ଡ-୩, ପୃ-୧୬୬, ଦାରୁଲ୍ ଫିକର୍ ବେରୁତ ୨୦୦୨)*

ଉକ୍ତ ଘଟଣାର ବିସ୍ତୃତ ବିବରଣୀ ସମ୍ପର୍କରେ ସିରତ ହଲ୍‌ବିୟା ପୁସ୍ତକରେ ଉଲ୍ଲେଖ ରହିଛି ଯେ ହଜରତ ଅବୁବକର ସିଦ୍ଦିକ୍ ର:ଅ ଯେତେବେଳେ ହଜରତ ଆଇଶା ର:ଅଙ୍କୁ ହଜୁର ସ:ଆ:ସଙ୍କ ଗସ୍ତ ସମ୍ପର୍କରେ ପଚାରୁଥିଲେ ସେତେବେଳେ ହଜୁର ସ:ଆ:ସ ସେଠାରେ ଆସି ପହଂଚିଲେ । ଅତଏବ ହଜରତ ଅବୁବକର ର:ଅ ହଜୁର ସ:ଆ:ସଙ୍କୁ ପଚାରିଲେ ହେ ଅଲ୍ଲାଃଙ୍କ ବାର୍ତାବହ! କଣ ଆପଣ କୌଣସି ଅଭିଯାନରେ ବାହାରିଛନ୍ତି କି ? ହଜୁର ସ:ଆ:ସ ଉତର ଦେଲେ ହଁ । ତେବେ ହଜରତ ଅବୁବକର ର:ଅ କହିଲେ, ମୁଁ ବି କଣ ଆପଣଙ୍କ ସାଥିରେ ବାହାରିବି ? ହଜୁର ସ:ଆ:ସ ପୁନଶ୍ଚ କହିଲେ ହଁ ଠିକ୍ ଅଛି । ହଜରତ ଅବୁବକର ର:ଅ କହିଲେ ହେ ଅଲ୍ଲାଃଙ୍କ ବାର୍ତାବହ! ଆପଣ କେଉଁ ଆଡ଼କୁ ଯିବାକୁ ମନସ୍ଥ କରିଛନ୍ତି ? ହଜୁର ସ:ଆ:ସ କହିଲେ କୁରୈଶ ଅର୍ଥାତ ମକ୍କାବାସୀଙ୍କ ମୁକାବିଲା ଉଦ୍ଦେଶ୍ୟରେ ଆମେ ବାହାରିଛୁ । କିନ୍ତୁ ତତ୍ ସହିତ ହଜୁର ସ:ଆ:ସ ହଜରତ ଅବୁବକର ର:ଅଙ୍କୁ କହିଲେ, ତୁମେ ବର୍ତମାନ ଏ କଥାକୁ ଗୁପ୍ତ ରଖିବ । ସୁତରାଂ ହଜୁର ସ:ଆ:ସ ଲୋକମାନଙ୍କୁ ଯାତ୍ରା ପାଇଁ ଜିନିଷପତ୍ର ପ୍ରସ୍ତୁତ କରିବାକୁ ଆଦେଶ ଦେଲେ କିନ୍ତୁ ଉକ୍ତ ଖବରକୁ ଗୁପ୍ତ ରଖିଲେ ଯେ ଆମେମାନେ କେଉଁ ଆଡ଼କୁ ଯାଉଛେ । ସେଥିଅନ୍ତେ ହଜରତ ଅବୁବକର ର:ଅ ହଜୁର ସ:ଆ:ସଙ୍କୁ ପଚାରିଲେ ହେ ଅଲ୍ଲାଃଙ୍କ ବାର୍ତାବହ କଣ କୁରୈଶମାନଙ୍କ ମଧ୍ୟରେ ଓ ଆମମାନଙ୍କ ମଧ୍ୟରେ ହୋଇଥିବା ସନ୍ଧିର ଅବଧି ଏ ପର୍ଯ୍ୟନ୍ତ ବାକି ରହିନାହିଁ ? ହଜୁର ସ:ଆ:ସ ଉତର ଦେଲେ, ହଁ ବାକି ଅଛି । କିନ୍ତୁ ସେମାନେ ଆମ ସହିତ ବିଶ୍ୱାସଘତକତା କରିଛନ୍ତି ଏବଂ ସର୍ତ ଭଙ୍ଗ କରିଛନ୍ତି । କିନ୍ତୁ ଯାହା କିଛି ମୁଁ ତୁମକୁ କହିଛି, ତୁମେ ତାହାକୁ ଗୋପନ ରଖିବ ।

ପୁନଶ୍ଚ ସେହିପରି ଆଉ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ ହଜରତ ଅବୁବକର ର:ଅ ହଜୁର ସ:ଆ:ସଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତାବହ ! ଆପଣ କେଉଁ ଆଡ଼କୁ ଯିବା ପାଇଁ ନିର୍ଣ୍ଣୟ କରିଛନ୍ତି ? ହଜୁର ସ:ଆ:ସ କହିଲେ ମୁଁ ତାହାକୁ ପ୍ରକାଶ କରିବାକୁ ଚାହୁଁନାହିଁ । ହଜରତ ଅବୁବକର ର:ଅ ଚିନ୍ତା କଲେ ଯେ, ହଜୁର ସ:ଆ:ସ କାଳେ ବନୁ ଅସ୍‌ଫର୍ ଅର୍ଥାତ ରୋମୀମାନଙ୍କ ଅଭିମୁଖେ ପ୍ରସ୍ଥାନ କରିବାର ମନସ୍ଥ କରିନେଇଛନ୍ତି କି ? ଏଥିରେ ହଜୁର ସ:ଆ:ସ ଉତର ଦେଲେ ନାଁ । ହଜରତ ଅବୁବକର ର:ଅ ପୁଣି ପଚାରିଲେ, ତେବେ କଣ ଆପଣ ନଜଦ୍ ଆଡ଼କୁ ଯିବା ପାଇଁ ବାହାରିଛନ୍ତି କି ? ମହାଭାଗ ସ:ଆ:ସ କହିଲେ ନା । ପୁଣି ହଜରତ ଅବୁ ବକର୍ ର:ଅ ପଚାରିଲେ ସମ୍ଭବତଃ ଆପଣ କୁରୈଶ୍ ଆଡ଼କୁ ପ୍ରସ୍ଥାନ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ? ହଜୁର ସ:ଆ:ସ ଏଥିରେ ଉତର ଦେଲେ, ହଁ । କିନ୍ତୁ ହେ ଅଲ୍ଲାଃଙ୍କ ବାର୍ତାବହ ଆପଣ ଓ ସେମାନଙ୍କ ମଧ୍ୟରେ ଯେଉଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ସେହି ଚୁକ୍ତିର ଅବଧି ଏ ପର୍ଯ୍ୟନ୍ତ ତ ବାକି ରହିଛି । ହଜୁର ସ:ଆ:ସ କହିଲେ ହେ ଅବୁବକର ! ତୁମକୁ ଜ୍ଞାତ ନାହିଁ ଯେ ସେମାନେ ବନୁ କାଆବ୍ ଅର୍ଥାତ ବନୁ ଖୁଜାଙ୍କ ସହିତ କଣ କରିଛନ୍ତି ? ଏହାପରେ ହଜୁର ସ:ଆ:ସ ନିକଟରେ ଥିବା ଗାଁ ଗଣ୍ଡା ଓ ଆଖପାଖରେ ବସବାସ କରୁଥିବା ମୁସଲମାନମାନଙ୍କ ନିକଟକୁ ସନ୍ଦେଶ ପ୍ରେରଣ କଲେ ଏବଂ ସେମାନଙ୍କୁ ଆଦେଶ ଦେଲେ ଯେ ଯେଉଁ ବ୍ୟକ୍ତି ଅଲ୍ଲାଃ ତାଲା ଓ ପ୍ରଳୟ ଦିବସ ଉପରେ ବିଶ୍ୱାସ ରଖିଛି ସେ ରମ୍‌ଜାନ୍ ମାସରେ ଆସି ମଦିନାରେ ଉପସ୍ଥିତ ହେଉ । ସୁତରାଂ ହଜୁର ସ:ଆ:ସଙ୍କ ଏହି ଘୋଷଣା ଅନୁଯାୟୀ ଆରବର କବିଲାଗୁଡ଼ିକ, ସଭିଏଁ ମଦିନାରେ ଆସି ପହଂଚିବା ଆରମ୍ଭ ହେଲେ । ଯେଉଁ କବିଲାଗୁଡ଼ିକ ମଦିନାରେ ପହଂଚିଥିଲେ, ସେମାନଙ୍କ ମଧ୍ୟରେ ବନୁ ଅସ୍‌ଲମ୍, ବନୁ ଗଫାର୍, ବନୁ ମୁଜୈନା, ବନୁ ଅଶ୍‌ଯଅ ଏବଂ ବନୁ ଜୁହୈନା ସାମିଲ ଥିଲେ । ହଜୁର ସ:ଆ:ସ ସେତେବେଳେ ଦୁଆ କଲେ, ହେ ଅଲ୍ଲାଃ ! ତୁମ୍ଭେ କୁରୈଶ୍ ଓ ସେମାନଙ୍କର ଗୁପ୍ତଚରମାନଙ୍କୁ ସେ ପର୍ଯ୍ୟନ୍ତ ଅଟକାଇ ରଖ ଯେପର୍ଯ୍ୟନ୍ତ କି ଆମେ ସେମାନଙ୍କ ନିକଟରେ ହଠାତ୍ ଯାଇ ନ ପହଂଚିଯାଇଛୁ । ହଜୁର ସ:ଆ:ସ ସମସ୍ତ ମାର୍ଗରେ ନିରିକ୍ଷକକାରୀ ଗୋଷ୍ଠୀ ନିୟୋଜିତ କରି ରଖିଭଥିଲେ କାରଣ ଯିବା ଆସିବା କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ନଜର ରହିପାରିବ ଓ ସେମାନଙ୍କ ସମ୍ପର୍କରେ ମହାଭାଗ ସ:ଆ:ସଙ୍କୁ ତଥ୍ୟ ମିଳିପାରିବ । ହଜୁର ସ:ଆ:ସ ସେହି ନିରୀକ୍ଷକକାରୀ ଗୋଷ୍ଠୀକୁ ଏହି ନିର୍ଦ୍ଦେଶ ଦେଲେ ଯେ ତୁମମାନଙ୍କ ନିକଟ ଦେ ଯଦି କୌଣସି ଅଜଣା ବ୍ୟକ୍ତି ଅତିକ୍ରମ କରନ୍ତି, ତେବେ ତାହାକୁ ଅଟକାଇ ଦେବ । କାରଣ କୁରୈଶ୍‌ମାନଙ୍କୁ ମୁସଲମାନମାନଙ୍କ ପ୍ରସ୍ତୁତି ସମ୍ପର୍କରେ ଯେମିତି କିଛି ବି ଜ୍ଞାତ ନ ହେବ । *(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୩, ପୃ-୧୦୭-୧୦୮..... ବେରୁତ ୨୦୦୨)*

ହଜରତ ମୁସ୍‌ଲେହ୍ ମଉଦ୍ ର:ଅ ଏହି ଘଟଣାର ବିବରଣୀ ବର୍ଣ୍ଣନା କରି କହିଲେ ଯେ ହଜୁର ସ:ଆ:ସ ନିଜର ଜଣେ ପତ୍ନୀଙ୍କୁ କହିଲେ, ଯାତ୍ରା କରିବା ନିମନ୍ତେ ନିଜର ଜିନିଷପତ୍ର ପ୍ରସ୍ତୁତ କର । ସେ ହଜୁର ସ:ଆ:ସଙ୍କ ଯାତ୍ରା ପାଇଁ ଜିନିଷ ପ୍ରସ୍ତୁତ କଲେ । ହଜୁର ସ:ଆ:ସ ହଜରତ ଆଇଶା ର:ଅଙ୍କୁ କହିଲେ, ହେ ଆଇଶା ! ଯାତ୍ରା ପାଇଁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କର । ହଜରତ ଆଇଶା ର:ଅ ମାଟି ପରିଷ୍କାର କରି ଶସ୍ୟରୁ ବୀଜ ବାହାର କରିବାକୁ ଲାଗିଲେ । ହଜରତ ଅବୁବକର ର:ଅ ନିଜ ସୁପୁତ୍ରୀ ନିକଟକୁ ଆସିଲେ ଏବଂ ସେହି ପ୍ରସ୍ତୁତିକୁ ଲକ୍ଷ୍ୟ କରି ହଜରତ ଆଇଶା ର:ଅଙ୍କୁ ପ୍ରଶ୍ନ କଲେ, ହେ ଆଇଶା ! ଏଭଳି ବ୍ୟସ୍ତତା କ'ଣ ପାଇଁ ? ହଜରତ ଆଇଶା ର:ଅ କହିଲେ, ହଜୁର ସ:ଆ:ସଙ୍କ ଆଦେଶ ରହିଛି ଆପଣ ସ:ଆ:ସଙ୍କ ଯାତ୍ରା ପାଇଁ ମୁଁ ପ୍ରସ୍ତୁତି ଚଳାଇଛି । ହଜରତ ଅବୁବକର ର:ଅ ଚିନ୍ତା କଲେ ସମ୍ଭବତଃ ହଜୁର ସ:ଆ:ସ କୌଣସି ଯୁଦ୍ଧ ପାଇଁ ମନସ୍ଥ କରିନେଇଛନ୍ତି । ହଜରତ ଆଇଶା ର:ଅ କହିଲେ ମତେ ଏ ସମ୍ପର୍କରେ କିଛି ବି ଜଣାନାହିଁ । ରସୁଲେ୍ କରିମ୍ ସ:ଆ:ସ ଆଦେଶ ଦେଇଛନ୍ତି ଯେ ମୋ ଯାତ୍ରା ନିମନ୍ତେ ଜିନିଷପତ୍ର ପ୍ରସ୍ତୁତ କରି ରଖ, ତେଣୁ ଆମେ ଏପରି ପ୍ରସ୍ତୁତ କରୁଅଛୁ । ଦୁଇ ତିନିଦିନ ପରେ ଆଁ ହଜରତ ସ:ଆ:ସ ହଜରତ ଅବୁବକର ର:ଅ ଓ ହଜରତ ଉମର ର:ଅଙ୍କୁ ଡ଼କାଇଲେ ଏବଂ କହିଲେ, ଦେଖ କ'ଣ ତୁମେମାନେ ଜାଣିଛ ଯେ ଖୁଜାଅର୍ ଲୋକମାନେ ଆସିଥିଲେ ଓ ପୁଣି ବତାଇଲେ ଯେ ଏହିପରି ଘଟଣା ଘଟିଯାଇଛି । ପୁଣି ମହାଭାଗ ସ:ଆ:ସ କହିଲେ ଉକ୍ତ ଘଟଣା ଘଟିବା ପୂର୍ବରୁ ମୋ ପ୍ରଭୁଙ୍କ ତରଫରୁ ମତେ ଏ ସୁଚନା ପ୍ରାପ୍ତ ହୋଇଯାଇଛି ଯେ କୁରୈଶ୍‌ମାନେ ବିଶ୍ୱାସଘାତକତା କରିଛନ୍ତି । ଆମେମାନେ ସେମାନଙ୍କ ସହିତ ଚୁକ୍ତି କରିଥିଲେ, ବର୍ତମାନ ସେମାନେ ବିଶ୍ୱାସଘାତକତା କରି ଚୁକ୍ତି ଭଙ୍ଗ କରିଛନ୍ତି । ତେଣୁ ବର୍ତମାନ ସେମାନଙ୍କ ମୁକାବିଲା ପାଇଁ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ । ଆମେମାନେ ସେଠାକୁ ଯିବା ଏଥିସଂକ୍ରାନ୍ତରେ ତୁମର ମତାମତ କଣ ରହିଛି ? ହଜରତ ଅବୁବକର ର:ଅ କହିଲେ ହେ ଅଲ୍ଲାଃଙ୍କ ବାର୍ତାବହ ! ଆପଣ ତ ସେମାନଙ୍କ ସହିତ ଚୁକ୍ତି ସ୍ୱାକ୍ଷାରିତ କରିଛନ୍ତି ଏବଂ ସେମାନେ ତ ଆପଣଙ୍କର ଜାତିଭାଇ ଅଟନ୍ତି । କହିବାର ତାତ୍ପର୍ଯ୍ୟ ଏହା ଥିଲା ଯେ କଣ ଆପଣ ସ:ଆ:ସ ନିଜ ଜାତିଭାଇକୁ କଣ ମାରିବେ ? ହଜୁର ସ:ଆ:ସ କହିଲେ, ଆମେମାନେ ନିଜ କୌମ୍ ଅର୍ଥାତ ନିଜ ଜାତି ଭାଇମାନଙ୍କୁ ମାରିବୁ ନାହିଁ କିନ୍ତୁ ଚୁକ୍ତିଭଙ୍ଗକାରୀଙ୍କୁ ନିଶ୍ଚିତ ଦଣ୍ଡିତ କରିବୁ । ଏଥିଅନ୍ତେ ହଜରତ ଉମର ର:ଅଙ୍କୁ ଯେତେବେଳେ ପଚରାଗଲା ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତାବହ ! ବିସ୍‌ମିଲ୍ଲାଃ ମୁଁ ତ ପ୍ରତିଦିନ ଏହି ପ୍ରାର୍ଥନା କରୁଥିଲି ଯେ ଏହି ଦିନ ଖୁବ୍ ଶିଘ୍ର ଆସନ୍ତା କି ଓ ଆମେମାନେ ରସୁଲେ୍ କରିମ୍ ସ:ଆ:ସଙ୍କ ସୁରକ୍ଷା ପାଇଁ ଅବିଶ୍ୱାସକାରୀଙ୍କ ସହିତ ଲଢ଼ିବୁ (ଏବଂ ସେଥିପାଇଁ ଆମେ ପୂର୍ଣ୍ଣ ରୂପେ ପ୍ରସ୍ତୁତ) । ହଜୁର ସ:ଆ:ସ କହିଲେ ହଜରତ ଅବୁବକର ର:ଅଙ୍କ ସ୍ୱଭାବ ଅତ୍ୟନ୍ତ କୋମଳ କିନ୍ତୁ ହଜରତ ଉମର ର:ଅଙ୍କ ତୁଣ୍ଡରୁ ସତ୍ୟ ବଚନ ଅଧିକ ବାହାରିଥାଏ ।

ଏଥିଅନ୍ତେ ହଜୁର ସ:ଆ:ସ କହିଲେ, ତୁମେମାନେ ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କର । ଏତଦ୍ ପରେ ହଜୁର ସ:ଆ:ସ ଆଖପାଖର ସମ୍ପ୍ରଦାୟକୁ ଏକତ୍ରିତ କରିବାପାଇଁ ସନ୍ଦେଶ ପ୍ରେରଣ କରିଦେଲେ । ସେହି ବାର୍ତାରେ ଆପଣ ସ:ଆ:ସ ଏହା ଉଲ୍ଲେଖ କରିଥିଲେ ଯେ, ପ୍ରତ୍ୟେକ ବ୍ୟକ୍ତି ଯିଏ ଅଲ୍ଲାଃ ତାଲା ଓ

**ତ୍ରୁଟି ସଂଶୋଧନ**

ସାପ୍ତାହିକ ଓଡ଼ିଆ ବଦର୍ ବର୍ଷ: ୭ ସଂଖ୍ୟା: ୮-୯ ୨୪ ଫେବୃୟାରୀ/୦୩ ମାର୍ଚ୍ଚ ୨୦୨୨ ସଂଖ୍ୟାରେ ପ୍ରକାଶ ପାଇଥିବା ଖୁତ୍‌ବା ଜୁମା ବାସ୍ତବିକ ୭ ଜାନୁୟାରୀ ୨୦୨୨ ମୁତାବକ ୭ ସୁଲାହ୍ ୧୪୦୧ ହିଜ୍ରୀ ଶମ୍‌ସି ହେବା ଉଚିତ ଯାହା ଭୂଲବଶତଃ ୩୧ ଡ଼ିସେମ୍ବର ୨୦୨୧ ମୁତାବକ ୩୧ ଫତହ୍ ୧୪୦୦ ହିଜ୍ରୀ ଶମ୍‌ସି ଛପା ହୋଇଯାଇଛି । ସେହିପରି ବର୍ଷ-୭ ୧୦-୧୭ ମାର୍ଚ୍ଚରେ ପ୍ରକାଶ ପାଇଥିବା ସାପ୍ତାହିକ ବଦର ସଂଖ୍ୟାର ବାସ୍ତବିକ ସଂଖ୍ୟା ହେଉଛି ୧୦-୧୧ ତା' ସ୍ଥାନରେ ଭୂଲବଶତଃ ସଂଖ୍ୟା- ୧୧-୧୨ ହୋଇଯାଇଛି । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ । ପାଠକ/ପାଠିକା ମାନଙ୍କୁ ଅନୁରୋଧ ତ୍ରୁଟିକୁ ସଂଶୋଧନ କରିନେବେ । ***(କାର୍ଯ୍ୟାଳୟ ଓଡ଼ିଆ ବଦର)***

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2020-2022 Vol.7 Thursday 07-14 Apr 2022 Issue No. 14-15**

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ରସୁଲ୍‌ଙ୍କ ଉପରେ ବିଶ୍ୱାସ ରଖେ ସେ ରମ୍‌ଜାନ ମାସ ପ୍ରାରମ୍ଭିକ ଦିନରେ ଆସି ମଦିନାରେ ଏକତ୍ରିତ ହୋଇଯାଆନ୍ତୁ । ସୁତରାଂ ସୈନ୍ୟଦଳ ଯେତେବେଳେ ଏକତ୍ରିତ ହେବା ଆରମ୍ଭ ହେଲେ ସେତେବେଳେ ଅନେକ ହଜାର ଲୋକଙ୍କର ସମାଗମ ହେଲା ଓ ହଜୁର ସ:ଆ:ସ ମଦିନାରୁ ବାହାରିଲେ । ଯେତେବେଳେ ରସୁଲେ୍ କରିମ୍ ସ:ଆ:ସ ବାହାରିଲେ ସେତେବେଳେ ଆପଣ ସ:ଆ:ସ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କଲେ ଯେ ହେ ପ୍ରଭୁ ! ତୁମ୍ଭେ କୁରୈଶ୍‌ର ଲୋକମାନଙ୍କୁ ବଧିର କରିଦିଅ ଓ ସେମାନଙ୍କର ଗୁପ୍ତଚରଙ୍କୁ ଅନ୍ଧ କରିଦିଅ ନା ସେମାନେ ଆମକୁ ଦେଖି ପାରନ୍ତୁ, ନା ସେମାନଙ୍କ କର୍ଣ୍ଣରେ ଆମର କୌଣସି ଖବର ପହଂଚୁ । ସୁତରାଂ ଆପଣ ସ:ଆ:ସ ମକ୍କା ଅଭିମୁଖେ ବାହାରି ପଡ଼ିଲେ । ମଦିନାରେ ଅନେକ କପଟବିଶ୍ୱବାସୀ ମଧ୍ୟ ଉପସ୍ଥିତ ଥିଲେ କିନ୍ତୁ ଦଶ ହଜାର ବିଶିଷ୍ଟ ସୈନ୍ୟଦଳ ମଦିନାରୁ ବାହାରିଯିବା ସତ୍ୱେ ମଧ୍ୟ ସେମାନଙ୍କୁ ତାହାର ଭନକ ମଧ୍ୟ ଲାଗିନଥିଲା । *(ସେରେ ରୂହାନୀ (୭), ଅନୱାରୁଲ୍ ଉଲୁମ୍, ଖଣ୍ଡ-୨୪, ପୃ-୨୬୦-୨୬୨)* ଏହି ଚମତ୍କାର ହେଉଛି ସେହି ବିଶ୍ୱ ବ୍ରହ୍ମାଣ୍ଡର ପ୍ରଭୁ ଓ ସର୍ବଶକ୍ତିମାନ ଅଲ୍ଲାଃଙ୍କର ।

ତବକାତେ ଇବ୍‌ନେ ସାଆଦ୍‌ରେ ଉଲ୍ଲେଖ ରହିଛି ଯେ ମୁସଲମାନମାନଙ୍କ ପ୍ରତିନିଧି ମଣ୍ଡଳ ଇଶା ସମୟରେ ମର୍‌ରୁ ଜହ୍‌ରାନ୍‌ଠାରେ ପହଂଚିଥିଲା । ମର୍‌ରୁ ଜହ୍‌ରାନ୍ ମକ୍କାଠାରୁ ମଦିନା ମାର୍ଗରେ ୨୫ କିଲୋମିଟର ଦୂରତାରେ ଅବସ୍ଥିତ ଅର୍ଥାତ ମକ୍କାଠାରୁ ୨୫ କିଲୋମିଟର ଦୂରତାରେ ଅବସ୍ଥିତ । ହଜୁର ସ:ଆ:ସ ସାହାବାମାନଙ୍କୁ ଯେତେବେଳେ ଆଦେଶ ଦେଲେ ସେତେବେଳେ ସାହାବାମାନେ ଦଶହଜାର ସ୍ଥାନରେ ଅଗ୍ନି ପ୍ରଜ୍ୱଳିତ କଲେ । ଅମାନ୍ୟକାରୀ କୁରୈଶ୍‌ମାନଙ୍କୁ ହଜୁର ସ:ଆ:ସଙ୍କ ଆଗମନର ସୁଚନା ପ୍ରାପ୍ତ ହୋଇନଥିଲା । ସେମାନେ ଆତଙ୍କିତ ହୋଇ ପଡ଼ିଲେ ଯେ କାଳେ ବର୍ତମାନ ଯୁଦ୍ଧ ହୋଇଯିବ କି ? ଅର୍ଥାତ ଖବର ତ ମିଳିନଥିଲା କିନ୍ତୁ ସେମାନଙ୍କ ମନରେ ଏହି ଭୟ ଉଦ୍ବେଗ ହୋଇଥିଲା ଯେ ଏବେ ନିଶ୍ଚିତ ରୂପେ କୁରୈଶ୍‌ମାନଙ୍କର ଯୁଦ୍ଧ ହୋଇଯିବ । (ଅର୍ଥାତ ବର୍ତମାନ ହଜୁର ସ:ଆ:ସ ଅବଶ୍ୟ ସେମାନଙ୍କୁ ନୀପାତ କରିଦେବେ) ସେମାନେ ଏଥିରେ ଦୁଃଖିତ ଥିଲେ । ସେ ଯାହା ହେଉ ନା କାହିଁକି ଏହା ଜଣାପଡୁଛି ଯେ ଏଠାରେ ଭୁଲ ଲେଖା ହୋଇ ଯାଇଅଛି ଯେ ହଜୁର ସ:ଆ:ସଙ୍କ ପ୍ରସ୍ଥାନର ସୂଚନା ସେମାନଙ୍କୁ ମିଳିଯାଇଥିଲା ବୋଲି । କିନ୍ତୁ ମକ୍କାଠାରେ ପହଂଚିବା ପରେ ହିଁ ସେହି ଖବର ମିଳିଥିବ । ଅତଏବ ଯେତେବେଳେ ଦଶହଜାର ସୈନ୍ୟଦଳ ନିଜର ମଶାଲ୍ ପ୍ରଜ୍ୱଳିତ କଲେ ସେତେବେଳେ କୁରୈଶମାନେ ଅବୁ ସୁଫିୟାନ୍‌କୁ ପ୍ରେରଣ କଲେ ଯେ ସେ ଯାଇ ପରିସ୍ଥିତିର ଅନୁଧ୍ୟାନ କରି ଆସନ୍ତୁ । ସୁତରାଂ ଅବୁ ସୁଫିୟାନ୍‌କୁ ସେମାନେ କହିଲେ ଯେ ତୁମେ ଯାଇ ମୁହମ୍ମଦକୁ ସାକ୍ଷାତ କର ଏବଂ ତାଙ୍କୁ ଶାନ୍ତିର ବାର୍ତା ପାଇଁ ସହମତି କରାଅ । ଅବୁ ସୁଫିୟାନ୍ ବିନ୍ ହରବ୍, ହକିମ୍ ବିନ୍ ହଜାମ୍ ଓ ବୁଦୈଲ୍ ବିନ୍ ଓ୍ୱରକା ହଜୁର ସ:ଆ:ସଙ୍କ ନିକଟକୁ ବାର୍ତାଳାପ କରିବାକୁ ବାହାରିଲେ । ଯେତେବେଳେ ସେମାନେ ହଜୁର ସ:ଆ:ସଙ୍କ ସୈନ୍ୟଦଳକୁ ଦେଖିଲେ ସେମାନେ ବ୍ୟତିବ୍ୟସ୍ତ ହୋଇପଡ଼ିଲେ । ସେହି ରାତିରେ ପ୍ରହରା ଦେବା ପାଇଁ ହଜରତ ଉମର ର:ଅଙ୍କୁ ହଜୁର ସ:ଆ:ସ ନିୟୋଜିତ କରିଥିଲେ । ହଜରତ ଅବ୍‌ବାସ ର:ଅ ଯେତେବେଳେ ଅବୁ ସୁଫିୟାନ୍‌ର ସ୍ୱର ଶୁଣିଲେ ଓ କହିଲେ ହେ ଅବୁ ହନ୍‌ଜଲାଃ (ଏହା ଅବୁ ସୁଫିୟାନ୍‌ର ଉପନାମ ଥିଲା) ! ସେ ଉତର ଦେଲା ଆଜ୍ଞା । ହେ ଅବ୍‌ବାସ ! ତୁମ ପଛରେ କ'ଣ ? ହଜରତ ଅବ୍‌ବାସ୍ ର:ଅ କହିଲେ ଦଶହଜାର ସୈନ୍ୟ ସାମନ୍ତ ସମେତ ହଜୁର ସ:ଆ:ସ ଆସି ଏଠାରେ ଓହ୍ଲାଇଛନ୍ତି । ହଜରତ ଅବ୍‌ବାସ ର:ଅ ତାଙ୍କୁ ଓ ତା'ର ଦୁଇ ସାଥିଙ୍କୁ ଶରଣ ଦେଲେ ଓ ସେମାନଙ୍କୁ ନେଇ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ କରାଇଥିଲେ । ସୁତରାଂ ସେହି ତିନିଜଣ ଯାକ ଇସଲାମ୍ ଧର୍ମରେ ଦିକ୍ଷୀତ ହୋଇଥିଲେ । ଅର୍ଥାତ ତାହାକୁ ସୁରକ୍ଷା ପ୍ରଦାନ କଲେ ଏବଂ ତାହାର ଦୁଇ ସାଥିଙ୍କ ସହିତ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ । ସେହିଠାରେ ଉକ୍ତ ତିନି ଜଣ ବ୍ୟକ୍ତି ଇସଲାମ ଧର୍ମରେ ଦିକ୍ଷୀତ ହେଲେ । ହଜରତ ଅବୁବକର ର:ଅଙ୍କ ଜୀବନୀ ପ୍ରସଙ୍ଗରେ ଆହୁରି ଅନେକ କିଛି ରହିଛି ଯାହାକି ଇନ୍‌ଶା ଅଲ୍ଲାଃ ଆଗାମୀ ଖୁତବାରେ ଚର୍ଚ୍ଚା କରିବି । *(ତବକାତୁଲ୍ କୁବ୍‌ରା.........ଖଣ୍ଡ-୨, ପୃ-୧୦୨-୧୦୩........... ବେରୁତ ୨୦୧୭) (ଅଟ୍‌ଲସ୍ ସିରତ୍ ନବୱି ସ:ଆ:ସ ପୃ-୩୯୬, ମକ୍‌ତବା ଦାରୁସ୍ ସଲାମ୍)*

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୬ ର ଅବଶିଷ୍ଟାଂଶ ......*

ସହିତ ମିଶି ଚାଲିଲେ । ଏହିପରି ସେମାନଙ୍କର ମୋଟା ମୋଟି ସଂଖ୍ୟା ଦଶ ହଜାର ହୋଇଗଲା ।

ଯେତେବେଳେ ହଜୁର ସ.ଅଙ୍କୁ ସେମାନଙ୍କର ମକ୍କାରୁ ଏପରି ପ୍ରସ୍ତୁତ ହୋଇ ବାହାରିବାର ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ସ.ଅ.ସ ସାହାବାମାନଙ୍କୁ ଡକାଇଲେ ଓ ସେମାନଙ୍କ ସହିତ ଶତ୍ରୁମାନଙ୍କ ବିଷୟରେ ପରାମର୍ଶ କଲେ । ଏଥିରେ ହଜରତ ସଲମାନ୍ ଫାର୍ସୀର.ଅ ଏ ପରାମର୍ଶ ଦେଲେ ଯେ ମଦିନାର ଚାରିପଟେ ଖନ୍ଦକ (ଅର୍ଥାତ୍ ଗଡଖାଇ) ଖୋଳାଯାଉ । ସୁତରାଂ ତାଙ୍କର ଏହି ପରାମର୍ଶକୁ ମୁସଲମାନମାନେ ପସନ୍ଦ କଲେ । ନବୀ ସ.ଅ.ସ ଙ୍କ ସମୟରେ ମଦିନାର ଉତର ଦିଗଟି ଖାଲି ଥିଲା । ବାକି ତିନୋଟି ଯାକ ଦିଗରେ ବାସଗୃହ ତଥା ବଗିଚାମାନ ଆଚ୍ଛାଦିତ ଥିଲା ଯେଉଁ ମାର୍ଗଦେଇ ଶତ୍ରୁ ଆସିପାରିନଥାନ୍ତେ । ଅତେବ୍ ଖୋଲାଥିବା ସ୍ଥାନରେ ଖନ୍ଦକ (ଅର୍ଥାତ୍ ଗଡଖାଇ) ଖୋଳାଯାଇ ମଦିନା ସହରକୁ ସୁରକ୍ଷା କରିବା ନିମନ୍ତେ ନିଷ୍ପତି ନିଆଗଲା ।

ରସୁଲୁଲ୍ଲାଃସ.ଅ.ସ ତିନି ହଜାର୍ ମୁସଲମାନମାନଙ୍କ ସହିତ ମିଶି ଖନ୍ଦକ(ଅର୍ଥାତ୍ ଗଡଖାଇ) ଖୋଳିବା ଆରମ୍ଭ କରିଦେଲେ । ରସୁଲୁଲ୍ଲାଃସ.ଅ.ସ ଅନ୍ୟ ମୁସଲମାନମାନଙ୍କ ସହିତ ମିଶି ଖନ୍ଦକ(ଅର୍ଥାତ୍ ଗଡଖାଇ) ଖୋଳିବା କାମରେ ଲାଗିଯାଇଥିଲେ ଯଦ୍ୱାରା ମୁସଲମାନମାନଙ୍କର ମନୋବଳ ବଢିବ । ସୁତରାଂ ମାତ୍ର ଛ' ଦିନ ମଧ୍ୟରେ ଏହି ଖନ୍ଦକ ଟି ଖୋଳାଯାଇଥିଲା । ଏହି ଖନ୍ଦକର ଦୈର୍ଘ୍ୟ ପାଖାପାଖି ୬ ହଜାର୍ ଗଜ ଥିଲା । ଏ ଅନୁସାରେ ହିସାବ କଲେ ସେହି ଖନ୍ଦକର ଦୈର୍ଘ୍ୟ ପାଖାପାଖି ସାଢେ ତିନି ମାଇଲ୍ ଥିଲା । (ତବକାତୁଲ୍ କୁବରା ଲିଇବନେ ସାଆଦ୍,ଖ-୨,ପୃ-୫୦-୫୧......... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୭)(ଅଟଲସ୍ ସିରତ୍ ନବୱି ସ.ଅ.ସ ପୃ-୨୭୮,ଦାରୁସସଲାମ୍ ୧୪୨୪ ହୀଜ୍ରୀ)

ହଜରତ୍ ଅବୁବକର୍ ର.ଅ ରସୁଲୁଲ୍ଲାଃସ.ଅ.ସ ଙ୍କ ସହିତ ସାଥିରେ ହିଁ ରହୁଥିଲେ । ଖନ୍ଦକ(ଅର୍ଥାତ୍ ଗଡଖାଇ) ଖୋଳିବା ସମୟରେ ହଜରତ୍ ଅବୁବକର୍ ର.ଅ ନିଜ କପଡାରେ ମାଟି ଉଠାଉଥିଲେ ଏବଂ ସେ ସମସ୍ତ ସାହାବା ମାନଙ୍କ ସହିତ ମଶି ଖନ୍ଦକ(ଅର୍ଥାତ୍ ଗଡଖାଇ) ଖୋଳିବା କାର୍ଯ୍ୟରେ ସାମିଲ୍ ଥିଲେ ଯଦ୍ୱାରା ଖୋଳିବା କାମ ଯଥାଶୀଘ୍ର ଧାର୍ଯ୍ୟ ସମୟରେ ଶେଷ ହୋଇଯାଉ । (ଖଲିଫତୁଲ୍ ଅଓଲ୍ ଅବୁବକର୍ ସିଦ୍ଦିକ୍ .....ପୃ-୬୫-୬୬ ......ଦାରୁଲ୍ ମାରଫାଃ ବେରୁତ୍ ୨୦୦୬)

ଏହି ଖନ୍ଦକ(ଅର୍ଥାତ୍ ଗଡଖାଇ) ଖୋଳିବା କାର୍ଯ୍ୟରେ କୌଣସି ଜଣେ ହେଲେ ବି ମୁସଲମାନ ପଛରେ ରହିଯାଇ ନଥିଲେ । ଯେତେବେଳେ ହଜରତ ଅବୁବକରର.ଅ ଓ ହଜରତ ଉମର ର.ଅଙ୍କୁ ମାଟି ଉଠାଇବାକୁ ଟୋକେଇ ମଲୁନଥିଲା ସେତେବେଳେ ସେମାନେ ଶୀଘ୍ର ଶୀଘ୍ର ନିଜର ପିନ୍ଧା ବସ୍ତ୍ର ଜରିଆରେ ମାଟିକୁ ବୋହିନେବା ପାଇଁ ବ୍ୟବହାର କରିଦେଉଥିଲେ । ସେହି ଦୁଇଯଣଯାକ ପ୍ରତ୍ୟେକ କାର୍ଯ୍ୟରେ ଓ ପ୍ରତ୍ୟେକ ଯାତ୍ରାରେ ଜଣେ ଅନ୍ୟଜଣକଠାରୁ କେବେ ବି ଅଲଗା ହେଉନଥିଲେ । (ସୁବୁଲୁଲ୍ ହୁଦା ଓର୍ ରଶାଦ୍ ଖ-୪, ପୃ-୩୬୫ ...... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୧୯୯୩)

ରସୁଲୁଲ୍ଲାଃସ.ଅ.ସ ସେହି ଖନ୍ଦକ(ଅର୍ଥାତ୍ ଗଡଖାଇ) ଖୋଳିବା କାର୍ଯ୍ୟରେ ବହୁତ ପରିଶ୍ରମ କରିଥିଲେ । କେବେ କୋଦାଳ ଚାଳନା କରୁଥିଲେ ତ କେବେ ବେଲଚା ଚାଳନା କରି ମାଟି ଏକାଠି କରୁଥିଲେ ଏବଂ କେବେ୍ ଟୋକେଇରେ ମାଟି ଉଠାଉଥିଲେ । ଦିନେ ରସୁଲୁଲ୍ଲାଃସ.ଅ.ସ ବହୁତ ଥକିଗଲେ , ଫଳତଃ ରସୁଲୁଲ୍ଲାଃସ.ଅ.ସ ଥକିକି ବସିପଡିଲେ । ପୁଣି ଯେବେ ନିଜ ବାମପଟେ ପଥରର ସାହାରା (ଆଶ୍ରୟ) ନେଲେ,ଆପଣ ସ.ଅ.ସ ଙ୍କୁ ନିଦ ଲାଗିଗଲା ସେତେବେଳେ ହଜରତ ଅବୁବକରର.ଅ ଓ ହଜରତ ଉମର ର.ଅ ଆପଣ ସ.ଅ.ସ ଙ୍କ ମୁଣ୍ଡ ପାଖରେ ଛିଡାହୋଇ ଲୋକମାନଙ୍କୁ ଆପଣ ସ.ଅ.ସ ଙ୍କ ନିକଟଦେଇ ଯିବାରୁ ରୋକୁଥିଲେ ଯେ କାଳେ ସେମାନେ ଆପଣ ସ.ଅ.ସ ଙ୍କୁ ଜଗାଇ ନ ଦିଅନ୍ତୁ । (ସୁବୁଲୁଲ୍ ହୁଦା ଓର୍ ରଶାଦ୍ ଖ-୪, ପୃ-୩୬୭ ...... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୧୯୯୩)

କୁରୈଶ୍ ଏବଂ ସେମାନଙ୍କ ମିତ୍ର କବିଲାଗିଡିକର ସୈନ୍ୟ ସଂଖ୍ୟା ମିଶି ଦଶ ହଜାର ଥିଲା । ସେମାନେ ଯେତେବେଳେ ମୁସଲମାନମାନଙ୍କୁ ଘେରିଗଲେ ସେତେବେଳେ ହଜରତ ଅବୁବକରର.ଅ ମୁସଲମାନମାନଙ୍କ ଗୋଟିଏ ସୈନ୍ୟ ଦଳର ନେତୃତ୍ୱ ନେଉଥିଲେ । ହଜରତ ଅବୁବକରର.ଅ ମୁସଲମାନମାନଙ୍କର ଯେଉଁଠାରେ ନେତୃତ୍ୱ ନେଇଥିଲେ ପରବର୍ତୀ ସମୟରେ ସେଠାରେ ଏକ ମସଜିଦ୍ ନିର୍ମାଣ କରାଯାଇଥିଲା ଓ ତାହାର ନାମ ମସଜିଦ୍ ସିଦ୍ଦିକ୍ ରଖାଯାଇଥିଲା । (ସୟଦନା ସିଦ୍ଦିକ୍ ଅକବର୍ ର ଅ ସଂକଳକ ଅଲହାଜ୍ ହକିମ୍ ଗୁଲାମ୍ ନବୀ , ପୃ-୪୧,......ଲାହୋର୍ ୨୦୧୦)

ପ୍ରିୟ ହଜୁର ଅନଓ୍ୱରଅ.ବ କହିଲେ; ହଜରତ ଅବୁବକର ର.ଅଙ୍କ ଜୀବନୀ ଚର୍ଚ୍ଚା ଇନ୍‌ଶା ଅଲ୍ଲାଃ ଆସନ୍ତାରେ ମଧ୍ୟ ଜାରି ରହିବ । ପୁଣି ପ୍ରିୟ ହଜୁର ଅନଓ୍ୱରଅ.ବ କହିଲେ;ମୁଁ ଏବେ କିଛି ମରହୁମୀନ୍ (ମୃତକ) ମାନଙ୍କ ଉତମଗୁଣାବଳୀର ଚର୍ଚ୍ଚା କରିବି । ସର୍ବ ପ୍ରଥମେ ମୁଁ ଶ୍ରୀମତୀ ମୁବାରକା ବେଗମ୍ ସାହେବା ପତ୍ନୀ ମୁଖ୍‌ତାର ଅହେମଦ ଗୋନ୍ଦଲ ସାହେବଙ୍କର ଚର୍ଚ୍ଚା କରିବି । ୧୧ ଯାନୁୟାରୀ ଦିନ ୯୩ ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା । ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହି ରାଜେଉନ୍ । ସେ ହଜରତ୍ ମସିହ୍ ମଉଦ୍ ଆ.ସଙ୍କ ସାହାବି ଚୌଧୁରୀ ଗୁଲାମ ମୁହମ୍ମଦ୍ ଗୋନ୍ଦଲ ସାହେବଙ୍କର ବୋହୂ ଥିଲେ । ସେ ଜମାଅତର ଖିଦମତ୍ (ସେବାକାର୍ଯ୍ୟ) ବହୁତ ଉତ୍ସାହର ସହିତ କରୁଥିଲେ । ସେ ନିଜ ଗ୍ରାମ ଚକ୍ ୯୯ ଶୁମାଲି ର ସଦର୍ ଲଜନା ଭାବରେ ବି ସେବା କରିଛନ୍ତି । ନମାଜ୍ ଓ ରୋଜା ନିୟମିତ ରଖୁଥିଲେ । ପୁଣ୍ୟବତୀ, ଗରୀବମାନଙ୍କ ସେବାକାରୀ ତଥା ଜଣେ ନିଷ୍ଠାବାନ୍ ମହିଳା ଥିଲେ । ସାରା ଜୀବନ ସେ ପିଲାମାନଙ୍କୁ ଓ ବଡମାନଙ୍କୁ ପବିତ୍ର କୁରଆନ୍ ପଢାଇବା ର ସୌଭାଗ୍ୟ ପାଇଛନ୍ତି । ସେ ମୁସି

***ଅବଶିଷ୍ଟାଂଶ ପୃଷ୍ଠା-୦୨ ରେ ଦେଖନ୍ତୁ...***

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**